R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୫୩
ତିଥି : ନବମୀ
୨୦ ଜୁନ୍ ୨୦୨୫, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 253
20 June 2025,Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ସେବା
## ସୁଶାସନ
## ଗରିବ କଲ୍ୟାଣ
ପାଇଁ ସମର୍ପିତ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ

ପ୍ରଧାନମନ୍ତ୍ରୀ
## ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

₹ ୧୮,୬୦୦ କୋଟିର ଭିତ୍ତିଭୂମି ପ୍ରକଳ୍ପର **ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ**

ନୂତନ ରେଳ ସେବା ଏବଂ ୧୦୦ ବ୍ୟାଟେରୀ ଚାଳିତ ବସ୍‌ର **ଶୁଭାରମ୍ଭ**

ବରପୁତ୍ର ସମ୍ମାନ ଯୋଜନାର **ଲୋକାର୍ପଣ**

ଓଡ଼ିଶା ଭିଜନ୍ ୨୦୩୬ | ୨୦୪୭ ପୁସ୍ତିକା **ଶୁଭ ଉନ୍ମୋଚନ**

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ **ପୁସ୍ତିକା ଉନ୍ମୋଚନ**

ଲକ୍ଷପତି ଦିଦିଙ୍କୁ **ସମ୍ବର୍ଦ୍ଧନା ଜ୍ଞାପନ**

**୨୦ ଜୁନ୍ ୨୦୨୫ | ଅପରାହ୍ନ ୪ ଘଟିକା | ଜନତା ମଇଦାନ, ଭୁବନେଶ୍ୱର**

### ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍‌ପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀଯୁକ୍ତ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକା ଗଣ

OIPR: 15001/13/0713/2526 DADLS-34

ସିଧା ପ୍ରସାରଣ: DD News and DD Odia | YouTube: @DD Odia News Official/@DD Odia

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ଜନଜାତି ମାଟିର ଜ୍ୟୋତି ମହାମହିମ ଦ୍ରୌପଦୀ ମୁର୍ମୁ

ଜନ୍ମଦିନ ଶୁଭେଚ୍ଛା



ମୋହନ ଚରଣ ମାଝୀ

**ଆ**ଜି ତାଙ୍କ ଜନ୍ମଦିନରେ ମନେପଡେ, ସେଇ ସବୁ ପୁରୁଣା ଦିନର କଥା, ଯେତେବେଳେ ଶ୍ରୀମତୀ ମୁର୍ମୁ ମୋତେ କେବଳ ରାଜନୀତି ବିଷୟରେ ନୁହେଁ, ପାରିବାରିକ ଓ ସାମାଜିକ ସଭାବ ବିଷୟରେ ବୁଝାଉଥିଲେ । ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ମତ ବିନିମୟ କରୁଥିଲେ । ଜଣେ ସଚ୍ଚୋଟ, ସରଳ ଓ ସ୍ନେହୀ ମଣିଷ ଭାବେ ପରକୁ ଆପଣାର କରିବା ଥିଲା ଶ୍ରୀମତୀ ମୁର୍ମୁଙ୍କର ସବୁଠୁ ବଡ ଉପଲବ୍ଧି ।

ଦ୍ରୌପଦୀ ମୁର୍ମୁଙ୍କ ଜନ୍ମ ହୋଇଥିଲା ୨୦ ଜୁନ ୧୯୫୮ରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର କୁସୁମୀ ବ୍ଲକ୍ ଅନ୍ତର୍ଗତ ଉପରବେଡ଼ା ଗ୍ରାମରେ, ଏକ ସାଧାରଣ ଆଦିବାସୀ ସାନ୍ତାଳ ପରିବାରରେ । ଗରିବ ଆଦିବାସୀ ସାନ୍ତାଳୀ ପରିବାରରେ ଜନ୍ମ ହୋଇଥିଲେ ମଧ ବାପା ବିରଞ୍ଚି ନାରାୟଣ ଟୁଡୁ ଝିଅର ପାଠପଢ଼ା କ୍ଷେତ୍ରରେ ଆଦୌ ଅବହେଳା କରିନଥିଲେ । ଆଦିବାସୀ ଝିଅ ହୋଇଥିଲେ ମଧ ଠିକ୍ କଥାରେ କେବେ ବି ସେ ପଛଘୁଞ୍ଚା ଦେଉ ନ ଥିଲେ ।

ସେତେବେଳର ଆଦିବାସୀ ହଷ୍ଟେଲ ମାଟ୍ରନ୍ ବ୍ରଜେଶ୍ୱରୀ ମିଶ୍ରଙ୍କ ସ୍ନେହ, ଅର୍ଥନୀତି ଅଧ୍ୟାପିକା କାନନ ମଞ୍ଜରୀ ମିଶ୍ରଙ୍କ ପାଠପଢ଼ା ଶୈଳୀକୁ ସେ ସର୍ବଦା ପ୍ରଶଂସା କରିଛନ୍ତି । ହଷ୍ଟେଲ ମେସ୍‌ର ପରିଚାଳନା ଦାୟିତ୍ୱରେ ବି ସେ ରହିଥିଲେ । ଛାତ୍ରୀ ଜୀବନରୁ ସେ ବେଶ୍ ନିର୍ଭିକ ଥିଲେ, କିନ୍ତୁ ପାଠ ପଢ଼ିବା ଲାଗି ତାଙ୍କ ଜୀବନ ଥିଲା ସଂଘର୍ଷମୟ । ଭଲ ପଢୁଥିବା ସତ୍ତ୍ୱେ, ଆର୍ଥିକ ଅନଟନ ଯୋଗୁଁ ଅଧିକ ପଢିବାର ତାଙ୍କର ଯେଉଁ ଇଚ୍ଛା ଥିଲା, ତାଙ୍କର ସେ ସ୍ୱପ୍ନ ପୂରଣ ହୋଇ ପାରି ନଥିଲା ।

୧୯୭୯ରେ ସଚିବାଳୟରେ ଚାକିରି ପାଇବାର କିଛି ମାସ ମଧ୍ୟରେ ବିବାହ ହୋଇଥିଲା ବ୍ୟାଙ୍କ ଅଫିସର ଶ୍ୟାମଚରଣ ମୁର୍ମୁଙ୍କ ସହ । ମାତ୍ର ସଚିବାଳୟରେ ବେଶି ଦିନ ସେ ଚାକିରି କରିପାରି ନ ଥିଲେ । ପରିବାରର ବିଭିନ୍ନ ସମସ୍ୟା ତାଙ୍କ ଚଲାପଥରେ ପ୍ରତିବନ୍ଧକ ସାଜିଲା । କିନ୍ତୁ, ବିଧିର ବିଧାନ ଥିଲା କିଛି ଅଲଗା । ଚାକିରି ଛାଡ଼ି ପରିଣତ ବୟସରେ ଉପନୀତ ଶାଶୁ, ଶ୍ୱଶୁରଙ୍କ ଯତ୍ନ ନେବା ଲାଗି ଭୁବନେଶ୍ୱରରୁ ଗାଁକୁ ଫେରିଥିଲେ । ପରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷକତା କରିବାର ସୁଯୋଗ ମିଳିଲା ଏବଂ ୧୯୯୪ରୁ ୧୯୯୭ ପର୍ଯ୍ୟନ୍ତ ସେଠାରେ ସେ ଶିକ୍ଷାଦାନ କରିଥିଲେ ।

ପରବର୍ତ୍ତୀ ସମୟରେ ରାଜନୀତିରେ ପାଦ ଥାପିଥିଲେ । ରାଜନୈତିକ ଜୀବନ ଆରମ୍ଭ କରିବା ପରେ, ଦ୍ରୌପଦୀ ମୁର୍ମୁ ୧୯୯୭ ମସିହାରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ ।

ଗ୍ରାମ ପଞ୍ଚାୟତରୁ ଆରମ୍ଭ କରି ବିଧାୟକ ଏବଂ ପରେ ମନ୍ତ୍ରୀ ପର୍ଯ୍ୟନ୍ତ ତାଙ୍କ ଉତ୍କର୍ଷ ଅଗ୍ରଗତି ଜଣେ ସଫଳ ନେତ୍ରୀ ଭାବରେ ତାଙ୍କୁ ଉଭାସିତ କଲା । ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଓଡ଼ିଶା ସରକାରରେ ମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇ ଥିଲେ । ତେବେ ରାଜନୀତିରେ ସଫଳତାର ଶିଖର ଛୁଇଁଥିଲେ ବି ତାଙ୍କ ପାରିବାରିକ ଜୀବନ ବେଶ୍ ଦୁଃଖମୟ ଥିଲା । ସ୍ୱାମୀ ଓ ଦୁଇ ପୁଅଙ୍କୁ ଅସମୟରେ ହରାଇଥିଲେ ଶ୍ରୀମତୀ ମୁର୍ମୁ । ବ୍ୟକ୍ତିଗତ ଜୀବନରେ ଏହି ଅପୂରଣୀୟ କ୍ଷତି ସତ୍ତ୍ୱେ ସେ ଜନସେବା ଛାଡ଼ିନଥିଲେ ।

କ୍ଷମତା ଓ ପ୍ରତ୍ୟକ୍ଷ ରାଜନୀତିରୁ ବେଶ୍ କିଛି ବର୍ଷ ଦୂରେଇ ରହିବା ପରେ ୨୦୧୫ ମସିହା ମେ ୧୮ ତାରିଖରେ ତାଙ୍କୁ ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ ପଦରେ ଅଭିଷିକ୍ତ କରିଥିଲେ କେନ୍ଦ୍ର ସରକାର । ଜଣେ ଆଦିବାସୀ ଚେହେରାଙ୍କୁ ଏତେ ବଡ଼ ସାମ୍ବିଧାନିକ ପଦରେ କେବଳ ତାଙ୍କ ଜନସେବା ପ୍ରତି ସମର୍ପଣ ଭାବ ହିଁ ପହଞ୍ଚାଇଥିଲା । ଏପରିକି ୨୦୨୦ରେ ତାଙ୍କ କାର୍ଯ୍ୟକାଳ ସରୁଥିଲେ ବି ୨୦୨୧ ଜୁଲାଇ ୬ ତାରିଖ ଯାଏ ସେ ରାଜ୍ୟପାଳ ପଦରେ ରହିଥିଲେ ।

୨୫ ଜୁଲାଇ ୨୦୨୨, ସେଦିନଟିକୁ ଆମେ କିପରି ଭୁଲି ପାରିବୁ ! ସାରା ଓଡ଼ିଶା ପାଇଁ ସେହି ଦିନଟି ଥିଲା ଗର୍ବ ଓ ଗୌରବର ଦିନ । ଏହି ଦିନ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଭାରତର ୧୫ତମ ରାଷ୍ଟ୍ରପତି ଭାବରେ ଅଭିଷିକ୍ତ ହେଲେ । ଏହା ସହିତ ସେ ଏକ ନୂଆ ଐତିହାସିକ ଅଧ୍ୟାୟ ଲେଖିଦେଲେ – ଭାରତର ପ୍ରଥମ ଜନଜାତି ମହିଳା ରାଷ୍ଟ୍ରପତି ଓ ଦ୍ୱିତୀୟ ମହିଳା ଯିଏ ଏହି ସର୍ବୋଚ୍ଚ ପଦବୀ ଅଳଙ୍କୃତ କଲେ । ଏଥି ସହିତ ସେ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ସବୁଠାରୁ କମ ବୟସରେ ରାଷ୍ଟ୍ରପତି ଭାବେ ମନୋନୀତ ହୋଇଥିଲେ ଏବଂ ଦେଶର ପ୍ରଥମ ରାଷ୍ଟ୍ରପତି ଯିଏ ସ୍ୱାଧୀନତା ପରେ ଜନ୍ମ ଗ୍ରହଣ କରିଥିଲେ । ଏହା ଏକ ଅଦ୍ଭୁତ ସଂଯୋଗ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ ସ୍ୱାଧୀନତା ପରେ ଜନ୍ମଗ୍ରହଣ କରିଥିଲେ । ଅର୍ଥାତ ଭାରତର ସର୍ବୋଚ୍ଚ ଦୁଇ ସାମ୍ବିଧାନିକ ପଦରେ ଅଧିଷ୍ଠିତ ରାଜନେତାଙ୍କ ଜନ୍ମ ହୋଇଥିଲା ସ୍ୱାଧୀନ ଭାରତରେ ।



ମହାମହିମଙ୍କର ଚୟନ କେବଳ ଏକ ବ୍ୟକ୍ତିଗତ ବିଜୟ ନୁହେଁ, ବରଂ ଏହା ଏକ ଆନ୍ଦୋଳନ । ଏହା ସାଧାରଣ ଜନତାଙ୍କର ବିଜୟ । ସାଧାରଣ ଲୋକଙ୍କ ପାଇଁ, ଅନୁସୂଚିତ ଜାତି ଓ ଜନଜାତି ତଥା ମହିଳାଙ୍କର ଅଧିକାର ପାଇଁ ତାଙ୍କର ଲଢ଼େଇ ତାଙ୍କୁ ଏକ ଲୋକପ୍ରିୟ ଏବଂ ଆଦର୍ଶ ନେତୃତ୍ୱ ଭାବେ ପରିଚିତ କଲା ।

ରାଷ୍ଟ୍ରପତି ଭାବରେ ତାଙ୍କ ଉଦବୋଧନ ଓ ବକ୍ତବ୍ୟ ଗୁଡିକ ତାଙ୍କ ସରଳତା, ମାନବବାଦ ଓ ଆଧୁନିକ ଅଧିକାରଧର୍ମୀ ଚିନ୍ତାଧାରାର ସମନ୍ୱୟ । ସେ ନିଜ ଅନୁଭୂତି ଓ ଅନୁଭବ ଦ୍ୱାରା ଗରିବ, ଆଦିବାସୀ, ଓ ମହିଳାଙ୍କ ଭାବନାକୁ ବ୍ୟକ୍ତ କରି ରାଷ୍ଟ୍ର ପାଇଁ ଏକ ନୂଆ ଦୃଷ୍ଟିକୋଣ ଦେଉଛନ୍ତି ।

ଦ୍ରୌପଦୀ ମୁର୍ମୁଙ୍କ ଜୀବନ ହେଉଛି ସଂଘର୍ଷ ଓ ସଫଳତାର ଅନୁପମ ଉଦାହରଣ ।

**ଏଥି ସହିତ ସେ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ସବୁଠାରୁ କମ ବୟସରେ ରାଷ୍ଟ୍ରପତି ଭାବେ ମନୋନୀତ ହୋଇଥିଲେ ଏବଂ ଦେଶର ପ୍ରଥମ ରାଷ୍ଟ୍ରପତି ଯିଏ ସ୍ୱାଧୀନତା ପରେ ଜନ୍ମ ଗ୍ରହଣ କରିଥିଲେ । ଏହା ଏକ ଅଦ୍ଭୁତ ସଂଯୋଗ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ ସ୍ୱାଧୀନତା ପରେ ଜନ୍ମଗ୍ରହଣ କରିଥିଲେ । ଅର୍ଥାତ ଭାରତର ସର୍ବୋଚ୍ଚ ଦୁଇ ସାମ୍ବିଧାନିକ ପଦରେ ଅଧିଷ୍ଠିତ ରାଜନେତାଙ୍କ ଜନ୍ମ ହୋଇଥିଲା ସ୍ୱାଧୀନ ଭାରତରେ ।**




ତାଙ୍କ ଜୀବନ ସର୍ବଦା ଶିକ୍ଷା ଦିଏ ଯେ ଦୃଢ଼ ଇଚ୍ଛାଶକ୍ତି ଓ କଠୋର ପରିଶ୍ରମ ଦ୍ୱାରା କିଭଳି ଅସମ୍ଭବକୁ ମଧ ସମ୍ଭବ କରିହେବ । ତାଙ୍କ ଜୀବନର ନିଷ୍ଠା ଆମକୁ ଶିଖାଏ ଯେ, ଯେତେ ବଡ଼ ବିପଦ ଆସୁନା କାହିଁକି, ମନୋବଳ ଓ ସାହସ ଥିଲେ ଆମେ ପ୍ରଗତି ପଥରେ ନିଶ୍ଚୟ ଅଗ୍ରସର ହୋଇପାରିବା । ଜଣେ ଶିକ୍ଷୟିତ୍ରୀ ଭାବେ ସେ ଶିକ୍ଷାର ଗୁରୁତ୍ୱ ବୁଝିଥିଲେ । ସେ ଏହି ଜ୍ଞାନକୁ ରାଜନୀତି ଓ ସେବାରେ ବ୍ୟବହାର କରି ଲୋକଙ୍କ ମଧ୍ୟରେ ଏକ ଆଦର୍ଶ ସ୍ଥାପନ କରିଛନ୍ତି । ସେ ଆମକୁ ଶିଖାନ୍ତି ଯେ ଦୁଃସମୟ ଓ ପ୍ରତିକୂଳ ପରିସ୍ଥିତି ସହିତ ଯୁଦ୍ଧ କରି ଆମେ ନିଜର ଲକ୍ଷ୍ୟ ପ୍ରାପ୍ତି କରିପାରିବା । ତାଙ୍କ ଜୀବନ ଗାଥା, ଓଡ଼ିଶା ଓ ଦେଶର ମାତୃଶକ୍ତି ଏବଂ ଯୁବପିଢି ପାଇଁ ପ୍ରେରଣା ହୋଇ ରହିବ ।

**ଶୁଭ ଜନ୍ମଦିନ, ମହାମହିମ ଦ୍ରୌପଦୀ ମୁର୍ମୁ ଜୀ ! ଆପଣଙ୍କ ଜୀବନ ଆମ ସମସ୍ତଙ୍କ ପାଇଁ ଜ୍ୟୋର୍ତିମୟ ପଥଦର୍ଶନ ହେଉ ।**

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

## ମେଡମ ପ୍ରେସିଡେଣ୍ଟଙ୍କ ଉପରେ ଲିଖିତ ପୁସ୍ତକ

ଭାରତର ୧୫ତମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନ ଅତି ସଂଘର୍ଷପୂର୍ଣ୍ଣ । ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ନିକଟ ଉପରବେଡ଼ା ଗ୍ରାମରେ । ଗୋଟିଏ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରୁ ପ୍ରଥମେ ଜଣେ କାଉନସିଲର ଭାବେ ଜନସେବା ଆରମ୍ଭ କରି ବିଧାୟିକା, ମନ୍ତ୍ରୀ, ରାଜ୍ୟପାଳ ହେବା ପରେ ଦେଶର ଶୀର୍ଷ ସାମ୍ବିଧାନିକ ଆସନ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିଥିଲେ । ଏହି ସଫଳ ଆଦିବାସୀ ସାନ୍ତାଳି ମହିଳାଙ୍କ ସଂଘର୍ଷ ବ୍ୟକ୍ତିଗତ ଓ କର୍ମମୟ ଜୀବନ ଉପରେ ଅନେକ ପୁସ୍ତକ ଲେଖାଯାଇଛି । ସାମ୍ବାଦିକ ସନ୍ଦୀପ ସାହୁ ମେଡ଼ମ ପ୍ରେସିଡ଼େଣ୍ଟ ଶୀର୍ଷକ ଏକ ପୁସ୍ତକ ରଚନା କରିଥିବା ବେଳେ ୨୦୨୨ରେ ଉନ୍ମୋଚିତ ହୋଇଥିଲା । ପରବର୍ତ୍ତୀ ସମୟରେ 'ଦ୍ରୌପଦୀ ମୁର୍ମୁ : ଫ୍ରମ ଟ୍ରାଇବାଲ ହିଣ୍ଟରଲ୍ୟାଣ୍ଡ ଟୁ ରାଇସିନା ହିଲସ୍' ଲେଖିଛନ୍ତି ସାମ୍ବାଦିକା କସ୍ତୁରୀ ରାୟ । ଏହି ପୁସ୍ତକରେ ଲେଖିକା ଉଲ୍ଲେଖ କରିଛନ୍ତି ଯେ ସେ ଜଣେ ଆଦିବାସୀ ଝିଅ କିପରି ଅନେକ ଘାତ ପ୍ରତିଘାତକୁ ଅତିକ୍ରମ କରି ଦେଶର ଶୀର୍ଷ ସାମ୍ବିଧାନିକ ପଦ ତଥା ପ୍ରଥମ ନାଗରିକର ମର୍ଯ୍ୟାଦାରେ ଆସୀନ ହୋଇଛନ୍ତି । ଦ୍ରୌପଦୀ ମୁର୍ମୁଙ୍କ ସ୍କୁଲ, କଲେଜ , ଚାକିରୀ ଜୀବନ, ଶିକ୍ଷକତା, କାଉନନସିଲର ଭାବେ ନିର୍ବାଚିତ ହୋଇ ଜନସେବା, ବିଧାୟିକା ହୋଇ ଜନସେବା ଓ ଶ୍ରେଷ୍ଠ ବିଧାୟିକା ଭାବେ ପୁରସ୍କୃତ ହୋଇଥିବା ବିଷୟରେ ଉଲ୍ଲେଖ ରହିଛି । ସେହିପରି ୨୦୦୦ ମସିହାରେ ଓଡ଼ିଶାରେ ଶାସନଭାର ସମ୍ଭାଳିଥିବା ବିଜେଡ଼ି–ବିଜେପି ସରକାରରେ




ମନ୍ତ୍ରୀ ହୋଇ କିପରି ତାଙ୍କ ଦକ୍ଷତା ପ୍ରତିପାଦନ କରିଥିଲେ ତାହା ବର୍ଣ୍ଣନା କରାଯାଇଛି । ପରବର୍ତ୍ତୀ ସମୟରେ ୨୦୧୫ରେ ଝାଡ଼ଖଣ୍ଡ ରାଜ୍ୟର ପ୍ରଥମ ଆଦିବାସୀ ରାଜ୍ୟପାଳ ଭାବେ ୬ ବର୍ଷ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ ସେ ବିଷୟରେ ଉଲ୍ଲେଖ ରହିଛି । ଦେଶର ପ୍ରଥମ ମହିଳା ଆଦିବାସୀ ରାଷ୍ଟ୍ରପତି ଭାବେ ସଫଳତାର ସହ ସାମ୍ବିଧାନିକ ପଦବୀକୁ ପରିଚାଳନା କରି ଦେଶ ବିଦେଶରେ ସେ ସୁନାମ ଅର୍ଜନ କରିଛନ୍ତି । ଏହା ସହିତ ଦେଶର ଆଦିମ ଜନଜାତି ମାନଙ୍କର ଦୀର୍ଘ ଦଶନ୍ଧିର ଅନେକ ସମସ୍ୟା ଉପରେ ସେ ସମାଧାନ ଦିଗରେ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି ବୋଲି ଲେଖିକା ଉଲ୍ଲେଖ କରିଛନ୍ତି ।

## ଆମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

**ଓ**ଡ଼ିଶାର ନାଁକୁ ବିଶ୍ୱସ୍ତରରେ ପରିଚିତ କରାଇଛନ୍ତି ଦେଶର ବର୍ତ୍ତମାନର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଯିଏ ହେଉଛନ୍ତି ପ୍ରଥମ ଓଡିଆ ଆଦିବାସୀ ମହିଳା ରାଷ୍ଟ୍ରପତି । ୧୯୫୮ ମସିହା ଜୁନ ୨୦ ତାରିଖରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାସ୍ଥିତ ବାଇଦାପୋଷିଠାରେ ଏକ ସାନ୍ତାଳୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମୂଳ ନାମ ପୁତି ଟୁଡୁ ଥିଲା, ହେଲେ ତାଙ୍କୁ ସ୍କୁଲରେ ଶିକ୍ଷକ ଦ୍ରୌପଦୀ ନାମ ଦେଇଥିଲେ । ତାଙ୍କ ପିତାଙ୍କ ନାମ ଥିଲା ବିରଞ୍ଚି ନାରାୟଣ ଟୁଡୁ । ତାଙ୍କ ବାପା ଓ ଜେଜେବାପା ଉଭୟ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ଗାଁ ମୁଖିଆ ଥିଲେ । ନିଜ ପରିବାରରୁ ସେ ତେଣୁ ନେତୃତ୍ୱ ନେବାକୁ ପ୍ରେରଣା ଲାଭ କରିଛନ୍ତି । ସେ ଉପର ବେଡା ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ । ଏହାପରେ ଭୁବନେଶ୍ୱର ଆସି ୟୁନିଟ୍–୨ ବାଳିକା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ କରିଥିଲେ ଓ ରମାଦେବୀ ମହିଳା ମହାବିଦ୍ୟାଳୟରେ କଳାରେ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷାଗ୍ରହଣ କରିଥିଲେ । ବୃତ୍ତିଗତ ଜୀବନରେ ସେ ଓଡ଼ିଶା ସରକାରଙ୍କ ଜଳସେଚନ ଓ ବିଦ୍ୟୁତ ବିଭାଗରେ କନିଷ୍ଠ ସହାୟିକା ଭାବେ କାର୍ଯ୍ୟ କରିଥିଲେ । ୧୯୯୭ ମସିହାରେ ସେ ରାଜନୀତିରେ ପ୍ରବେଶ କରିଥିଲେ । ୱାର୍ଡ ସଦସ୍ୟା ଭାବେ ନିର୍ବାଚିତ ହେବା ପରେ ରାଇରଙ୍ଗପୁର ପୌରାଧକ୍ଷା ପଦ ସମ୍ଭାଳିଥିଲେ । ଭାରତୀୟ ଜନତା ପାର୍ଟିର ଦଳୀୟ ପ୍ରାର୍ଥୀ ଭାବେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରୁ ୨୦୦୦ ଏବଂ ୨୦୦୪ରେ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ବିଜୁ ଜନତା ଦଳ ଏବଂ ଭାରତୀୟ ଜନତା ପାର୍ଟିର ମିଳିତ ସରକାରରେ ସେ ବାଣିଜ୍ୟ ଏବଂ ପରିବହନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ ମାର୍ଚ୍ଚ ୬, ୨୦୦୦ରୁ ଅଗଷ୍ଟ ୬, ୨୦୦୨ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ଏବଂ ମତ୍ସ୍ୟ ଏବଂ ପଶୁସମ୍ପଦ ବିଭାଗରେ ରାଷ୍ଟ୍ରମନ୍ତ୍ରୀ ଭାବେ ୨୦୦୨ ଅଗଷ୍ଟ ୬ରୁ ୨୦୦୪ ମଇ ୧୬ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ୧୯୯୭ରୁ ସେ ବିଜେପିର ଆଦିବାସୀ ମୋର୍ଚ୍ଚା ସହ ଜଡ଼ିତ । ୨୦୧୫ ମସିହାରେ ସେ ଝାଡ଼ଖଣ୍ଡର ରାଜ୍ୟପାଳଭାବେ ଦାୟିତ୍ୱ ନେଇଥିଲେ । ସେ ୨୦୨୧ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇଥିଲେ । ଏହାପରେ ୨୦୨୨ ଜୁଲାଇ ୨୬ରେ ସେ ଭାରତର ୧୫ତମ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ ।



सत्यमेव जयते
Ministry of Ayush
Government of India

Yoga for One Earth, One Health

# ସମଗ୍ର ସ୍ୱାସ୍ଥ୍ୟ ପାଇଁ ଅଭୂତପୂର୍ବ ଅଭିଯାନରେ ସାମିଲ ହୁଅନ୍ତୁ

## ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ୨୦୨୫

**ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ**

**ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି**

**ବିଶାଖାପାଟଣା**ରେ ହେବାକୁ ଥିବା ଯୋଗ ପ୍ରଦର୍ଶନର ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ହଜାର ହଜାର ଉତ୍ସାହୀଙ୍କ ସହିତ ଯୋଗଦେବେ ।

LIVE TELECAST on DD NEWS

୨୧ ଜୁନ | ସକାଳ ୬ଟା

ସାରା ଭାରତରେ **୮ ଲକ୍ଷ**ରୁ ଅଧିକ ଆୟୋଜନ ଏବଂ **୧୭୫ ଯୁକ୍ତ ଦେଶ**ରେ ହେଉଥିବା ଯୋଗ ଉତ୍ସବ ମାଧ୍ୟମରେ ଆଇଡିଓ୍ୱାଇ ୨୦୨୫ରେ ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ପ୍ରତିଧ୍ୱନିତ ହେଉଛି ।

ଆପଣଙ୍କ ନିକଟରେ ଆୟୋଜିତ ଏଭଳି କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ଏବଂ # ଆଇଡିଓ୍ୱାଇ ୨୦୨୫ର ଉପଯୋଗ କରି ଯୋଗ ସହିତ ସଂପୃକ୍ତ ଆପଣଙ୍କର ଅଭିଜ୍ଞତା ବାଣ୍ଟନ୍ତୁ ।



moayush | ministryofayush | MinistryofAyushofficial

cbc 17201/13/0005/2526





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ କଡା ସୁରକ୍ଷା

### ଟିଜିଟି କଳା, ଟିଜିଟି ଓଡ଼ିଆ ନିଯୁକ୍ତି ପ୍ରକ୍ରିୟା ଉପରେ ହାଇକୋର୍ଟଙ୍କ ରୋକ୍

## ଷ୍ଟାଫ୍ ସିଲେକ୍ସନ କମିସନଙ୍କୁ ଜବାବ ତଲବ

କଟକ,(ସବ୍ୟୁ): ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ(ଓଏସ୍‌ଏସ୍‌ସି) ପକ୍ଷରୁ ଚାଲିଥିବା ଟିଜିଟି କଳା ଏବଂ ଟିଜିଟି ଓଡ଼ିଆ ନିଯୁକ୍ତି ପ୍ରକ୍ରିୟା ଉପରେ ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ପଦରେ କୌଣସି ପ୍ରକାର ନିଯୁକ୍ତି ପ୍ରକ୍ରିୟା ଚାଲିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ମାମଲାର ଶୁଣାଣି ଜୁଲାଇ ୨୮ ପରକୁ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି । ପ୍ରିୟଙ୍କା ସ୍ୱାଇଁଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ବର୍ତ୍ତମାନ ମାଧ୍ୟମିକ ବିଦ୍ୟାଳୟରେ ଟିଜିଟି କଳା ଏବଂ ଟିଜିଟି ଓଡ଼ିଆର ଲିଭ୍ ଟ୍ରେନିଂ ରିଜର୍ଭ( ଏଲ୍‌ଟିଆର) ଶିକ୍ଷକ ପଦରେ ନିଯୁକ୍ତି ପ୍ରକ୍ରିୟା ଚାଲିଛି । ଷ୍ଟାଫ୍ ସିଲେକ୍ସନ କମିସନଙ୍କ ପକ୍ଷରୁ ପ୍ରଥମେ ଟିଜିଟି ଜ୍ୱାଳା ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ପରେ ଏଥିରେ ପରିବର୍ତ୍ତନ କରାଯାଇ ସେହି ଟିଜିଟି କଳାର ୨୫% ସିଟ୍‌ରେ ଅର୍ଥାତ ୪୯୬ଟି ଟିଜିଟି ଓଡ଼ିଆ ପଦରେ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ଉଭୟ ପଦ ଲାଗି ପ୍ରାଥମିକ ପରୀକ୍ଷା ମଧ୍ୟ ହୋଇଥିଲା। କିନ୍ତୁ ପ୍ରାଥମିକ ପରୀକ୍ଷା ପାଇଁ ଯେତେବେଳେ ଫଳ ପ୍ରକାଶ ପାଇଲା ସେତେବେଳେ ଯେଉଁମାନେ ଟିଜିଟି କଳାରେ ପାସ୍ କରିଥିଲେ ସେହିମାନେ ହିଁ ଟିଜିଟି ଓଡ଼ିଆରେ ପାସ୍ କରିଥିବା ଦେଖାଯାଇଥିଲା । ଅର୍ଥାତ ଦୁଇଟି ପଦ ପାଇଁ ପରୀକ୍ଷା ହୋଇଥିଲେ ମଧ୍ୟ ଜଣେ ପ୍ରାର୍ଥୀଙ୍କୁ ଗୋଟିଏ ପଦରେ ନିଯୁକ୍ତି ମିଳିପାରିବ। ଏହାଦ୍ୱାରା ଗୋଟିଏ ପଦ ଫାଙ୍କା ମଧ୍ୟ ପଡ଼ିବ। ଏହିଭଳି ନିଯୁକ୍ତି ପ୍ରକ୍ରିୟାକୁ ଚାଲେଞ୍ଜ କରି ଆବେଦନକାରିଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ଆସନ୍ତା ୨୨ ତାରିଖରେ ଟିଜିଟି କଳାରେ ମୁଖ୍ୟ ପରୀକ୍ଷା ପାଇଁ ଦିନ ଧାର୍ଯ୍ୟ ହୋଇଥିଲାବେଳେ ତାହାକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଷ୍ଟାଫ୍ ସିଲେକ୍ସନ କମିସନଙ୍କ ପକ୍ଷରୁ ବନ୍ଦ କରାଯିବା ସଂକ୍ରାନ୍ତରେ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଆବେଦନକାରିଣୀଙ୍କ ପକ୍ଷରୁ ଆଇନଜୀବୀ ସୌଭଗ୍ୟ ପାଇଁ ମାମଲା ପରିଚାଳନା କରୁଛନ୍ତି ।

## ନିବେଶ ବାହାନାରେ ୧୨ଲକ୍ଷ ଠକେଇ, ସାଇବର ଠକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନିବେଶ କରାଇବାକୁ ପ୍ରଭାବିତ କରାଇ ୧୨ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ସାଇବର ଠକକୁ ଭୁବନେଶ୍ୱର ସାଇବର ଥାନା ପୋଲିସ ଗିରଫ କରିଛି । ଗିରଫ ଠକ ଆଶିଷ କୁମାର ସାହୁ ନିକଟରୁ ଗୋଟିଏ ଫୋନ୍, ୧୨ ଏଟିଏମ୍, ଡେଭିଡ୍ କାର୍ଡ ଓ ବ୍ୟାଙ୍କ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ କରାଯାଇଥିବା ପୋଲିସ କହିଛି ।

ଏତଲାକାରୀ ମିଳନ କୁମାର ବେଉରାଙ୍କୁ ବ୍ଲିଙ୍କ୍‌ଏକ୍ସ ସିକ୍ୟୁରିଟିର ପ୍ରତିନିଧି ଭାବେ ଅଭିଯୁକ୍ତ ନିଜକୁ ପରିଚୟ କରାଇବା ସହ ସେୟାର ଟ୍ରେଡିଂ ଗ୍ରୁପ୍ ସହିତ ପରିଚିତ କରାଇବା ପାଇଁ ହ୍ୱାଟ୍‌ସପ୍ ମେସେଜ ପଠାଇଥିଲା । ବ୍ଲିଙ୍କ୍‌ଏକ୍ସ ପ୍ରୋ ଆପ୍‌ରେ ପ୍ରଦର୍ଶିତ ବାଣିଜ୍ୟ ପରାମର୍ଶରେ ନକଲି ରିଟର୍ଣ୍ଣ ଦ୍ୱାରା ଅଭିଯୋଗକାରୀକୁ ଭ୍ରମିତ କରାଇଥିଲା । ଅଭିଯୁକ୍ତ ସିଣ୍ଡିକେଟ୍ ଦ୍ୱାରା କରାଯାଇଥିବା ଏକାଧିକ ବ୍ୟାଙ୍କ ଆକାଉଣ୍ଟରେ ମିଳନ ୧୨ଲକ୍ଷ ଟଙ୍କାରୁ ଅଧିକ ନିବେଶ କରିଥିଲେ । ଆପ୍‌ରେ ଲାଭ ଦେଖାଯାଇଥିବା ସତ୍ତ୍ୱେ ପରେ ତାଙ୍କୁ ଉଠାଣ କରିବାକୁ ମନା କରାଯାଇଥିଲା । ସମ୍ପୂର୍ଣ୍ଣ ପରିମାଣ ଫ୍ରିଜ୍ କରାଯାଇଥିଲା । ଏହା ଫଳରେ ଠକାମୀର ଶିକାର ହୋଇଥିବା ମିଳର ଅନୁଭବ କରି ସାଇବର ଥାନାରେ ଏତଲା ଦେଇଥିଲେ ।

ତଦନ୍ତ ବେଳେ ଜଣାପଡିଥିଲା ଯେ, ଗିରଫ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀମାନେ ହ୍ୱାଟ୍‌ସପ୍ ଏବଂ ନକଲି ବାଣିଜ୍ୟ ଆବେଦନ ମାଧ୍ୟମରେ ଏକ ସଙ୍ଗଠିତ ନିବେଶ ଠକେଇ ପରିଚାଳନା କରୁଥିଲେ । ସେମାନେ ଆର୍ଥିକ ବିଶେଷଜ୍ଞ ପରିଚୟ ନେଇଥିଲେ ଏବଂ ଆଧାର, ପ୍ୟାନ୍ ଭଳି ବ୍ୟକ୍ତିଗତ ଡକ୍ୟୁମେଣ୍ଟ ସଂଗ୍ରହ କରୁଥିଲେ । ଏସ୍‌ଏମ୍‌ଏସ୍ ଫରୱାଡ ଆପ୍ ବ୍ୟବହାର କରି ଦୂରରୁ ମୂଳ ବ୍ୟାଙ୍କ ଆକାଉଣ୍ଟ ଗୁଡିକୁ ପ୍ରବେଶ କରୁଥିଲେ । ପୀଡିତମାନଙ୍କୁ ଠକିବା ପାଇଁ ନକଲି ହ୍ୱାଟ୍‌ସପ୍ ଗ୍ରୁପ୍ ବ୍ୟବହାର କରୁଥିଲେ । ଅଭିଯୁକ୍ତ ଆଶିଷ କୁମାର ସାହୁ ଜଣେ ବିଟେକ୍ ସ୍ନାତକ । ସେ ଅନ୍ୟ କେତେକଙ୍କୁ ନିଯୁକ୍ତି ଦେଇଥିଲେ । ସମ୍ପୂର୍ଣ୍ଣ ଠକେଇ କାର୍ଯ୍ୟର ସମନ୍ୱୟ କରିଥିଲେ । ତାଙ୍କୁ କିଙ୍ଗପିନ୍ ଭାବରେ କରାଯାଇଥିଲା । ସେ ଅପରାଧର ପରବର୍ତ୍ତୀ ପ୍ରମାଣ ମଧ୍ୟ ନଷ୍ଟ କରିଥିଲେ । ଠକେଇରୁ କମିଶନ ଭାବରେ ୧୭ଲକ୍ଷ ଟଙ୍କା ରୋଜଗାର କରିଥିବା ତଦନ୍ତରୁ ଜଣାପଡିଛି । ଠକେଇ ନେଟ୍‌ୱାର୍କ କାର୍ଯ୍ୟକୁ ସକ୍ରିୟ ଭାବରେ ପରିଚାଳନା ଏବଂ ନିର୍ଦ୍ଦେଶ ଦେଉଥିଲା । ଏହା ଜଣାପଡିବା ପରେ ଆଶିଷକୁ ପାହାଳ ଥାନା ଅନ୍ତର୍ଗତ ପ୍ରଣତି ନିଓ୍ୱାସରୁ ଗିରଫ କରାଯିବା ପରେ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ସମ୍ବଲପୁରରେ କୃଷିଭିତ୍ତିକ ବିକାଶ

## ଗବେଷଣାକୁ ବଢ଼ାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ସମ୍ବଲପୁର ଚିପିଲିମାରେ ଚାରୋଟି କୃଷି-ସମ୍ପର୍କିତ କଲେଜ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଏହି କଲେଜ ଗୁଡ଼ିକ ହେଉଛି ପଶୁଚିକିତ୍ସା ବିଜ୍ଞାନ ଏବଂ ପଶୁପାଳନ ମହାବିଦ୍ୟାଳୟ, ଦୁଗ୍ଧ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ, ମତ୍ସ୍ୟ ମହାବିଦ୍ୟାଳୟ ଏବଂ କୃଷି-ବ୍ୟବସାୟ ପରିଚାଳନା ମହାବିଦ୍ୟାଳୟ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁରରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଅପାର ସମ୍ଭାବନା ରହିଛି । ସମ୍ବଲପୁର ଅଞ୍ଚଳର ଅନ୍ତର୍ନିହିତ କୃଷି ବିବିଧତା ଏବଂ କୃଷି-ସମ୍ପର୍କିତ ସମ୍ଭାବନା ସତ୍ତ୍ୱେ ଆମେ ଏଠାରେ ଇଚ୍ଛାନୁସାରେ କ୍ଷେତ୍ରଗତ ଅଭିବୃଦ୍ଧି ହାସଲ କରିପାରିନାହୁଁ । ଏହି କ୍ଷେତ୍ର ପାଇଁ ଏକ ଦୀର୍ଘକାଳୀନ, ସମାବେଶୀ ଏବଂ ଜ୍ଞାନ-ଚାଳିତ ବିକାଶ ପଥକୁ ଆଗେଇ ନେବା ପାଇଁ କୃଷି-ସମ୍ପର୍କିତ କ୍ଷେତ୍ର ଉପରେ କେନ୍ଦ୍ରିତ ସଂରଚିତ ପ୍ରତିଷ୍ଠାନ ଆମର ପ୍ରାଥମିକତା ହେବା ଆବଶ୍ୟକ । ଏଥିପାଇଁ ସମ୍ବଲପୁରର ଚିପିଲିମାରେ ମୁଖ୍ୟମନ୍ତ୍ରୀଙ୍କୁ ଚାରୋଟି କୃଷି-ସମ୍ପର୍କିତ କଲେଜ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି ଶ୍ରୀ ପ୍ରଧାନ ।

ଏହା ଉପରେ ବିସ୍ତୃତ ଭାବରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଥମତଃ ଏଠାରେ ପଶୁଚିକିତ୍ସା ବିଜ୍ଞାନ ଏବଂ ପଶୁପାଳନ ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ଜରୁରୀ । ଏହି ପ୍ରତିଷ୍ଠାନ ତାଲିମପ୍ରାପ୍ତ ପଶୁଚିକିତ୍ସା ବିଶେଷଜ୍ଞ, ଗବେଷକ ଏବଂ ବୃତ୍ତିଗତଙ୍କ ପାଇଁ ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବ । ଏହା ପଶୁସ୍ୱାସ୍ଥ୍ୟରେ ଉନ୍ନତି ଆଣିବା, ପଶୁପାଳନ ଉତ୍ପାଦନ ବୃଦ୍ଧି କରିବା ଏବଂ ଜୁନୋଟିକ୍ ରୋଗରୁ ଜନସ୍ୱାସ୍ଥ୍ୟକୁ ସୁରକ୍ଷା ଦେବାରେ ସିଧାସଳଖ ଯୋଗଦାନ ଦେବ । ଦ୍ୱିତୀୟତଃ ଏଠାରେ ଦୁଗ୍ଧ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ ସ୍ଥାପିତ ହେବା ଦରକାର । ଏହା ଦୁଗ୍ଧ ଚାଷର ଗୁରୁତ୍ୱ ପ୍ରଦାନ କରିବା ସହ ଦକ୍ଷ ମାନବ ସମ୍ବଳ ପ୍ରଦାନ କରିବ । ଦୁଗ୍ଧ ପ୍ରଯୁକ୍ତିବିଦ୍ୟାରେ ଗବେଷଣାକୁ ପ୍ରୋତ୍ସାହିତ କରିବ ଏବଂ ଦୁଗ୍ଧ କାର୍ଯ୍ୟର ଗୁଣବତ୍ତା ଏବଂ ଦକ୍ଷତାକୁ ଉନ୍ନତ କରିବ । ଏହାଦ୍ୱାରା ଏହି ଅଞ୍ଚଳରେ ଦୁଗ୍ଧ ଆଧାରିତ ଆର୍ଥିକ ବିକାଶକୁ ସମର୍ଥନ କରିବ । ସେହିପରି ତୃତୀୟତଃ ମତ୍ସ୍ୟ ମହାବିଦ୍ୟାଳୟ ମଧ୍ୟ ଏଠାରେ ପ୍ରତିଷ୍ଠା ହେବା ଦରକାର । ବର୍ତ୍ତମାନ ସମୟରେ ଦ୍ରୁତତମ ବୃଦ୍ଧି ପାଉଥିବା କୃଷି-ସମ୍ପର୍କିତ ଉପ-କ୍ଷେତ୍ର ମଧ୍ୟରୁ



ଏହା ଅନ୍ୟତମ । ମତ୍ସ୍ୟଚାଷ ପାଇଁ କେନ୍ଦ୍ରିତ ଶୈକ୍ଷିକ ଏବଂ ବ୍ୟବହାରିକ ତାଲିମ ଆବଶ୍ୟକ । ଏକ ମତ୍ସ୍ୟଚାଷ ମହାବିଦ୍ୟାଳୟ ଜଳକୃଷି, ମତ୍ସ୍ୟଚାଷ ପରିଚାଳନା ଏବଂ ଅମଳ ପରବର୍ତ୍ତୀ ପ୍ରଯୁକ୍ତିବିଦ୍ୟାରେ କ୍ଷମତା ନିର୍ମାଣ କରିବାରେ ସାହାଯ୍ୟ କରିବ, ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବ । ଏହାବ୍ୟତିତ ଚତୁର୍ଥ ହେଉଛି କୃଷି-ବ୍ୟବସାୟ ପରିଚାଳନା ମହାବିଦ୍ୟାଳୟ । ଏହାଦ୍ୱାରା କୃଷି କ୍ରମଶଃ ବଜାର-ମୁଖୀ ହେବା ସହିତ, କୃଷି-ବ୍ୟବସାୟ, ଯୋଗାଣ ଶୃଙ୍ଖଳା ପରିଚାଳନା, ମାର୍କେଟିଂ ଏବଂ ଖାଦ୍ୟ ପ୍ରକ୍ରିୟାକରଣରେ ବିଶେଷଜ୍ଞତା ଥିବା ବୃତ୍ତିଗତଙ୍କ ଜରୁରୀ ଆବଶ୍ୟକତା ରହିଛି ।

ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁରର ଚିପିଲିମା ଠାରେ ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ (ଓୟୁଏଟି) ପାଖରେ ପୂର୍ବରୁ ଜମି, କିଛି ଶିକ୍ଷାଗତ ଓ ଗବେଷଣା ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ସୁବିଧା ରହିଛି । ଏହା ସହିତ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ପାଖରେ ଅବ୍ୟବହୃତ ଜମି ଅଛି, ଯାହାକୁ ଏହି ଉଦ୍ଦେଶ୍ୟରେ ପ୍ରଭାବଶାଳୀ ଭାବରେ ବ୍ୟବହାର କରାଯାଇପାରିବ । ତେଣୁ ଏହି ପ୍ରସ୍ତାବିତ ପ୍ରତିଷ୍ଠାନଗୁଡ଼ିକ ଏଠାରେ ଅବସ୍ଥାପିତ ହୋଇପାରିବ । ପ୍ରସ୍ତାବିତ ଏହି କଲେଜଗୁଡ଼ିକ ପ୍ରତିଷ୍ଠା କରିବା ଦ୍ୱାରା ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ କେବଳ ବୈଷୟିକ ଏବଂ ଉଦ୍ୟୋଗୀ କ୍ଷମତା ସୃଷ୍ଟି ହେବ ନାହିଁ ବରଂ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଚାଷୀମାନଙ୍କ ପାଇଁ କ୍ଷେତ୍ର-ନିର୍ଦ୍ଦିଷ୍ଟ ଗବେଷଣା ଏବଂ ସମ୍ପ୍ରସାରଣ ସେବା ମଧ୍ୟ ସୁନିଶ୍ଚିତ ହେବ। କୃଷି ସାମଗ୍ରୀ ବୃଦ୍ଧି ସହ ବଜାର ସଂଯୋଗକୁ ଉନ୍ନତ କରିବ ତଥା ମୂଲ୍ୟ ବୃଦ୍ଧିକୁ ପ୍ରୋତ୍ସାହିତ କରିବ । କୃଷକମାନଙ୍କ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ, ଯାହା ଗ୍ରାମୀଣ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ । ଏହି ବିଷୟକୁ ଦୃଷ୍ଟିରେ ରଖି ପ୍ରସ୍ତାବଗୁଡ଼ିକର ଅନୁମୋଦନ ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି । ଏହି ପ୍ରତିଷ୍ଠାନଗୁଡ଼ିକର ପ୍ରତିଷ୍ଠା ଗ୍ରାମୀଣ ଯୁବକମାନଙ୍କୁ ନୂତନ କୌଶଳ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବାରେ ବହୁତ ସାହାଯ୍ୟ କରିବ । ଫଳସ୍ୱରୂପ ସମ୍ବଲପୁର ଅଞ୍ଚଳ ଏବଂ ସମଗ୍ର ରାଜ୍ୟର ସୁସ୍ଥ ଆର୍ଥିକ ବିକାଶ ସୁନିଶ୍ଚିତ ହୋଇପାରିବ ବୋଲି ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

**ଚାରୋଟି କୃଷି-ସମ୍ପର୍କିତ କଲେଜ ପ୍ରତିଷ୍ଠା ପାଇଁ ପ୍ରସ୍ତାବ**

### ରାଜ୍ୟ ପୋଲିସ୍ ଅଫିସର ସଂଘ ନିର୍ବାଚନ

## ଅସିତ ଜେନା ସଭାପତି

କଟକ, (ସବ୍ୟୁ): ରାଜ୍ୟ ପୋଲିସ୍ ଅଫିସର ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଅଛି ।ଅସିତ ଜେନା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ।ବକ୍ସିବଜାର ସ୍ଥିତ ସଙ୍ଘର କାର୍ଯ୍ୟାଳୟ ଠାରେ ସଭାପତି ପାଇଁ ଅନୁଷ୍ଠିତ ନିର୍ବାଚନରେ ଅସିତ ଜେନା ତାଙ୍କର ନିକଟତମ ଦୁଇ ପ୍ରତିଦ୍ୱନ୍ଦୀଙ୍କୁ ବହୁ ପଛରେ ପକାଇ ସହଜ ଜିତାପଟ ହାସଲ କରିଛନ୍ତି । ସେ ୪୧୧୮ ଖଣ୍ଡ ଭୋଟ ପାଇ ବିଜୟ ମୁକୁଟ ପିନ୍ଧିଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ପ୍ରେମ ଜେନା ଓ ଏସ୍ ସିଂହ ଙ୍କୁ ଯଥାକ୍ରମେ ୮୬୮,୬୭୧ ଖଣ୍ଡ ଭୋଟ ମିଳିଛି । ନିର୍ବାଚନ ଅଧିକାରୀ ଥିବା ପୁଲିସ ନିରୀକ୍ଷକ ଅଶୋକ ପରିଡ଼ାଙ୍କ ସୁଚନା ଅନୁଯାୟୀ ଆଜି ନିର୍ଦ୍ଧାରିତ ସମୟରେ ଭୋଟ ଗଣତି କାର୍ଯ୍ୟ ଆରମ୍ଭ ହେଇଥିଲା । ଅସିତ୍ ଙ୍କ ସପକ୍ଷରେ ୪ ହଜାର ୧୧୮ ଖଣ୍ଡ, ପ୍ରେମ ଙ୍କ ସପକ୍ଷରେ ୮୬୮ ଖଣ୍ଡ ଓ ଏସ ସିଂହ ଙ୍କ ସପକ୍ଷରେ ୬୭୧ ଖଣ୍ଡ ଭୋଟ ପଡ଼ିଥିଲା ବେଳେ ୮ ଖଣ୍ଡ ଭୋଟ ନାକଚ ହୋଇଥିଲା ।



## ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ ପାଇଁ ନିବେଦନ

ମୁଁ ମୋର ମସ୍ତ ଦେଶବାସୀମାନଙ୍କୁ ବିନମ୍ର ପ୍ରଣାମ ଜଣାଉଛି । ଆନନ୍ଦର କଥା- ଗତ ତା ୩୦.୧.୨୦୨୫ରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିକଟରୁ 'ଭାରତର ସମସ୍ତ ସ୍କୁଲ ଓ କଲେଜମାନଙ୍କରେ ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ' ଶୀର୍ଷକ ଏକ ସ୍ମାରକପତ୍ର ପଠାଇଥିଲି । ସେ ସହୃଦୟତାର ସହିତ ତାହାକୁ ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ-୧୧୦୦୧୬ ସ୍ଥିତ ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (National Council of Educational Research & Traning)କୁ ପଠାଇଥିଲେ । ପ୍ରଶିକ୍ଷଣ ପରିଷଦ ମୋ ସ୍ମାରକପତ୍ରର ଯଥାର୍ଥ ଥିଲେ ମଧ ସି.ପି.ଜି.ଏ.ଏସ୍. (CPGAAS)ଙ୍କ ନିୟମ ଅନୁସାରେ ସ୍କୁଲ ଓ କଲେଜମାନଙ୍କରେ ବର୍ତ୍ତମାନ ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ କରାଯାଇ ପାରିବ ନାହିଁ ବୋଲି ତାଙ୍କ ଚିଠି ନଂ. ୧.୬/୨୦୨୪ ଜି.ଆର୍.ସି. ନଂ-୩୦୯/୩୧୨ ତା. ୦୯.୦୪.୨୦୨୫ ରିଖରେ ମୋତେ ଜଣାଇଛନ୍ତି । କିନ୍ତୁ ଉକ୍ତ ଚିଠିରେ ମଧ ଉଲ୍ଲେଖ ଅଛି, ଯଦି କୌଣସି ବ୍ୟକ୍ତି ବା ଅଭିଯୋଗକାରୀ ଏଥିରେ ଅସନ୍ତୁଷ୍ଟ ହୋଇ ପ୍ରତିବାଦ କରିବାକୁ ଚାହାନ୍ତି, ତାହାଲେ ସେ ନୂଆଦିଲ୍ଲୀସ୍ଥିତ 'ନିର୍ଦ୍ଦେଶାଳୟ ଜନ ଅଭିଯୋଗ ସଂସ୍ଥାନ (Directorate of Public grievance)ଙ୍କ ସହିତ ଯୋଗାଯୋଗ କରିପାରିବେ' । ଏହି ପରିପ୍ରେକ୍ଷୀରେ ବିକଳ୍ପପନ୍ଥା ସ୍ୱରୂପ ମୋର ସୁଚିନ୍ତିତ ମତାମତ ଦେଇ ନିର୍ଦ୍ଦେଶାଳୟଙ୍କୁ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଁ ଅନୁରୋଧ କରିଛି ।

ସେହି ସୁଚିନ୍ତିତ ମତାମତଟି ହେଲା, ଭାରତ ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ର ଅଟେ । ଯେଉଁଠି ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଓ ଅନ୍ୟ ସମ୍ପ୍ରଦାୟର ଲୋକମାନେ ବାସ କରୁଛନ୍ତି ଏବଂ ସେମାନଙ୍କର ପିଲାମାନେ ବିଭିନ୍ନ ସ୍କୁଲ, କଲେଜମାନଙ୍କରେ ଅଧ୍ୟୟନ କରୁଛନ୍ତି । ହୁଏତ ଏହି କାରଣ ଯୋଗୁଁ ଭାରତ ସରକାର ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ କରିପାରୁନାହାନ୍ତି । ଏଣୁ ଏହା ଏକ ବିବାଦୀୟ ପ୍ରଶ୍ନ ହୋଇ ରହିଛି । ବିଭିନ୍ନ ସମ୍ପ୍ରଦାୟ ମାଧ୍ୟମରେ ନିଜ ନିଜର ଧର୍ମ ଓ ସଂସ୍କୃତିକୁ କେନ୍ଦ୍ରକରି ପ୍ରଚଳିତ ହୋଇଆସୁଥିବ । ଆଧ୍ୟାତ୍ମିକ ଶିକ୍ଷା ହିଁ ଏକମାତ୍ର ପନ୍ଥା । ସରକାର ସେହି ବିଭିନ୍ନ ସମ୍ପ୍ରଦାୟମାନଙ୍କ ମାଧ୍ୟମରେ ପ୍ରଚଳିତ ହୋଇଆସୁଥିବ । ଆଧ୍ୟାତ୍ମିକ ଶିକ୍ଷାକୁ ସୁଦୂର ପ୍ରସାର କରିବା ନିମନ୍ତେ ଆର୍ଥିକ ସହାୟତା ଦେବା ସଙ୍ଗେ ସଙ୍ଗେ ସ୍ୱୀକୃତି ପ୍ରଦାନ କରନ୍ତୁ । ତାହାହେଲେ ଜାତୀୟ ସଂହତି ବଜାୟ ରହିବ । ପରସ୍ପର ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ ହେବ ।



ଦୟାନିଧି ବେହୁରା

ଉଲ୍ଲେଖନୀୟ ଯେ ସ୍କୁଲ, କଲେଜମାନଙ୍କରେ ହେଉ କିମ୍ବା ବିଭିନ୍ନ ସମ୍ପ୍ରଦାୟମାନଙ୍କରେ ହେଉ ଆଧ୍ୟାତ୍ମିକ ଶିକ୍ଷା ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନଙ୍କର ଦହିତ, ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ ସହାୟ ହେବ । ତାହା ନହେଲେ ସେମାନେ ବିଭିନ୍ନ ଅପରାଧ, ଅନ୍ୟାୟ, ଅନୀତି, ଦୁର୍ନୀତି, ଚୋରି ଏପରିକି ବଳାତ୍କାର ଓ ହତ୍ୟାରେ ସମ୍ପୃକ୍ତ ହୋଇ ଦଣ୍ଡିତ ହେବେ ।

ମୋର ଉପରୋକ୍ତ ଅହିଂସାତ୍ମକ ଅଭିଯାନ ଚାଲୁ ରହିବ । ଆପଣମାନଙ୍କୁ ଅନୁରୋଧ, ଆପଣମାନେ ମୋର ଅଭିଯାନର ମହତ୍ୱକୁ ଉପଲବ୍ଧି କରି ସମ୍ବାଦପତ୍ରମାନଙ୍କରେ ମତାମତ ଦେଲେ ମୋର ଅଭିଯାନ ସଫଳ ହେବ ।

**ଲେଖକ, ସମାଜସେବୀ, ବରିଷ୍ଠ ନାଗରିକ**
**ନିଭ କଲୋନୀ (ଅପର୍ତିବିନ୍ଧା),**
**ପୋ./ଜି.- ଭଦ୍ରକ**
**ମୋ.- ୯୭୭୬୫୨୨୩୦୬**

Advertorial


## ଜୁଲାଇ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ

ଭୁବନେଶ୍ୱର,(ସବ୍ୟୁ): ଶୁକ୍ରବାର ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଶାସନର ସଫଳତା ପ୍ରଚାର ପାଇଁ ଆସୁଛନ୍ତି । ଓଡ଼ିଶାରେ ମହିଳାଙ୍କ ପ୍ରତି ଗଣଦୁଷ୍କର୍ମ ବଢ଼ି ଚାଲିଛି । ସେହିଭଳି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ୧୧ ଟି ଜିଲ୍ଲାରେ ହଇଜା ବ୍ୟାପି ହାହାକାର ପରିସ୍ଥିତି ଦେଖାଦେଇଛି । ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିବାକୁ ଆମେ ସ୍ୱାଗତ କରିବୁ ଯଦି ଗୋପାଳପୁର ଓ କେନ୍ଦୁଝରର ବହୁଚର୍ଚ୍ଚିତ ଗଣଦୁଷ୍କର୍ମ ଶିକାର ହୋଇଥିବା ପରିବାରକୁ ଭେଟି ଓଡ଼ିଶାର ଆଇନ ଶୃଙ୍ଖଳାକୁ ସୁଧାରିବେ । ଓଡ଼ିଶାର ଅବହେଳିତ ଲୋକଙ୍କ ସମସ୍ୟାକୁ ଅନୁଧ୍ୟାନ କରି ସମାଧାନ କରିବେ । ହଇଜାରେ ୧୭ରୁ ଅଧିକ ଲୋକଙ୍କ ଜୀବନ ଗଲାଣି । ପ୍ରଦୁଷିତ ଜଳ ଓ ଅଖାଦ୍ୟ ଝାଡ଼ାବାନ୍ତି ରୋଗକୁ ବଢ଼େଇବାରେ ଇନ୍ଧନ ଯୋଗାଇଛି । ମୟୂରଭଞ୍ଜର ଉଦଳାରେ ୩୦ରୁ ଉର୍ଦ୍ଧ୍ୱ ଲୋକ ହଇଜାରେ ଆକ୍ରାନ୍ତ ହୋଇଛନ୍ତି । ହଇଜାକୁ ଯେଉଁଭଳି ଗୁରୁତ୍ୱ ଦେବାକଥା ସରକାର ଦେଉନାହାନ୍ତି । ପିସିସି ପକ୍ଷରୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅନୁଧ୍ୟାନ ପାଇଁ ଏକ ୧୨ ଜଣିଆ କମିଟି ବିଧାୟକ ଡ଼ା. ସିଏସ ରାଜନ ଏକ୍କାଙ୍କ ନେତୃତ୍ୱରେ ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରିଛି । ଉକ୍ତ ଗସ୍ତରେ ରାଜ୍ୟ ପ୍ରଭାରୀ ଅଜୟ ଲଲ୍ଲୁ ମଧ୍ୟ ରହିଛନ୍ତି । ଉକ୍ତ ଟିମ ହଇଜା ପ୍ରଭାବିତ ଅଞ୍ଚଳର ସାଧାରଣ ଜନତାଙ୍କୁ ଭେଟି ରିପୋର୍ଟ ପ୍ରଦାନ କରିବେ । ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନେତୃତ୍ୱରେ ପିସିସି ପକ୍ଷରୁ ଏକ ଅନୁଧ୍ୟାନକାରି ଦଳ କେନ୍ଦୁଝର ଗସ୍ତ କରିବ ଏବଂ ଗୋପାଳପୁର ଘଟଣାରେ ଅନୁଧ୍ୟାନ କରିବାକୁ କଂଗ୍ରେସର ଏକ ଟିମ ଗସ୍ତ କରିଛି ବୋଲି ଶ୍ରୀ ଦାସ କହିଛନ୍ତି ।

କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ଶାସନର ବିଫଳତା ବିରୁଦ୍ଧରେ କଂଗ୍ରେସ ଶୁକ୍ରବାରି ସକାଳ ୯ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଅନଶନ କରିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି । କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ରାହୁଲ ଗାନ୍ଧୀଙ୍କ ଜନ୍ମ ଦିନ ଅବସରରେ କଟକ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ରକ୍ତଦାନ ଶିବିର ଏବଂ ନାରୀ ସାମାଜିକ ନ୍ୟାୟ ଉପରେ ଚଳଚ୍ଚିତ୍ର ଫୁଲେକୁ ଛାତ୍ର କଂଗ୍ରେସ ପକ୍ଷରୁ କଂଗ୍ରେସ ନେତୃବୃନ୍ଦଙ୍କୁ ଦେଖାଇଛନ୍ତି । ସେ କହିଛନ୍ତି ଜୁଲାଇ ଦ୍ୱିତୀୟ ସପ୍ତାହରେ ରାହୁଲ ଗାନ୍ଧୀ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଓ ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେସି ଭେଣୁ ଗୋପାଳ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଭୁବନେଶ୍ୱର ଠାରେ ବିଶାଳ ଜନସମାବେଶ ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ରାଜ୍ୟର ବିଭିନ୍ନ



ଅଘଟଣକୁ ଏଆଇସିସି ଗୁରୁତ୍ୱର ସହ ନେଇଛି । ଏହାକୁ ଅନୁଧ୍ୟାନ ନିମନ୍ତେ ଏକ ୫ଜଣିଆ କମିଟି ଗଠନ କରିଛି । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ ଓଡ଼ିଶାରେ ନାରୀ ଅସୁରକ୍ଷିତ ଥିଲା ବେଳେ ମହିଳା କମିଶନ ଅଦ୍ୟାବଧି ନିଯୁକ୍ତି ହୋଇନାହିଁ । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, କଂଗ୍ରେସ ନେତା ଅରବିନ୍ଦ ଦାସ, ପିସିସି ମୁଖପାତ୍ର ରଜନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## କାର୍ ଶୋ'ରୁମ୍ ଉପରକୁ ବୋମାମାଡ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଶାମପୁର ନିକଟରେ ଥିବା ଏକ କାର୍ ଶୋ'ରୁମ୍ ଉପରକୁ ବୁଧବାର ରାତିରେ ଦୁର୍ବୃତ୍ତମାନେ ଘନ ଘନ ବୋମାମାଡ କରିଥିଲେ । ବୋମାମାଡରେ ୪/୬ଟି କାର୍ ନଷ୍ଟ ହୋଇଯାଇଥିବା ଶୋ'ରୁମ୍ ମାଲିକ ଦୀପକ ମହାରଣା କହିଛନ୍ତି । ପୂର୍ବ ଶତ୍ରୁତାରୁ ଏହି ବୋମାମାଡ ହୋଇଥିବା ମାଲିକ କହିଛନ୍ତି । ବୋମାମାଡର ନେତୃତ୍ୱ ନେଉଥିବା ଅଭିଯୁକ୍ତ କାର୍ ଶୋ'ରୁମ୍‌ରେ କାମ କରୁଥିଲା । ତା'ର ଦୁଷ୍ଟାମୀ ପାଇଁ ତାକୁ ମାଲିକ ଦୀପକ କାମରୁ ବାହାର କରିଦେଇଥିଲେ । ସେହି ରାଗରେ ସେ ମାଲିକଙ୍କୁ ଫୋନ୍‌ରେ ନାନାଦି ଧମକ ଦେବା ସହ ହଇରାଣ ହରକତ କରିଆସୁଥିଲା । ବୁଧବାର ଦିନ ମୋବାଇଲରେ ତାଙ୍କୁ ନାନାଦି ଧମକ ଦେଇଥିବା ବେଳେ ରାତି ସାଢେ ୧୦ଟାରୁ ୧୧ଟା ମଧ୍ୟରେ ଶୋ'ରୁମ୍ ସାମ୍ନାରେ ଥିବା ଏକ ପାଚେରି ପାଖରେ ଠିଆ ହୋଇ ବୋମାମାଡ କରିଥିଲେ । ୫ଜଣ ଏକ ସ୍କର୍ପିଓ ଗାଡ଼ିରେ ଆସିଥିବା ଶୋ'ରୁମ୍‌ର କର୍ମଚାରୀ ସୂର୍ଯ୍ୟକାନ୍ତ ଦାସ କହିଛନ୍ତି ।

ଗୋଟିଏ ପରେ ଗୋଟିଏ ୫ଟି ବୋମା ମାଡ କରିବା ଫଳରେ ୪/୬ଟି କାର୍ ନଷ୍ଟ ହୋଇଛି । ୫ଟି ବୋମା ମଧ୍ୟରୁ ୨ଟି ଫୁଟି ନଥିଲା ବୋଲି ସୂର୍ଯ୍ୟକାନ୍ତ କହିଛନ୍ତି । ଘନ ଘନ ବୋମାମାଡ ହେବା ଦେଖି ସୂର୍ଯ୍ୟକାନ୍ତ ଶୋ'ରୁମ୍ ପାଖରୁ ଦୌଡି ପଳାଇଥିବା ଗଣମାଧ୍ୟମକୁ କହିଛନ୍ତି । କେବଳ ଶୋ'ରୁମ୍ ଉପରକୁ ନୁହେଁ, ଦୀପକ ମହାରଣାଙ୍କ ଘର ପାଖରେ ମଧ୍ୟ ବୋମାମାଡ ହୋଇଥିବା ସେ କହିଛନ୍ତି । ବୋମାମାଡରେ କେହି ମୃତାହତ ହୋଇନଥିବା ବେଳେ ପୋଲିସକୁ ଭୟ ନକରି ଏପରି ବୋମାମାଡ କରିବା ଆଇନଶୃଙ୍ଖଳା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୫୩
ତିଥି : ନବମୀ
୨୦ ଜୁନ୍ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 253
20 June 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଆଜି ଆସୁଛନ୍ତି ମୋଦି

ଭୁବନେଶ୍ୱର,୧୯ ।୬(ସବ୍ୟୁ): ଆସନ୍ତାକାଲି ରାଜ୍ୟ ବିଜେପି ସରକାରର ବର୍ଷ ପୂର୍ତ୍ତି ଅବସରରେ ହେବାକୁଥିବା ସମାବେଶରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ଆସୁଛନ୍ତି। ଏଥିଲାଗି ଜନତା ମୈଦାନରେ ବିଶାଳ ସମାବେଶର ଆୟୋଜନ କରାଯାଉଛି। ପ୍ରଧାନମନ୍ତ୍ରୀ ଏହି ଗସ୍ତ ଅବସରରେ ୧୮ ୭୦୦ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଉଦଘାଟନ କରିବେ। ୬୦ ପ୍ରକଳ୍ପର ଶିଳାନ୍ୟାସ ଓ ୪୫ ପ୍ରକଳ୍ପର ଲୋକାର୍ପଣ କରିବେ।



ପୂର୍ବତଟ ରେଳବାଇର ୨୭୨୫ କୋଟିରୁ ଅଧିକ ରେଳପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟକ୍ରମ ରହିଛି।

**୧୮ ୭୦୦ କୋଟି ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ**

ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବ। ବିମାନବନ୍ଦରରୁ ତ୍ରିରଙ୍ଗା ଯାତ୍ରାରେ ପ୍ରଧାନମନ୍ତ୍ରୀ ଯିବେ। କଳିଙ୍ଗ ଷ୍ଟାଡିୟମରୁ (୯ ପୃଷ୍ଠାରେ)

## ତ୍ରୁଟିଶୂନ୍ୟ ପ୍ରସ୍ତୁତି ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯ ।୬(ସବ୍ୟୁ): ବର୍ଷ ପୂର୍ତ୍ତି ସମାରୋହ ଉପଲକ୍ଷେ ଭୁବନେଶ୍ୱର ଜନତା ମୈଦାନରେ ଆୟୋଜିତ ସଭା ସ୍ଥଳ ପ୍ରସ୍ତୁତି କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅନୁଧ୍ୟାନ କରିଛନ୍ତି। ତ୍ରୁଟିଶୂନ୍ୟ ପ୍ରସ୍ତୁତ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗଦେବେ।

ଆଜି ମୁଖ୍ୟମନ୍ତ୍ରୀ ସଭାସ୍ଥଳ ବୁଲି ଦେଖିବା ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକଳାପରେ ଯେପରି କୌଣସି ତ୍ରୁଟି ନରହିବ ସେଥି ପ୍ରତି ସଜାଗ



ଜନତା ମୈଦାନରେ ପ୍ରସ୍ତୁତି କାର୍ଯ୍ୟର ଅନୁଧ୍ୟାନ

ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ସନ୍ଧ୍ୟା ସୁଧା ସମସ୍ତ କାର୍ଯ୍ୟ ସମ୍ପନ୍ନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜେପିର ରାଜ୍ୟ ପ୍ରଭାରୀ ବିଜୟ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ପ୍ରସ୍ତୁତି କାର୍ଯ୍ୟ ଦେଖିଥିଲେ। ମୁଖ୍ୟ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗ ଏସିଏସ୍ ହେମନ୍ତ ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତି କାର୍ଯ୍ୟର ସବିଶେଷ ସୂଚନା ଦେଇଥିଲେ। (୯ ପୃଷ୍ଠାରେ)

### ୬ ଜିଲ୍ଲାର ଡାଇରିଆ ମୁକାବିଲା ସମୀକ୍ଷା

## ସତର୍କ ରହିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯ ।୬ (ସବ୍ୟୁ) : ରାଜ୍ୟରେ ୬ଟି ଜିଲ୍ଲାରେ ଡାଇରିଆ ସ୍ଥିତି ବିଗିଡ଼ିବାରେ ଲାଗିଛି । ଯାଜପୁର, କଟକ,

**କଟକ, ଯାଜପୁର, ଭଦ୍ରକ ଜିଲ୍ଲାରେ ସ୍ଥିତି ପରଖିଲେ ବିଶେଷଜ୍ଞ ଟିମ**

**ଭଦ୍ରକରେ ଦୁଇଦିନ, ଯାଜପୁରରେ ତିନିଦିନ ଅଙ୍ଗନବାଡ଼ି, ଶିକ୍ଷାନୁଷ୍ଠାନ ଛୁଟି**

ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର ଓ କେନ୍ଦ୍ରାପଡା ଆଦି ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଭାସି ମାଧ୍ୟମରେ ଡାଇରିଆ ସ୍ଥିତି ଏବଂ ମୁକାବିଲାର ବିଭିନ୍ନ ଦିଗ ଉପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିସ୍ତୃତ ଆଲୋଚନା କରିଥିଲେ । ସଂକ୍ରମଣ ସଂଖ୍ୟା ହ୍ରାସ ପାଉଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ରୂପେ ସତର୍କ ରହି କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଅଙ୍ଗନବାଡ଼ି, ସ୍କୁଲ ଓ କଲେଜ ଗୁଡ଼ିକର ସୁରକ୍ଷାକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାରେ ଖରାଛୁଟିକୁ ଦୁଇଦିନ ଓ ଯାଜପୁର ଜିଲ୍ଲାରେ ତିନିଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । (୯ ପୃଷ୍ଠାରେ)

## ସୁରକ୍ଷିତ ଦର୍ଶନକୁ ଗୁରୁତ୍ୱ

ପୁରୀ, ୧୯ ।୬ (ସବ୍ୟୁ) : ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ ଆସନ୍ତା ୨୭ ତାରିଖରେ। ହାତ ଗଣତି ପରି ରହିଲା ଆଉ ମାତ୍ର ୭ ଦିନ। ଚଳ ଚଞ୍ଚଳ ହୋଇ ଉଠୁଛି ବଡ ଦାଣ୍ଡ।

ରଥ ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଛି ଜୋର୍ଦାର ପ୍ରସ୍ତୁତି। ସମସ୍ତ କାର୍ଯ୍ୟକୁ ଚୁଡାନ୍ତ ରୂପ ଦେବାକୁ ସରକାର, ପ୍ରଶାସନ ଓ ସେବାୟତ ପ୍ରସ୍ତୁତ ରହିଛନ୍ତି। ଚଳିତ ବର୍ଷ ସମସ୍ତ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀ ଯେପରି ସୁନ୍ଦର, ସୁଖଦ ଓ ଶୃଙ୍ଖଳିତ ଦର୍ଶନ କରିବେ ସେଥି ପାଇଁ

**ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା**

ପ୍ରତ୍ୟେକ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ରଥଯାତ୍ରା ପାଇଁ ଗଠିତ ରାଜ୍ୟ ଉଚ୍ଚ ସ୍ତରୀୟ ମନ୍ତ୍ରୀ କମିଟି। ଗୁରୁବାର (୯ ପୃଷ୍ଠାରେ)

## ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ଘରେ ଆଇଟି ଚଢ଼ାଉ

ସମ୍ବଲପୁର, ୧୯ ।୬ (ସବ୍ୟୁ) : ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଘର, ହୋଟେଲ ଓ ଅଫିସରେ ଆୟକର ବିଭାଗ ପକ୍ଷରୁ ଚଢଉ କରାଯାଇଛି। ଆୟକର ଫାଙ୍କିବା ଅଭିଯୋଗରେ ସମ୍ବଲପୁର ସମେତ ଝାରସୁଗୁଡା, ସୁନ୍ଦରଗଡ, ଭୁବନେଶ୍ୱର ଓ ଦିଲ୍ଲୀ ସମେତ ୧୯ଟି ସ୍ଥାନରେ ଏକକାଳୀନ ଚଢଉ ହୋଇଛି। ସମ୍ବଲପୁର ମୁଦିପଡା ସ୍ଥିତ ବାସଭବନ, ଭିଏସ୍‌ଏସ୍ ମାର୍ଗସ୍ଥିତ ଦି ମାଣ୍ଡାରିନ୍ ହୋଟେଲ ଓ ଭାଲୁପାଲିସ୍ଥିତ ଡି ଲାଉଞ୍ଜ୍ ହୋଟେଲରେ ଆୟକର ବିଭାଗ ଅଧିକାରୀମାନେ ଚଢଉ କରିଛନ୍ତି। ଗୁରୁବାର ଭୋର ୫ଟା ଚଢଉ ଆରମ୍ଭ ହୋଇଥିଲା। ଚଢଉ ବେଳେ ମାଣ୍ଡାରିନ୍ ହୋଟେଲରୁ ହାର୍ଡଡିସ୍କ ଜବତ କରାଯାଇଛି। ଏଥିସହ ବହୁ କାଗଜପତ୍ର ଓ ଲାପଟପ୍ ଆଦି ଯାଞ୍ଚ କରାଯାଇଥିଲା। ଏପରିକି ହୋଟେଲ କର୍ମଚାରୀଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା। ହୋଟେଲ ଓ ଘର ବାହାରେ ସିଆରପିଏଫ୍ ଯବାନ ଜଗିଥିବା ବେଳେ ଭିତରକୁ କାହାକୁ ଯିବାକୁ (୯ ପୃଷ୍ଠାରେ)

## ଦୁର୍ଘଟଣାଗ୍ରସ୍ତ ବିମାନର ବ୍ଲାକ୍‌ବକ୍ସ ନଷ୍ଟ

ନୂଆଦିଲ୍ଲୀ, ୧୯ ।୬: ଜୁନ୍ ୧୨ରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆର ବୋଇଂ ବିମାନ ୭୮୭-୮ ଡ୍ରିମ୍ ଲାଇନରର ମିଳିଥିବା ବ୍ଲାକ୍ ବକ୍ସ ନଷ୍ଟ ହୋଇଯାଇଛି। ଏହି ବ୍ଲାକ

**ଯାଞ୍ଚ ଲାଗି ଯିବ ଆମେରିକା**

ବକ୍ସରୁ ତଥ୍ୟ ବାହାର କରିବା ପାଇଁ ଆମେରିକାକୁ ପଠାଯାଇପାରେ ବୋଲି ଏକ ସୂତ୍ରରୁ ଜଣାପଡିଛି। ତେବେ ସରକାର ଏସମ୍ପର୍କରେ ସବିଶେଷ ନିଷ୍ପତ୍ତି ନେବେ।

ବ୍ଲାକ୍ ବକ୍ସରେ ଥିବା ଦୁଇ ଡିଭାଇସ୍ ମଧ୍ୟରେ କକପିଟ୍ ଭଏସ ରେକର୍ଡର ଓ ଡାଟା ରେକର୍ଡର ରହିଥାଏ। ଅହମ୍ମଦାବାଦର ଦୁର୍ଘଟଣାଗସ୍ତ ସ୍ଥଳରୁ ବ୍ଲାକ୍ ବକ୍ସକୁ ଉଦ୍ଧାର କରାଯାଇଥିଲା। ତେବେ ଏହା ନଷ୍ଟ ହୋଇଯାଇଥିବାରୁ ଆମେରିକା ପଠାଯିବ ବୋଲି ସୂଚନା ମିଳିଛି। ଭାରତୀୟ ଅଧିକାରୀମାନେ ମଧ୍ୟ ପ୍ରୋଟୋକଲ ଅନୁଯାୟୀ ବ୍ଲାକ୍ ବକ୍ସ ସହ ଆମେରିକା ଯିବେ। ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଆନ୍ତର୍ଜାତୀୟ ବିମାନବନ୍ଦରରେ (୯ ପୃଷ୍ଠାରେ)


ବିକଶିତ ଓଡ଼ିଶା
ବିକଶିତ ଭାରତ



ଓଡ଼ିଶାବାସୀଙ୍କ ପାଇଁ ₹2750 କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳପ୍ରକଳ୍ପର ଉପହାର

ଉଦ୍‌ଘାଟନ
ସୋନପୁର - ପୁରୁଣାକଟକ ମଧ୍ୟରେ ନୂତନ ରେଳ ଲାଇନ
- ଭାରତୀୟ ରେଳ ସେବା ସହିତ ବୌଦ୍ଧର ସଂଯୋଗ
- ଶିଳ୍ପକୁ ପ୍ରୋତ୍ସାହନ, ନିବେଶ ସୁଯୋଗ ଏବଂ ନିଯୁକ୍ତି ସୃଷ୍ଟି

ଭିତ୍ତିପ୍ରସ୍ତର ସ୍ଥାପନ
ସରଲା - ଶାସନ ତୃତୀୟ ଓ ଚତୁର୍ଥ ଲାଇନ
- ଝାରସୁଗୁଡ଼ା-ସମ୍ବଲପୁର ରେଳ ଲାଇନରେ ଭିଡ଼ ହ୍ରାସ
- ସବୁଜ ପରିବହନ-ସଡ଼କରୁ ରେଳକୁ ପରିବର୍ତ୍ତନ, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ

ସବୁଜ ପତାକା ଦେଖାଇ ଶୁଭାରମ୍ଭ
ନୂତନ ଟ୍ରେନ୍ ସେବା
ବୌଦ୍ଧ - ଭୁବନେଶ୍ୱର ନିୟୁ - ବୌଦ୍ଧ ଏକ୍ସପ୍ରେସ୍
ସମ୍ବଲପୁର - ବୌଦ୍ଧ - ସମ୍ବଲପୁର ଏକ୍ସପ୍ରେସ୍
ପୁରୁଣାକଟକକୁ ଟ୍ରେନ ସେବା ଆରମ୍ଭ
- ପର୍ଯ୍ୟଟନ ଏବଂ ଆଞ୍ଚଳିକ ସଂଯୋଗୀକରଣର ଅଭିବୃଦ୍ଧି
- ଏହି ଅଞ୍ଚଳର ସାମାଜିକ ଏବଂ ସାଂସ୍କୃତିକ ଏକତାର ଉନ୍ନତି

ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ
ସରଲାଠାରେ ବଗିଗୁଡ଼ିକର ଆରଓଏଚ୍ ସହିତ ମାଲଗାଡ଼ି ରକ୍ଷଣାବେକ୍ଷଣ ସୁବିଧା
- ଝାରସୁଗୁଡ଼ା ଭଳି ପ୍ରମୁଖ ଶିଳ୍ପ କେନ୍ଦ୍ରକୁ ଦ୍ରୁତ ସେବା
- ସମ୍ବଲପୁର ଅଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି

ବାମଡ଼ା - ଧାରୁଆଡିହି ସେକ୍ସନରେ ଉପମାର୍ଗ
- ରେଳ ଫାଟକରେ ଅପେକ୍ଷାର ଅନ୍ତ - ସୁଗମ ଯାନବାହାନ ଚଳାଚଳ
- ସୁରକ୍ଷା ବୃଦ୍ଧି, ଟ୍ରେନ୍-ଯାନ ଦୁର୍ଘଟଣା ହ୍ରାସ

ଲିଙ୍କ-ସି - ଡୁମେତ୍ରା
(ବଣ୍ଡାମୁଣ୍ଡା-ରାଞ୍ଚି ରେଳ ଲାଇନ ଦୋହରୀକରଣର ଅଂଶ)
- ସୁଗମ ରେଳ ଚଳାଚଳ ବ୍ୟବସ୍ଥା ଓ ସୁବିଧାର ବୃଦ୍ଧି
- ଟ୍ରେନ୍ ଚଳାଚଳ ଆବୃତି ଏବଂ ରେଳଖଣ୍ଡର କ୍ଷମତା ବୃଦ୍ଧି

ଜଳେଶ୍ୱରଠାରେ ରୋଡ୍ ଓଭର ବ୍ରିଜ୍ (ଆର୍‌ଓବି)
- ରେଳ ଫାଟକ ନିକଟରେ ବିଳମ୍ବ ଦୂର
- ସୁଗମ ଯାନବାହନ ଚଳାଚଳ

ଝାରସୁଗୁଡ଼ା ଏବଂ ଜାମଗା ମଧ୍ୟରେ ଚତୁର୍ଥ ରେଳ ଲାଇନ
- ଉତ୍ତମ ସମୟାନୁବର୍ତ୍ତିତା ଏବଂ ସୁଗମ ଟ୍ରେନ୍ ପରିଚାଳନା
- ଏହି ଅଞ୍ଚଳରେ ଆର୍ଥିକ ଏବଂ ଶିଳ୍ପ ଅଭିବୃଦ୍ଧି

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀଙ୍କ
କରକମଳରେ
(ଭିଡିଓ କନ୍‌ଫରେନ୍ସିଙ୍ଗ୍ ମାଧ୍ୟମରେ)

ଗରିମାମୟ ଉପସ୍ଥିତି
ଡ. ହରି ବାବୁ କୁମ୍ଭମପାଟି — ରାଜ୍ୟପାଳ, ଓଡ଼ିଶା
ମୋହନ ଚରଣ ମାଝୀ — ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଜୁଏଲ ଓରାମ — କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ
ଧର୍ମେନ୍ଦ୍ର ପ୍ରଧାନ — କେନ୍ଦ୍ର ଶିକ୍ଷା ମନ୍ତ୍ରୀ
ଅଶ୍ୱିନୀ ବୈଷ୍ଣବ — କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ଶୁକ୍ରବାର, 20 ଜୁନ 2025 | ଅପରାହ୍ନ 4 ଘଟିକା | ଭୁବନେଶ୍ୱର, ଓଡ଼ିଶା



ଭାରତୀୟ ରେଳ
D-2/25-26
DD NEWS ରେ ସିଧା ପ୍ରସାରଣ ଦେଖନ୍ତୁ
www.indianrailways.gov.in
ଆମକୁ ଫଲୋ କରନ୍ତୁ: /RailMinIndia

### ସ୍କୁଲ ଆଗରେ ନିର୍ମାଣାଧୀନ ମୁକୁଳା ଡ୍ରେନ

# ଛାତ୍ରଛାତ୍ରୀଙ୍କ ପାଇଁ ବିପଦ



କୋକସରା,(ସବ୍ୟୁ): କେସିଙ୍ଗା ଡିଭିଜନ ଅଧୀନରେ ଥିବା ଜାତୀୟ ରାଜପଥ ୨୬ ମୋଟେର ଠାରୁ କୋକସରା ପର୍ଯ୍ୟନ୍ତ ରାସ୍ତା କଡରେ ଡ୍ରେନ ଓ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଠିକାସଂସ୍ଥାର ମନମାନି ଚାଲିଛି । ବିଭାଗୀୟ ଅଧିକାରୀଙ୍କ ଖାମ ଖିଆଲି ମନୋଭାବ ଯୋଗୁଁ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି । ରାସ୍ତା କଡରେ ଅର୍ଦ୍ଧ ନିର୍ମିତ ମୁକୁଳା ଡ୍ରେନ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ମୋଟେର ଜାତୀୟ ରାଜପଥ କଡରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ବିଦ୍ୟାଳୟର ଗେଟକୁ ଲାଗି ମୁକୁଳା ଡ୍ରେନ ରହିଛି। ଶୁକ୍ରବାର ଖରା ଛୁଟି ପରେ ସ୍କୁଲ ଖୋଲୁଥିବା ବେଳେ ଗେଟ ସମ୍ମୁଖରେ ଥିବା ଅସମ୍ପୂର୍ଣ୍ଣ ଡ୍ରେନ ଯୋଗୁଁ ସ୍କୁଲକୁ ଯାତାୟାତରେ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ସହ ଦୁର୍ଘଟଣାର ବିପଦ ମଧ୍ୟ ରହିଛି। ଏନେଇ ଠିକାସଂସ୍ଥାକୁ ସ୍କୁଲ କର୍ତ୍ତୃପକ୍ଷ ଅଭିଯୋଗ ପରେ ମଧ୍ୟ ଏ ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଫଳରେ ସ୍ଥାନୀୟ ଲୋକ ଓ ଛାତ୍ରଛାତ୍ରୀ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। କେସିଙ୍ଗା ଜାତୀୟ ରାଜପଥ ବିଭାଗ ଏଦିଗରେ ଯତ୍ନବାନ ହୋଇ ଶୀଘ୍ର ଡ୍ରେନ କାର୍ଯ୍ୟ ସମ୍ପାଦନ କରିବାକୁ ଠିକାସଂସ୍ଥାକୁ ତାଗିଦ କରିବାକୁ ସାଧାରଣରେ ଦାବି ହେଉଛି।

### ସମ୍ଭାବ୍ୟ ବନ୍ୟାର ମୁକାବିଲା ନେଇ ଟେବୁଲ ଟପ ବୈଠକ

# ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱାରୋପ



ସୋନପୁର, (ସବ୍ୟୁ): ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜରୁରୀକାଳୀନ ଶାଖା ଦ୍ୱାରା ଆହୂତ କାର୍ଯ୍ୟକ୍ରମରେ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଓ କାର୍ଯ୍ୟକାରିତା ଉପରେ ସମ୍ପୃକ୍ତ ବିଭାଗ ଦ୍ୱାରା ବନ୍ୟା ପୂର୍ବରୁ,ବନ୍ୟା ସମୟରେ ଓ ବନ୍ୟା ପରବର୍ତ୍ତୀ ପଦକ୍ଷେପ ଉପରେ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ବିଭାଗ ମାନଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମର ତଥ୍ୟ ଗୁଡିକର ପ୍ରତ୍ୟେକଟି ବିନ୍ଦୁ ଉପରେ ବିଷଦ ଭାବରେ ଆଲୋଚନା କରି ସମ୍ଭାବ୍ୟ ବନ୍ୟାର ସଠିକ ଓ ସଫଳ ମୁକାବିଲା ନିମନ୍ତେ ବିପର୍ଯ୍ୟୟର ଅତ୍ୟନ୍ତ ଗୁରୁତର ପ୍ରଭାବକୁ ଧ୍ୟାନରେ ରଖି ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେବା ସହ ନୈତିକ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି। ଜିଲ୍ଲାର ବନ୍ୟା ଆଶ୍ରୟସ୍ଥଳୀ ମାନଙ୍କରେ ସମୟ ପୂର୍ବରୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହିତ ବନ୍ୟା ସମ୍ବନ୍ଧୀୟ ଯେ କୌଣସି ପୂର୍ବ ସୂଚନାର ବ୍ୟାପକ ଜନ ସଚେତନତା ଓ ଗୋଷ୍ଠୀ ସହାଭାଗିତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ ଏହି ପରିପ୍ରେକ୍ଷୀରେ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସୁ- ସମ୍ପର୍କ ରକ୍ଷା ପୂର୍ବକ କାର୍ଯ୍ୟ ସମ୍ପାଦନରେ ଜିଲ୍ଲାରେ ଜିରୋ କାଜୁଆଲିଟି ଉପରେ ଯତ୍ନବାନ ହେବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାର ସମ୍ପୃକ୍ତ ପ୍ରତ୍ୟେକ ଅଧିକାରୀ ତଥା କର୍ମଚାରୀ ସମ୍ଭାବ୍ୟ ବନ୍ୟାର ମୁକାବିଲା ନିମନ୍ତେ ସମ୍ପୂର୍ଣ ପ୍ରସ୍ତୁତ ସହ ସ୍ଥିତି ପରିସ୍ଥିତିକୁ ନିରୀକ୍ଷଣ କରି ତ୍ୱରିତ ପଦକ୍ଷେପ ପାଇଁ କାର୍ଯ୍ୟ କରିବାକୁ କହିଥିବା ବେଳେ କାର୍ଯ୍ୟର ବ୍ୟବସ୍ଥିତ ପରିଚାଳନା ନିମନ୍ତେ ଜିଲ୍ଲାସ୍ତର, ଉପଖଣ୍ଡସ୍ତର,ବ୍ଲକସ୍ତର ତଥା ସମ୍ପୃକ୍ତ ବିଭିନ୍ନ ବିଭାଗ ନିଜ ନିଜ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମର କାର୍ଯ୍ୟକ୍ଷମକୁ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀ ତଥା ବିଡ଼ିଓ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ଜନସାଧାରଣ ବିପର୍ଯ୍ୟୟ ସମ୍ବନ୍ଧୀୟ କୌଣସି ତ୍ୱରିତ ସୂଚନା ପାଇବାକୁ କିମ୍ବା ସୂଚନା ଦେବାକୁ ଜିଲ୍ଲା କାର୍ଯ୍ୟାଳୟ କଣ୍ଟ୍ରୋଲ ରୁମ ନମ୍ବର ୦୬୬୫୪-୨୯୧୩୭୪ କୁ (୨୪ସ୭) ଯୋଗାଯୋଗ କରିପାରିବେ। କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଓଡିଶା ରାଜ୍ୟ ରିଲିଫ କମିଶନ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ମୟୁରେସ ପଣ୍ଡା ଯୋଗଦାନ କରି ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଓସଡ଼ମା ଓ ଏନଡିଆରଏଫର ଭୂମିକା ଉପରେ ଆଲୋକପାତ କରି ପ୍ରତ୍ୟେକ ବିଭାଗ ସଂଗଠିତ ହୋଇ ନିଜ ନିଜର ଦାୟିତ୍ୱକୁ ନିଷ୍ଠାର ସହ ସମ୍ପାଦନ କଲେ ଆମେ ନିଶ୍ଚିତ ସଫଳ ହେବା ବୋଲି କହିଥିଲେ । କାର୍ଯ୍ୟକ୍ରମ ଅବସରରେ ଏସପି ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଉପ ଜିଲ୍ଲାପାଳ ସୋନପୁର ଡଃ.ସୌମ୍ୟରୁପା ରଥ ପ୍ରମୁଖ ଯୋଗଦାନ କରି ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ କରି ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ନିମନ୍ତେ ଉତ୍ତମ ସମନ୍ୱୟ ରକ୍ଷା ପୂର୍ବକ ଦୃଢ଼ ମାନସିକତା ସହ କାର୍ଯ୍ୟ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ଜରୁରୀ ଶାଖା ଅଧିକାରୀ ସଂଗ୍ରାମ କେଶରୀ ଜେନା ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଜରୁରୀ ଶାଖାର ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ନାୟକ କାର୍ଯ୍ୟକ୍ରମର ରୂପରେଖ, ବ୍ୟବସ୍ଥିତ କାର୍ଯ୍ୟଖସଡ଼ାର ଦୃଶ୍ୟଶ୍ରାବ୍ୟ ମାଧମରେ ତଥ୍ୟ ପ୍ରଦାନ କରିଥିଲେ ।

# ସର୍ବୋଦୟ ସଂକଳ୍ପ ଶିବିର ଉଦ୍‌ଘାଟିତ

ବୌଦ୍ଧ,(ସବ୍ୟୁ): ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ବୌଦ୍ଧ ଜିଲ୍ଲା ଶାଖା ପକ୍ଷରୁ ଦୁଇ ଦିନିଆ ସର୍ବୋଦୟ ସଂକଳ୍ପ ଶିବିର ଉଦଘାଟିତ ହୋଇଯାଇଛି। ଶିବିରକୁ ସଂଗଠନର ରାଜ୍ୟ ସଭାପତି ସୁଦର୍ଶନ ଦାସ ଏବଂ ବୌଦ୍ଧ ଜିଲ୍ଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର ଉଦଘାଟନ କରିଥିଲେ । ପୂର୍ବାହ୍ନ ଅଧିବେଶନରେ ସୁପ୍ରିମ କୋର୍ଟ ଆଡଭୋକେଟ ବିରଜା ମହାପାତ୍ର ଶିବିରରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ କଂଗ୍ରେସର ଭୂମିକା ଉପରେ ଆଲୋକପାତ କରିଥିଲେ । ଅପରାହ୍ନ ଅଧିବେଶନରେ ଭାରତ ନିର୍ମାଣରେ କଂଗ୍ରେସର ଭୂମିକା ସମ୍ପର୍କରେ ସଂଗଠନର ରାଜ୍ୟ ସଭାପତି ସୁଦର୍ଶନ ଦାସ ଏବଂ ଦେଶର ସମ୍ବିଧାନର ସୁରକ୍ଷା ଓ ଆମ ଦାୟିତ୍ୱ ଉପରେ ଡାକ୍ତର ମନିଷା ଦାସ ପଟ୍ଟନାୟକ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନର ସମ୍ପାଦକ ବିଜୟ କୁମାର ପ୍ରଧାନ, ଲବ ସାହୁ, ପାଣ୍ଡବ କର୍ଣ୍ଣ , ଉଦୟନାଥ ଶର୍ମା , ଜିଲ୍ଲା ସଂଯୋଜକ ସମରେନ୍ଦ୍ର ମହାକୁଲ, ଜିଲ୍ଲା କଂଗ୍ରେସ ମୁଖ୍ୟ ପ୍ରବକ୍ତା ଶାନ୍ତନୁ ମହାପାତ୍ର, ଆଇନଜୀବୀ ତାରିଣୀ ଜେନା, ବିଶ୍ୱଜିତ ମିଶ୍ର,ଏସ ଟି ସେଲ ସଭାପତି ପ୍ରଦୀପ ମଲ୍ଲିକ, କିଷାନସେଲ୍ ର ସଂଯୋଜକ ରୋହିତାସ୍ ବେହେରା, କଣ୍ଟାମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କହଁର, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କର୍ଣ୍ଣ ବୁଦ୍ଧଦେବ ପ୍ରଧାନ,ବିନ୍ଧ୍ୟାବିନୀ ସାହୁ, ସନ୍ଧ୍ୟାରାଣୀ ସିଂହ , ଅମୃତି ମହାନନ୍ଦିଆ , ଗୀତାଞ୍ଜଳି ବେହେରା, ବାସନ୍ତୀ ଦେହୁରୀ, ଜାହ୍ନବୀ ମହାନନ୍ଦିଆ, ଦେବକୀ ମହାନନ୍ଦିଆ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନାରେ ସକ୍ରିୟ ଭାବେ ସହଯୋଗ କରିଥିଲେ ।

# ଘର ପ୍ଲାନ ମଞ୍ଜୁର ନାଁରେ ଠକେଇ, ଜୀବନକୃଷ୍ଣ ଗିରଫ

ସମ୍ବଲପୁର,(ସବ୍ୟୁ): ଘର ପ୍ଲାନ ମଞ୍ଜୁର ନାଁରେ ଠକେଇ ଅଭିଯୋଗର ଫର୍ଦ୍ଦ ଯୋଡି ହେବାରେ ଲାଗିଛି । ତଦନ୍ତ ବେଳେ ଅନ୍ୟ ଲୋକଙ୍କ ସଂପୃକ୍ତି ପଦାକୁ ଆସିଛି । ଏଭଳିସ୍ଥଳେ ଅଇଁଠାପାଲି ଥାନା ପୋଲିସ ଲକ୍ଷ୍ମୀ ଟକିଜ ଛକ ଅଞ୍ଚଳର ଜୀବନକୃଷ୍ଣ ବେହେରା ଗିରଫ କରିଛି । ସେ ଫେରାର ଥିବା ବେଳେ ପୋଲିସ ତାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ଉନ୍ନୟନ ପ୍ରାଧିକରଣ(ଏସ୍‌ଡିଏ) ଅଫିସରେ ଲୋକଙ୍କୁ ଘର ନିର୍ମାଣ ଅନୁମତି ନାଁରେ ଠକେଇ ହୋଇଥିଲା । ଅଫିସର ଏକାଧିକ କର୍ମଚାରୀ ଅନ୍ୟ କିଛି ବ୍ୟକ୍ତିଙ୍କ ସହ ଚକ୍ରାନ୍ତ କରି କୋଟି କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା । ଗତ ଏପ୍ରିଲ, ୨୦୨୩ରେ କାଇଁଶିର ଅଞ୍ଚଳର ଦେବରାଜ ସାହୁ ଘର ପ୍ଲାନ ମଞ୍ଜୁର ପାଇଁ ଆବେଦନ କରିଥିଲେ । ସେ ମାନସ ଚୈନିଙ୍କ ସହଯୋଗରେ ୧୨ହଜାର ଟଙ୍କା ଦେଇ ନକ୍ସା ତିଆରି କରିଥିଲେ । ପରେ ପ୍ଲାନିଂ ମେମ୍ବର ବନ୍ଦିତା ମହାପାତ୍ରଙ୍କୁ ଅନୁମତି ପାଇଁ ସାକ୍ଷାତ କରିଥିଲେ । ଏହାପରେ ତାଙ୍କ କହିବା ମୁତାବକ ସେ ଅଫିସର କର୍ମଚାରୀ ତଥା ବୁର୍ଲା ଅଞ୍ଚଳର ଲକ୍ଷ୍ମୀନାରାୟଣ ସାମଲଙ୍କୁ ଭେଟିଥିଲେ । ଏହାପରେ ମାନସ ଓ ଲକ୍ଷ୍ମୀନାରାୟଣ ତାଙ୍କୁ ଅନୁମତି ବାବଦକୁ ୨ଲକ୍ଷ୫୯ହଜାର୨୩୪ଟଙ୍କା ଦେବାକୁ ଏକ ହାତଲେଖା ସ୍ଲିପ ପ୍ରଦାନ କରିଥିଲେ । ଏହାପରେ ଆବେଦନକାରୀ ଏହି ଟଙ୍କା ଚେକ୍ ଆକାରରେ ପୈଠ କରିଥିଲେ । ତେବେ ଏହି କର୍ମଚାରୀ ତାଙ୍କ ଠାରୁ ୨୫ହଜାର ଟଙ୍କା ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ଆଣିଥିବା ଅଭିଯୋଗ ହୋଇଛି । ଏହାପରେ ତାଙ୍କୁ ଯେଉଁ ଅନୁମତି ପତ୍ର ପ୍ରଦାନ କରାଯାଇଛି ତାହା ନକଲି ବୋଲି ଜଣାପଡିଛି । ଏହି ପତ୍ରରେ ଏସ୍‌ଡିଏ ପ୍ଲାନିଂ ମେମ୍ବର ବନ୍ଦିତା ମହାପାତ୍ରଙ୍କ ସ୍ୱାକ୍ଷର ରହିଥିଲା । ଏହା ଜଣାପଡିବା ପରେ ଆବେଦନକାରୀ ଦେବରାଜ ସାହୁ ଅଇଁଠାପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ୩୬୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ସେହିପରି ସମ୍ବଲପୁର ସହର ଗୋପାଲପାଲିର ହୃଷିକେଶ ବାହାଦୁର ସିଂ ଓ ଅଇଁଠାପାଲିର ସବିତା ବଘାରଙ୍କ ଏସ୍‌ଡିଏ ମଞ୍ଜୁର କରିଥିବା କାଗଜପତ୍ର ଜାଲ ବୋଲି ପ୍ଲାନିଂ ମେମ୍ବର ବନ୍ଦିତା ମହାପାତ୍ର କ୍ଷେତରାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ ୨୦୯/୨୩ରେ ଏକ ମାମଲା ରୁଜୁ କରି ବୁର୍ଲା ଅଞ୍ଚଳର ଲକ୍ଷ୍ମୀନାରାୟଣ ସାମଲ, କାଇଁଶିରର ଅଜୟ ବେହେରା, ବଡମାଳର ବିକାଶ ଜଗତ, କୁଲୁଥକାନୀର ଡମ୍ବରୁଧର ତ୍ରିପାଠୀ , ଝାଡୁଆପଡାର ସୁଧାଂଶୁ କିଶୋର ପତି, ମାନସ ଚୈନୀଙ୍କୁ ଗିରଫ କରିଥିଲା । ଏହି ଠକେଇ ମାମଲାରେ ପ୍ଲାନିଂ ମେମ୍ବର ବନ୍ଦିତା ମହାପାତ୍ରଙ୍କୁ ମଧ୍ୟ ଅଇଁଠାପାଲି ପୋଲିସ ଦ୍ୱାରା ପୂର୍ବରୁ ଗିରଫ ହୋଇଥିଲେ ।

# ପ୍ରତିଶ୍ରୁତି ବଦଳରେ ପ୍ରତାରଣା କରିଛି ସରକାର : କଂଗ୍ରେସ



ସମ୍ବଲପୁର,(ସବ୍ୟୁ): ରାଜ୍ୟରେ ନାରୀ ନିର୍ଯାତନା ଓ ଗଣ ଦୁଷ୍କର୍ମ ବଢିବାରେ ଲାଗିଛି । ସେହିପରି ଡାଇରିଆ ବ୍ୟାପୁଥିବା ବେଳେ ଏହାକୁ ରୋକିବାକୁ ଉଦ୍ୟମ ବଦଳରେ ସରକାର ଉତ୍ସବ ଓ ରୋଡ ଶୋ କରୁଛି । ଏହାକୁ କଂଗ୍ରେସ ନିନ୍ଦା କରିଛି । ବିଜେପି ସରକାର ଓଡିଶାରେ ଲୋକଙ୍କୁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପାଳନ କରିନାହିଁ । ପ୍ରତିଶ୍ରୁତି ବଦଳରେ ସରକାର ପ୍ରତାରଣା କରିଛି । ଗୁରୁବାର ସମ୍ବଲପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଏହା କହିଥିଲେ । ସେ ଆହୁରି କହିଥିଲେ ଯେ, ଲୋକଙ୍କୁ ୩୦୦ୟୁନିଟ୍ ମାଗଣା ବିଜୁଳି, ରତ୍ନଭଣ୍ଡାର ଗଣତି, ସୁଭଦ୍ରା ଯୋଜନା, ଧାନର ଏମ୍‌ଏସ୍‌ପି ବୃଦ୍ଧି, ବର୍ଦ୍ଧିତ ଭତ୍ତା ଲାଗୁ, ନୂତନ ନିଯୁକ୍ତି ଆଦିରେ ସରକାର ବିଫଳ ହୋଇଛି । ବିଜେପି ସରକାରର ବିଫଳତାକୁ ନେଇ ବର୍ଷ ୧, ପ୍ରତାରଣା ଅନେକ ସ୍ଲୋଗାନ ନେଇ କଂଗ୍ରେସ ଦଳ ସବୁ ଘଟଣା ଲୋକଲୋଚନକୁ ଆଣିଛି । ବିଜେପି କେବଳ ୨ରୁ ୪ଟି ନିର୍ବାଚନ ପ୍ରତିଶ୍ରୁତି ପାଳନ କରିଛି ।

ମହାନଦୀ ଜଳ ବିବାଦ, ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା, ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟାଳୟ, ୨ୟ ଏମ୍ସ ସ୍ଥାପନ ପ୍ରସଙ୍ଗରେ ବିଜେପି ଚୁପ୍ ରହିଛି । ପୂର୍ବଭଳି ବିଜେପି ଓ ବିଜେଡି ମିଶି କାର୍ଯ୍ୟ କରୁଥିବା ବେଳେ ଏକମାତ୍ର କଂଗ୍ରେସ ଦଳ ଲୋକଙ୍କ ପାଇଁ ଲଢେଇ କରୁଛି । ସେହିପରି ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ରାଜ୍ୟରେ ବିଜେପି ଲୋକଙ୍କୁ ଦେଇଥିବା ୨୧ଟି ପ୍ରତିଶ୍ରୁତିରୁ କୌଣସି ଗୋଟିଏ ମଧ୍ୟ ୧ବର୍ଷ ମଧ୍ୟରେ ପୂରଣ ନକରି ପ୍ରତାରଣା କରିଥିବା କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଜୟଶଙ୍କର ମିଶ୍ର, ଗିରିଜା ନାୟକ, ଅମିତ ଗୁରୁ, ଶିବ ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ବିଜୟଲକ୍ଷ୍ମୀ ବେହେରା, ସୁତାପା ମିତ୍ର, ସୁବାସ ବିଶ୍ୱାଳ ଓ ହରି ପାଢି ଉପସ୍ଥିତ ଥିଲେ ।

# ଆଦର୍ଶ ଶିକ୍ଷକ ହରପ୍ରସାଦ ନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି



Hara Prasad Nanda

ଦେବଗଡ଼,(ସବ୍ୟୁ): ଗୁରୁଙ୍କର ଦାନର ପ୍ରତିଦାନ କେହି ଦେଇ ପାରନ୍ତି ନାହିଁ । ସେମିତି ଗୁରୁ ଥିଲେ ସ୍ୱର୍ଗତ ହରପ୍ରସାଦ ନନ୍ଦ । ଦେବଗଡ଼ ,ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଆଜିକୁ ପ୍ରାୟ ଚାରି ବର୍ଷ ହେଲାଣି ତାଙ୍କର ପରଲୋକ ହୋଇଯାଇଛି । କିନ୍ତୁ ସେ ଆଜି ସମସ୍ତ ଛାତ୍ରଙ୍କ ମାନସ ପଟରେ ସ୍ମରଣୀୟ । ସମସ୍ତଙ୍କର ଅତିପ୍ରିୟ , ସୁପରିଚିତ, ଧର୍ମପରାୟଣ, ଛାତ୍ରବତ୍ସଳ , ଆଦର୍ଶ ଶିକ୍ଷକ ସ୍ୱର୍ଗତ ହରପ୍ରସାଦ ନନ୍ଦ ହରଗୁରୁ ନାମରେ ବେଶ ପରିଚିତ ।

ବାସ୍ତବରେ ସେ ଖାଲି ଆଦର୍ଶ ଶିକ୍ଷକ ନଥିଲେ , ସେ ଥିଲେ ଜଣେ ସଂଗଠକ, ଚିନ୍ମୟ ବିଦ୍ୟାଳୟର ପ୍ରଥମ ସଭାପତି , ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟୀ, ଗୋପାଳଜୀ ମନ୍ଦିର ପରିଚାଳନା କମିଟୀ, ବାସୁଦେବପୁର ଶିବ ମନ୍ଦିର ପରିଚାଳନା କମିଟୀର ସଭାପତି ସହିତ ସରକାରୀ ଅବସର ପ୍ରାପ୍ତ କର୍ମଚାରୀ ସଂଘର ସକ୍ରିୟ କର୍ମକର୍ତ୍ତା । ଶିକ୍ଷକତା ଚାକାରୀରୁ ଅବସର ନେଲା ପରେ ମଧ ପରିବାର ମଧରେ ଆବଦ୍ଧ ନରହି ସମାଜ କଲ୍ୟାଣ ତଥା ବିଭିନ୍ନ ସଂଗଠନରେ ଦାୟିତ୍ୱ ନେଉଥିଲେ । ସେ ଥିଲେ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ,ଦେବଗଡ଼ର ଉପଦେଷ୍ଟା ବିଭିନ୍ନ ସମୟରେ ଯଥା ସମ୍ଭବ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେବା ସହ ଉପଦେଶ ପ୍ରଦାନ କରୁଥିଲେ । ଜଣେ ଭୂଗୋଳ ଶିକ୍ଷକ ଭାବରେ ଜିଲ୍ଲା ତଥା ଜିଲ୍ଲା ବାହାରେ ତାଙ୍କର ସୁନାମ ଥିଲା ।

ସେ ଥିଲେ ଜଣେ ନିଆରା ମଣିଷ । ଜଣେ ମେଳାପୀ , ମିଷ୍ଟଭାଷୀ, ପରୋପକାରୀ ଅସାଧାରଣ ବ୍ୟକ୍ତିତ୍ୱ । ତାଙ୍କର ଆଚରଣ ,ଉଚ୍ଚାରଣ ଓ ଉତ୍ତମ ବ୍ୟବହାର ପାଇଁ ସେ ସମସ୍ତଙ୍କର ଅତି ପ୍ରିୟ ହୋଇପାରିଥିଲେ । ତାଙ୍କରି ଉଚ୍ଚ ଆଦର୍ଶ ଶିକ୍ଷାଦାନ ଫଳରେ ଶହ ଶହ ଛାତ୍ର ଉତ୍ତମ ଓ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇପାରିଛନ୍ତି । ତାଙ୍କରି ଅବର୍ତ୍ତମାନରେ ସମସ୍ତଙ୍କ ମନରେ ଭରି ଦେଇଛି ଅପୂରଣୀୟ କ୍ଷତି । ପ୍ରିୟ ଗୁରୁଙ୍କର ଶିକ୍ଷାଦାନ, ଭଲ ମଣିଷ ହେବା ପାଇଁ ଉପଦେଶ, ସମୟାନୁବର୍ତ୍ତିତା ଓ ଆଦର୍ଶ ଛାତ୍ର ହୋଇ ସମାଜ ତଥା ଦେଶର ସୁନାଗରିକ ହେବାର ଗୁରୁମନ୍ତ୍ର । ଲାଗୁଛି ସେ ଏବେ ବି ଆମ ପାଖରେ ଅଛନ୍ତି ତା୨୧.୬.୨୦୨୫ ମଃ ଦିନ ଚତୁର୍ଥ ବାର୍ଷିକୀ ମହାପ୍ରୟାଣ ଦିବସ ଦେଖୁ ଦେଖୁ ଚାରି ବର୍ଷ ହୋଇଗଲାଣି । ପତିତପାବନ ମହାବାହୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତାଙ୍କର ଅମର ଆତ୍ମା ସଦଗତି ଲାଭ କରୁ ସମସ୍ତ ଛାତ୍ରକୁଳ,ପରିବାର ବର୍ଗ ତଥା ହରଗୁରୁ ପ୍ରେମୀ ଜନସାଧାରଣ ଭକ୍ତିପୂତ ଅର୍ଘ୍ୟ ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି ।

# ପଦ୍ମପୁର ଏନ୍‌ଏସିରେ ବିପର୍ଯ୍ୟୟ ପ୍ରସ୍ତୁତି ଟେବୁଲ୍ ଟପ୍ ବୈଠକ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଏନ୍ ଏ ସି ର ସଭା ଗୃହରେ ଅଧ୍ୟକ୍ଷା ସାବିତ୍ରୀ ବାଗଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ଟେବୁଲ୍ ଟପ୍ ବିପଦ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପଦ୍ମପୁର ଏନ୍ ଏ ସି ଅଞ୍ଚଳରେ ହେଉଥିବା ବିଭିନ୍ନ ପ୍ରାକୃତିକ ବିପଦ (ଝଡ଼, ବର୍ଷା, ଅଗ୍ନିକାଣ୍ଡ ଇତ୍ୟାଦି) ସମୟରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ,ଦ୍ରୁତ ପ୍ରତିକ୍ରିୟା ଓ ବ୍ୟବସ୍ଥାପନା ପାଇଁ ଅନୁଭୂତି ଓ ସମନ୍ୱୟ ବଢ଼ାଇବା ପାଇଁ ଆଲୋଚନା ହୋଇଥିଲା । ଅଧ୍ୟକ୍ଷା ଓ ଅନ୍ୟ ଅଧିକାରୀମାନେ ସଂଯୁକ୍ତ ଭାବରେ କାମ କରି ବିପଦ ସମୟରେ ସୁଦୃଢ଼ ପ୍ରତିକ୍ରିୟା ଦେବାରେ ଉଦ୍ୟମୀ ହେବାକୁ ଆହ୍ୱାନ କରିଥିଲେ। ଏନ୍ ଏ ସି ର ଏହି ପ୍ରଶଂସନୀୟ ପଦକ୍ଷେପ ମାଧ୍ୟମରେ ଏକ ସଚେତନ, ସୁରକ୍ଷିତ ଓ ସଜାଗ ନଗର ବନେଇବା ଦିଗରେ ଅଗ୍ରସର ହେଉଛି। ଅନ୍ୟ ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରେ ଏନ୍‌ଏ ସି ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ, ଉଦ୍ଭିଦ ଉତ୍ପାଦନ ବିଭାଗର ସହାୟକ ନିର୍ଦ୍ଦେଶକ ଗୋବିନ୍ଦ ପ୍ରଧାନ, ସମସ୍ତ ନିର୍ବାଚିତ ପରିଷଦ ସଦସ୍ୟମାନେ, ବିଭିନ୍ନ ବିଭାଗର ଅଧିକାରୀ ଓ ଏନ୍ ଏ ସିର କର୍ମଚାରୀ ଉପସ୍ଥିତ ଥିଲେ।

# ଡିଟିଓ ପରୀକ୍ଷାରେ ବରଗଡ଼ ଜିଲ୍ଲାର ଚାରିଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ

ବରଗଡ଼,(ସବ୍ୟୁ): ଚଳିତ ବର୍ଷ ସର୍ବ ଭାରତୀୟ ସ୍ତରରେ ଏଥଲେଟିକ୍ ଫ୍ରେଡ୍ରେସନ୍ ଅଫ୍ ଇଣ୍ଡିଆ ତରଫରୁ ଆୟୋଜିତ ହୋଇଥିବା ଡିଟିଓ ପରୀକ୍ଷାରେ ବରଗଡ଼ ଜିଲ୍ଲାର ଚାରିଜଣ ପରୀକ୍ଷାର୍ଥୀ ଉତ୍ତମ ଅଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ସେହି ଚାରିଜଣ ହେଲେ ଦମୟନ୍ତୀ ବାରିକ, ବିଦ୍ୟାଧର ସାହୁ , ଅଭିଷେକ ପ୍ରଧାନ ଓ ବିନୟ ସାହୁ । ଏହି ଚାରିଜଣଙ୍କୁ ଏଏଫ୍‌ଆଇର ପ୍ରଶିକ୍ଷକମାନେ ସମ୍ବର୍ଦ୍ଧନା ଜଣାଇଥିଲେ।

# ୱାଡେ, ଶିରା ଓ ପୂଜାରୀମାନଙ୍କ ଜିଲ୍ଲାପାଳଙ୍କୁ ଦାବି ପ୍ରଦାନ



ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲାରେ ଥିବା ୧୪ ଗୋଟି ବିଭିନ୍ନ ଜନଜାତି ସଂପ୍ରଦାୟ ,ୱାଡେ ,ଶିରା ଓ ପୂଜାରୀମାନଙ୍କ ପକ୍ଷରୁ ମାଲକାନଗିରି ଜିଲ୍ଲାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ପାହାନ୍ଦୀ ପାରୀ କୁପ୍ପାର ଲିଙ୍ଗ ବାଲାରାଜୁ, ପୋତରାଜୁ, କାନାମରାଜୁ ଓ ମୁତ୍ୟୋଲାମ୍ମା ଟ୍ରଷ୍ଟର ସଭାନେତ୍ରୀ ଶୁକ୍ରୀ ମାଡକାମୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ମାଲକାନଗିରି ତାରିଣୀ ମନ୍ଦାର ଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ଆଦିବାସୀ ସମାଜ ୱାଡେ ,ଶିରା ଓ ପୂଜାରୀମାନେ ବିଜ୍ଞାନର ଅଗ୍ରଗତି ହୋଇ ନଥିଲା ବେଳେ ଚେରମୂଳି ଔଷଧ ଦ୍ୱାରା ଜୀବନ ରକ୍ଷା କରୁଥିଲେ। ଆଦିବାସୀ ସମାଜ ଜନ୍ମ, ମୃତ୍ୟୁ, ବିବାହ ଓ ଉତ୍ସବଗୁଡିକେ ଏମାନଙ୍କ ଦ୍ୱାରା ସଂସ୍କାର କାର୍ଯ୍ୟ ସପନ୍ନ ହୋଇ ଆସୁଛି। ଆଦିବାସୀ ସଭ୍ୟତାର ପ୍ରାରମ୍ଭରୁ ୱାଡେ ,ଶିରା ଓ ପୂଜାରୀମାନଙ୍କ ଗୁରୁତ୍ୱ ରହି ଆସିଥିଲା ବେଳେ ସେମାନଙ୍କୁ ସରକାରୀ ସୁବିଧା ସୁଯୋଗର କୌଣସି ବ୍ୟବସ୍ଥା ନାହିଁ। ଯେଉଁ ମାନେ ସାଧାରଣତଃ କୀର୍ତ୍ତନ କରୁଛନ୍ତି, ରାଜ୍ୟ ସରକାର କଳାକାର ଭତ୍ତା ପ୍ରଦାନ କରୁଥିବା ବେଳେ ଆଦିବାସୀ ସମାଜରେ ମୁଖ୍ୟ ଭୂମିକା ନିର୍ବାହ କରୁଥିବା ଏହି ତିନି ପ୍ରକାର ୱାଡେ ,ଶିରା ଓ ପୂଜାରୀମାନଙ୍କୁ ଅବହେଳା କରା ଯାଇଛି। ଏଣୁ ସଂଘ ତରଫରୁ ମାନସିକ ଭତ୍ତା ପ୍ରଦାନ କରିବା ସହିତ, ଆଦିବାସୀ ମନ୍ଦିର ଗୁଡ଼ିକର ୱାଡେ ,ଶିରା ଓ ପୂଜାରୀମାନଙ୍କ ପୂଜା ବିଧି ସମୟରେ ରହଣୀ କରିବା ଓ ରୋଷେଇ କାର୍ଯ୍ୟ ସକାଶେ ଗୃହ ନିର୍ମାଣ କରିବାକୁ ଦାବିରେ ଉଲ୍ଲେଖ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଲଳିତ ନାରାୟଣ ମାଡକାମୀ, ସଂଘର ସଂପାଦକ ଇର୍ମା ମାଡି କୋଷାଧ୍ୟକ୍ଷ ବୁଦ୍ରା ମାଡି ଉପସ୍ଥିତ ଥିଲେ।

# ରାଜନୀତି ଛକାପଞ୍ଝା, ଛିଣ୍ଡୁନି ବିଜେପି ଜିଲ୍ଲା ସଭାପତି ଗଣିତ

ସମ୍ବଲପୁର, (**ସତ୍ୟଜିତ୍ ମହାପାତ୍ର**) : ରାଜ୍ୟରେ ବିଜେପି ସରକାର ଗଠନ ହେବାର ୧ବର୍ଷ ପୂରଣ ହୋଇଯାଇଛି । ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରେ ମଜଭୁତ କରିବା ପାଇଁ ରାଜ୍ୟ, ଜିଲ୍ଲା, ମଣ୍ଡଳ ସ୍ତରୀୟ ବିଭିନ୍ନ ପଦପଦବୀରେ ସକ୍ରୀୟ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ମିଳିଛି । ଏଭଳିସ୍ଥଳେ ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର ସମ୍ବଲପୁରରେ ମଧ୍ୟ ଅଧିକାଂଶ ମଣ୍ଡଳରେ ନୂତନ ଚେହେରା ଦେଖିବାକୁ ମିଳୁଛି । ମାତ୍ର ବିଜେପି ଜିଲ୍ଲା ସଭାପତି ପଦବୀ ଏପର୍ଯ୍ୟନ୍ତ ଘୋଷଣା ହୋଇ ପାରିନାହିଁ । ଯାହାକୁ ନେଇ ଅନେକ କଳ୍ପନାଜଳ୍ପନା ପ୍ରକାଶ ପାଉଛି ।

ସମ୍ବଲପୁର ଜିଲ୍ଲା ବିଜେପି ସଭାପତି ଚୟନକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । କିଏ ନୂତନ ସଭାପତି ହେବ ସେନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ବେଶ ଉତ୍କଣ୍ଠା ପ୍ରକାଶ ପାଉଛି । ସଭାପତି ପଦବୀ ପାଇଁ ସୁଶାନ୍ତ ପୁରୋହିତ, ସୁଶିଲ କର ଓ ନମ୍ରସକାନ୍ତ ପଟ୍ଟନାୟକ ଆବେଦନ କରିଛନ୍ତି । ଏମାନେ ନିଜନିଜର ସମର୍ଥକଙ୍କୁ ନେଇ ମନ୍ତ୍ରୀ ଓ ବିଧାୟକଙ୍କ ଜରିଆରେ ଦଳୀୟ ହାଇକମାଣ୍ଡଙ୍କ ନିକଟରେ ଲବି କରୁଛନ୍ତି । ତେବେ ଏହାସତ୍ତ୍ୱେ ଜିଲ୍ଲା ସଭାପତି ଗଣିତ ଛିଣ୍ଡୁନଥିବା ଜଣାପଡିଛି । ଆଶାୟୀଙ୍କ ମଧ୍ୟରୁ ଜିଲ୍ଲା ସଭାପତି ନକରି ଅନ୍ୟ କାହାକୁ ମଧ୍ୟ କରିପାରନ୍ତି ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି । ସମ୍ବଲପୁର ଜିଲ୍ଲାକୁ ଛାଡି ଅନ୍ୟ ସମସ୍ତ ଜିଲ୍ଲା ସଭାପତିଙ୍କ ନାମ ବିଜେପି ଘୋଷଣା ହୋଇ ସାରିଛି । ଜିଲ୍ଲାରେ ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାୟକ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ପୂର୍ବତନ ବିରୋଧି ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଭଳି ଟାଣୁଆ ନେତା ଏବଂ ସଙ୍ଗଠକ ଅଛନ୍ତି । ସେମାନଙ୍କ ନିଜ ନିଜର ସଙ୍ଗଠନ ମଧ୍ୟ ରହିଛି । ତେଣୁ ସେମାନଙ୍କ ସମର୍ଥକ କିଭଳି ଜିଲ୍ଲା ସଭାପତି ଆସନରେ ବସିବ ସେନେଇ ଗୋଟି ଚାଳନା କରୁଛନ୍ତି । ଏହାଦ୍ୱାରା ଜିଲ୍ଲା ବିଜେପିର ସଙ୍ଗଠନ ସେମାନଙ୍କ ଦ୍ୱାରା ପରିଚାଳିତ ହେବ । ଏହାକୁ ନେଇ ନେତାଙ୍କ ମଧ୍ୟରେ ଚକାପଞ୍ଝା ଲାଗି ରହିଛି ।

ସମ୍ବଲପୁର ଜିଲ୍ଲା ବିଜେପି ସଭାପତି ଗିରିଶ ପଟେଲଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଛି । ନୂତନ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା ହୋଇନଥିବାରୁ ସେ କାର୍ଯ୍ୟଭାର ତୁଲାଉଛନ୍ତି । ଅନ୍ୟପଟେ ବିରୋଧି ଦଳ ବିଜେଡି ନିଜର ନିଜର ସଭାପତିଙ୍କ ନାମ ଘୋଷଣା କରି ସାଙ୍ଗଠନିକ ନିର୍ବାଚନ ପ୍ରକିୟା ଆରମ୍ଭ କରିଛି । ଏଥିରେ ଜାତୀୟ ଦଳ ବିଜେପି ପଛରେ ଥିବାବେଳେ ରାଜନୈତିକ ମହଲରେ ଦଳକୁ ସମାଲୋଚନାର ଶିକାର ହେବାକୁ ପଡୁଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ଅନ୍ୟ ଦଳର ନେତା ଓ କର୍ମୀ ମାନେ ବିଜେପିରେ ସାମିଲ ହେଉଛନ୍ତି । ଦଳୀୟ ସଙ୍ଗଠନ ପୂର୍ବ ଅପେକ୍ଷା ସୁଦୃଢ ହେବାରେ ଲାଗିଛି । ତେବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସୁପାରିଶ ଜିଲ୍ଲା ସଭାପତି ଚୟନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି ।

## ପ୍ରେମ ବିବାହ କରିଥିବା ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

# ତିନି ଛୁଆ ବେସାହାରା

ମୁରିବାହାଲ,(ସବ୍ୟୁ): ଅନ୍ୟ ଜାତିରେ ପ୍ରେମ ବିବାହ କରିଥିବା ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା ବେଳେ କାରଣ ଅସ୍ପଷ୍ଟ ରହିଛି।ଏବେ ତାଙ୍କ ସ୍ତ୍ରୀ ଓ ୩ଛୁଆ ବେସାହାରା ହୋଇଯାଇଥିବା ଭଳି ସ୍ପର୍ଶକାତର ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଇଚ୍ଛାପଡ଼ା ଗ୍ରାମରେ। ପାଟଣାଗଡ ଥାନା ଯୋଗିମୁଣ୍ଡା, ଫୁଡକାପଡ଼ା ଗ୍ରାମର ମୂଳବାସିନ୍ଦା ବାଲ୍ମୀକି ବରିହା(୩୫)ମୁରିବାହାଲ ଥାନା ଇଚ୍ଛାପଡ଼ା ପଞ୍ଚାୟତ ଭଣ୍ଡାରବାଞ୍ଜି ଗ୍ରାମର ଫୁଲ ରଣା(୩୦)ଙ୍କୁ ପ୍ରେମ ବିବାହ କରିଥିଲେ। ପ୍ରେମ ବିବାହକୁ ଉଭୟଙ୍କ ପରିବାର ଲୋକେ ସମ୍ପୂର୍ଣ୍ଣ ବିରୋଧ କରିବା ସହ ଉଭୟଙ୍କୁ ଘରକୁ ପ୍ରବେଶ କରାଇଦେଇନଥିଲେ । ଶେଷରେ ଅନ୍ୟ ଉପାୟ ନପାଇ ଉଭୟ ଇଚ୍ଛାପଡ଼ା ଗ୍ରାମର ଜଣଙ୍କୁ ଘରଡିହ ମାଗି ଘର କରି ରହିଆସୁଥିଲେ। ଉଭୟଙ୍କ ୨ପୁଅ ଓ ଜଣେ ଝିଅ ଅଛନ୍ତି। ବାଲ୍ମୀକି ଇଚ୍ଛାପଡ଼ା ଗ୍ରାମର ଜଣଙ୍କ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିବା ବେଳେ ପରିବାର ଦାଦନ ଶ୍ରମିକ ଭାବେ ମଧ ବାହାର ରାଜ୍ୟକୁ ଯାଇଥାନ୍ତି। ବୁଧବାର ବାଲ୍ମୀକି ଭଣ୍ଡାରବାଞ୍ଜି ଗ୍ରାମର ଏକ ଦେଶୀ ମଦ କୋଠୀକୁ ଯାଇ ମଦ ପିଇ ଅସୁସ୍ଥ ଅନୁଭବ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ତ୍ରୀ ଫୁଲ ଆମ୍ବୁଲାନ୍ସ ଯୋଗେ ମୁରିବାହାଲ ସିଏଚସିକୁ ଆଣିଥିଲେ। ଦାୟିତ୍ୱରେ ଥିବା ଡ଼ାକ୍ତର ସୁନୀଲ କୁମାର ସ୍ୱାଇଁ ତାଙ୍କର ପରୀକ୍ଷା କରି ମୃତ୍ୟୁ ହୋଇସାରିଥିବା ଘୋଷଣା କରିଥିଲେ। ଡାକ୍ତରଙ୍କୁ ସନ୍ଦେହ ହେବାରୁ ସେ ପୁଲିସକୁ ସୂଚନା ଦେଇଥିଲେ। ଥାନା ଏସଆଇ ପଙ୍କଜିନୀ ବାଗ ପହଞ୍ଚି ମୃତଦେହ ଜବତ କରି କଣ୍ଟାବାଞ୍ଜିକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଅନ୍ୟ ଜାତିରେ ପ୍ରେମ ବିବାହ କରିଥିବା ଫୁଲ ନିଜ ସ୍ୱାମୀଙ୍କ ଅକାଳ ମୃତ୍ୟୁରେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିବା ବେଳେ ତାଙ୍କ ୩ଛୁଆ ଏବେ ବାପ ଛେଉଣ୍ଡ ଓ ବେସାହାରା ହୋଇଯାଇଛନ୍ତି । ଏ ସମ୍ପର୍କରେ ଥାନାରେ ଅପମୃତ୍ୟୁ କେଶ ନ ୧୨/ ୨୫ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି।

## ଚର୍ଚ୍ଚାରେ କାଶୀପୁର

# ପ୍ରେମ ବାହାଘର ପାଇଁ ଶୁଦ୍ଧିକ୍ରିୟା କଲେ ଗ୍ରାମବାସୀ



ରାୟଗଡା,(ସବ୍ୟୁ): ଚର୍ଚ୍ଚାରେ କାଶୀପୁର । ଝିଅର ପ୍ରେମ ବାହାଘର ପାଇଁ ଶୁଦ୍ଧିକ୍ରିୟା କଲେ ଗ୍ରାମବାସୀ। ଜିଲ୍ଲା ପ୍ରଶାସନର ସଚେତନତା କାମ ଦେଉନାହିଁ। ଦିନକୁ ଦିନ ଅନ୍ଧବିଶ୍ୱାସ କବଳିତ ହୋଇ ପଡିଛି ରାୟଗଡା ଜିଲ୍ଲା। ଅନ୍ଧବିଶ୍ୱାସ କୁପରିଣାମ ଭଗୁଛନ୍ତି ନିରୀହ ଆଦିବାସୀ ସମ୍ପ୍ରଦାୟର। ଜିଲ୍ଲାରେ କେତେବେଳେ ଗୁଣିଗାରେଡିକୁ ନେଇ ଅନେକ ଘଟଣା ଘଟିଥିବାବେଳେ ଅନେକ କାରାଗାରରେ ଦଣ୍ଡ ଭଗୁଥିବା ନଜିର ରହିଛି। ପ୍ରଶାସନ ତରଫରୁ ଜାତିପ୍ରଥା ଅନ୍ଧ ବିଶ୍ୱାସରୁ ଦୁରେଇ ରହିବାକୁ ତୁହାକୁତୁହା ପଥପ୍ରାନ୍ତ ନାଟକ,ବୈଠକ ମାଧମରେ କାର୍ଯ୍ୟକ୍ରମମାନ ଜାରିରହିଥିଲେ ସୁଦ୍ଧା ଦୁର ହୋଇପାରୁନାହିଁ ଅନ୍ଧବିଶ୍ୱାସ। ଏହି ଆଦିବାସୀଙ୍କ ପାଖକୁ ପହଞ୍ଚିପାରୁ ନାହିଁ ଏହି ସଚତନ ବାର୍ତ୍ତା ଯାହାକି ଜିଲ୍ଲାରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମଣିଷ ମଣିଷକୁ ରାକ୍ଷସର ରୂପ ନେଉଛି। ଯାହାଦ୍ୱାରା ସଚେତନ କାର୍ଯ୍ୟକ୍ରମ ଫେଲ ମାରିଥିବା ପ୍ରମାଣ କରିଛି ଏହି ଘଟଣା। ଜିଲ୍ଲାର ସର୍ବଦା ଚର୍ଚ୍ଚିତ କେତେବେଳେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ହେଉ ବା ଖଣିଜ ସଂପଦ ସୁରକ୍ଷା ପାଇଁ । କିନ୍ତୁ ଏପରିକି ଏକ ଘଟଣା ଘଟିଛି ସମ୍ପୂର୍ଣ୍ଣ ଭିନ୍ନ । ଜଣେ ଝିଅ ତା ମନର ମଣିଷ ଜୀବନ ସାଥୀ ରୁପେ ଗ୍ରହଣ କରିଥିଲେ ଅନ୍ୟ ଏକ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ତେଣୁ ଶୁଦ୍ଧିକ୍ରିୟା କଲେ ଗ୍ରାମବାସୀ ।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ବର୍ତ୍ତମାନ ଖଣିଜ ସମ୍ପଦକୁ ନେଇ ବିଶ୍ୱ ଦରବାରରେ ବେସ ପରିଚିତ। ହେଲେ ଜାତି ପ୍ରଥାକୁ ନେଇ ଏହି ଗାଁରେ ଦେଖାଦେଇଛି ଏକ ଭିନ୍ନ ଚିତ୍ର। ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଝିଅ ଜଣେ ଅନୁସୂଚିତ ଜାତି ବର୍ଗର ପୁଅକୁ ପ୍ରେମ ବିବାହ କରିଥିବା ଘଟଣାକୁ ନେଇ ଝିଅ ପରିବାରର ୪୦ ଜଣ ସଦସ୍ୟ ଶୁଦ୍ଧି ହେବା ପାଇଁ ମୁଣ୍ଡନ କରିବା ସହିତ ପାରମ୍ପରିକ ରୀତିନୀତି ପାଳନ କରିଛନ୍ତି। ବର୍ତ୍ତମାନ ଏହି ଘଟଣା ସାରାରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। କାଶୀପୁର ବ୍ଲକର ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ ବାଇଗଣଗୁଡ଼ା ଗ୍ରାମର ଘଟିଛି ଏହିଭଳି ଅଭାବନୀୟ ଘଟଣା। ଘଟଣାରୁ ପ୍ରକାଶ ଯେ, ବାଇଗଣଗୁଡ଼ା ଗ୍ରାମର ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଝିଅ ଜଣେ ଅନୁସୂଚିତ ଜାତି ବର୍ଗର ପୁଅକୁ ଭଲ ପାଉଥିଲେ। ପରବର୍ତ୍ତୀ ସମୟରେ ପରିବାରବର୍ଗଙ୍କ ଅନିଚ୍ଛା ସତ୍ତ୍ୱେ ଉକ୍ତ ଯୁବକଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଜାତିରେ ରହିବାକୁ ହେଲେ ପରିବାରବର୍ଗଙ୍କୁ ତାଙ୍କ ପରମ୍ପରା ଅନୁଯାୟୀ ଛେଳି, କୁକୁଡ଼ା, ଘୁଷୁରି ଆଦି ବଳି ଦେବା ସହିତ ମୁଣ୍ଡନ କରିବାକୁ କହିଥିଲେ ଗ୍ରାମବାସୀ। ଏହି କାର୍ଯ୍ୟ କରିବା ପାଇଁ ପରିବାରବର୍ଗଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥିଲା। ଗୋଟିଏ ପଟେ ଜାତିଆଣ ଭେଦଭାବ ନ ରଖି ସମସ୍ତେ ମିଳିମିଶି ରହିବାକୁ ସଚେତନତା ହେଉଥିଲେ ମଧ ଆଜି ବି ଜୀବିତ ରହିଛି ପୁରୁଣା ପ୍ରଥା ଓ ପରମ୍ପରା। ତେବେ ଏନେଇ କାଶୀପୁର ବିଡିଓ ବିଜୟ ସୋଏଙ୍କୁ ପଚାରିବାରୁ ଏନେଇ ଖବର ମିଳିବା ପରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ସେଠାକୁ ଯାଇ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ବିଡିଓ ବିଜୟ କହିଛନ୍ତି।

# ଧର୍ମଗଡ଼ରେ ରଥଯାତ୍ରା ପାଳନ ନେଇ ପ୍ରସ୍ତୁତି ବୈଠକ



ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ରେ ଚଳିତ ବର୍ଷ ରଥଯାତ୍ରା ପାଇଁ ଧର୍ମଗଡ ବ୍ଲକ ସ୍ଥିତ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରପ୍ରାପ୍ତ ଧର୍ମଗଡ ଉପଜିଲ୍ଲାପାଳ ଅଜୟ କୁମାର ତିର୍କୀଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା। ବୈଠକରେ ଆଗାମୀ ରଥଯାତ୍ରା ଆୟୋଜନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଗଠିତ ବିଭିନ୍ନ କମିଟିର ସଦସ୍ୟ ମାନେ ଯତ୍ନବାନ ହେବା ସହିତ ରଥ ଯାତ୍ରାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଉପ ଜିଲ୍ଲାପାଳ ଶ୍ରୀ ତିର୍କୀ ମତ କରିଥିଲେ। ବୈଠକରେ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ବିଡିଓ ସଦାଶିବ ନାୟକ,ଥାନା ଅଧିକାରୀ ପ୍ରଶାନ୍ତ କୋଲ୍ଲାରସ,ନଗରପାଳ ଅଶୋକ କୁମାର ମହାନ୍ତି,ସହ ଜିଲ୍ଲାପାଳ ମନ୍ମଥ ବେହେରା,ସହ ଜିଲ୍ଲାପାଳ ଶ୍ରୀକାନ୍ତ ଶତପଥୀ,ଶ୍ରୀ ବ୍ରଜମୋହନ ପଞ୍ଚଦେବ ଶ୍ରୀ ରାଧାକୃଷ୍ଣ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ଉପସଭାପତି ତୁଷାର ରଞ୍ଜନ ପାଢ଼ୀଯୋଷୀ, ସଂପାଦକ ନିରଞ୍ଜନ ମହାପାତ୍ର,ଟ୍ରଷ୍ଟର ବରିଷ୍ଠ ସଦସ୍ୟ ସୁକ ଲାଲ ଅଗ୍ରୱାଲ,ସୁରେଶ ଚନ୍ଦ୍ର ମୁଣ୍ଡ, କୃପାସିନ୍ଧୁ ପଣ୍ଡା,ବିଦ୍ୟାଧର ସାହୁ, ହୃଷୀକେଶ ମିଶ୍ର, ସରୋଜ କୁମାର ସାହୁ,ଜନ୍ମେଜୟ ନାଏକ, ସୁବାସ ଅଗ୍ରୱାଲ, ପୂର୍ବତନ ନଗରପାଳ ସୁଶ୍ରୀ ହୀରା ବାଗ, ଲକ୍ଷ୍ମୀକାନ୍ତ ବାଗ,ସାମ୍ବାଦିକ ଇଙ୍ଗିତ ପଣ୍ଡା, କୁମୁଦ ଚନ୍ଦ୍ର ସାହୁ, ଦିନେଶ ଅଗ୍ରୱାଲ ପ୍ରମୁଖ ତଥା ବିଭିନ୍ନ ସରକାରୀ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ମାନେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ସିଂ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ପୌର ପରିଷଦ ପକ୍ଷରୁ ହିତାଧିକାରୀଙ୍କୁ ସହାୟତା ବଣ୍ଟନ

ଦେବଗଡ଼, (ସବ୍ୟୁ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ବିକାଶ ବାହାନ ରଥ ଭ୍ରମଣ କରି ରାଜ୍ୟ ସରକାରଙ୍କ ଉପଲବ୍ଧି ପ୍ରଚାର କରୁଥିବା ବେଳେ ପୌର ପରିଷଦ ପକ୍ଷରୁ ବିଭିନ୍ନ ୱାର୍ଡରେ ଦ୍ୱାର ଦ୍ୱାର ବୁଲି ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରାଯାଇଥିଲା ।ଏହି ଅବସରରେ ଆଜି ପୌର ପରିଷଦ ପକ୍ଷରୁ ଭାରପ୍ରାପ୍ତ ନଗରପାଳ ପ୍ରଜିତ କୁମାର ଭୋଜଙ୍କ ତ୍ୱାବଧାନରେ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ଏବଂ ଗୋଷ୍ଠୀ ସଂଗଠିକା ମୋନାଲିସା ପଣ୍ଡା, ସ୍ୱଚ୍ଛ ସାଥୀ ଏବଂ ସ୍ୱଚ୍ଛ ସୁପରଭାଇଜରଙ୍କ ସହାୟତାରେ ବିଭିନ୍ନ ୱାର୍ଡରେ ଦ୍ୱାରଦ୍ୱାର ବୁଲି ଆୟୁଷ୍ମାନ କାର୍ଡ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ଏବଂ ବର୍ଦ୍ଧିତ ଭତ୍ତା ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରିଥିଲେ । ବିକାଶ ବାହନ ମାଧ୍ୟମ ରେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରାଯାଉଛି। ସେହିଭଳି ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଉଛି।

# ମାଟିକାନ୍ଥ ଭୁଶୁଡ଼ି ବୃଦ୍ଧା ମୃତ

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଯଉଁରାଭଉଁରା ଗ୍ରାମପଞ୍ଚାୟତ ଅଧୀନ ଢେଲାଇ ଗ୍ରାମରେ ଗୁରୁବାର ପୂର୍ବାହ୍ନରେ ଗାଧୋଇ ଯିବା ସମୟରେ ଘରକାନ୍ଥ ଭୁଶୁଡ଼ି ପଡ଼ିବାରୁ ଜଣେ ମୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ଲେପ ଦୀପ (୬୫)। ଲେପ ଦୀପ ପୂର୍ବାହ୍ନ ୧୧ଟାରେ ନିଜ ଘରୁ ବାହାରି ଗାଧୋଇବାକୁ ଯାଉଥିବା ବେଳେ ତାଙ୍କର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଲେପ ସେତେବେଳେ ଘଟଣାସ୍ଥଳରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକ ଉଦ୍ଧାର କରି ତୁରନ୍ତ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

# ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ୱିନର ବ୍ରାଇଟ ଫ୍ୟୁଚର ସ୍କୁଲ ପରିଦର୍ଶନ

ପଦ୍ମପୁର,(ସବ୍ୟୁ): ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଘରୋଇ ସ୍କୁଲ ପରିଦର୍ଶନ । ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ପଦ୍ମପୁର ଗସ୍ତ ଅବସରରେ ବିଭିନ୍ନ ସରକାରୀ ତଥା ବେସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଡା. ମହାଲିଙ୍ଗ ପଦ୍ମପୁର ସହରରେ ଅବସ୍ଥିତ ୱିନର ବ୍ରାଇଟ ଫ୍ୟୁଚର ବିଦ୍ୟାଳୟକୁ ଯାଇ ସେଠାରେ ସ୍କୁଲ ପରିଚାଳନା କମିଟି ସହ ବିଭିନ୍ନ ଉନ୍ନତି ମୂଳକ ଆଲୋଚନା କରିଥିଲେ । ଏହି ଅବସରରେ ତାଙ୍କୁ ସ୍କୁଲ ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ମିଶ୍ର ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ । ଡା. ମହାଲିଙ୍ଗଙ୍କ ସହ ବରଗଡ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ଜିଲ୍ଲା ବିଜେପି ସଭାପତି ଅରୁପା ସାହୁ,ବରିଷ୍ଠ ନେତା ଗୋବର୍ଦ୍ଧନ ଭୁଏ,ପ୍ରିତମ ମେହେର,ପରମାନନ୍ଦ ସାହା ପ୍ରମୁଖ ଉପସ୍ଥିତ ଥିଲେ।

# ଗଜା ହୋଇ ଯାଇଥିବା ଧାନ ବସ୍ତା ରଖି ଜିଲ୍ଲାପାଳ କାର୍ଯ୍ୟାଳୟରେ ଚାଷୀଙ୍କ ଧାରଣା



ବରଗଡ,(ସବ୍ୟୁ): ମୌସୁମୀ ବର୍ଷାରେ ବରଗଡ଼ ଜିଲ୍ଲା ଚାଷୀର କଷ୍ଟ ଉପାର୍ଜିତ ଧାନ ଭାସି ନ ଯାଉ ବୋଲି ପ୍ରତ୍ୟେକ ଦିନ ଅନେକ ଆଶା ଓ ବିଶ୍ୱାସ ନେଇ ଚାଷୀମାନେ ଜିଲ୍ଲାପାଳଙ୍କୁ ଭେଟି ନିଜ ନିଜ ସମସ୍ୟାର ସମାଧାନ ପାଇଁ ଧାଉଁଛନ୍ତି। ବରପାଲି ବ୍ଲକ ତୁଳଣ୍ଡି ମଣ୍ଡିରୁ ଶହଶହ ଚାଷୀ ମଣ୍ଡିରେ ରଖିଥିବା ଧାନ ଭିଜି ଗଜା ହୋଇ ଯାଇଥିବା ସେହି ଧାନ ବସ୍ତା ଆଣି ଜିଲ୍ଲାପାଳ କାର୍ଯ୍ୟାଳୟ ଭିତରେ ରଖି ଧାରଣା ବସିଥିଲେ। ଖବର ପାଇ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ସିଏସଓ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ଆସି ବୁଝାସୁଝା କରିବାକୁ ଉଦ୍ୟମ କରୁଥିବା ବେଳେ ଚାଷୀମାନେ ସମ୍ପୂର୍ଣ୍ଣ ଭାବେ ମନାକରି ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବାକୁ ଜିଦ ଧରିଥିଲେ। କାରଣ ବର୍ତ୍ତମାନ ସୁଦ୍ଧା ୯୦୫୬ କ୍ୱିଣ୍ଟାଲ ଧାନ କିଣା ହୋଇଛି ତେଣୁ ବଳକା ଧାନ କେବେ ବିକ୍ରି କରିବୁ ବୋଲି ଚିନ୍ତାରେ ଚାଷୀ । ଏହି ଅଧିକାରୀ ମାନଙ୍କ ବାରମ୍ବାର ସମ୍ପର୍କରେ ରହିବା ସତ୍ତ୍ୱେ ମଧ ଧାନ ବିକ୍ରି ପାରିନଥିଲେ। ସେଥିପାଇଁ ତଳିଆ କର୍ମଚାରୀ ମାନଙ୍କୁ ବିଶ୍ୱାସ କରୁନଥିଲେ। ପରେ ଜିଲ୍ଲାପାଳ ଆସି ମଣ୍ଡିରେ ପଡ଼ିଥିବା୨୩,୯୩୩ କ୍ୱିଣ୍ଟାଲ ଧାନ କଣିବାର ନିର୍ଭର ପ୍ରତିଶୃତି ଦେଲାପରେ ଧାରଣାରୁ ଉଠିଥିଲେ। ଏହି ଧାରଣାର ନେତୃତ୍ୱ ନେଇଥିଲେ ବନବାସ ସାହୁ, ପଞ୍ଚାନନ ସାହୁ, ସୁଦାମ ଶତପଥୀ, ମାନସ ରଞ୍ଜନ ବଡାଇ, କ୍ଷିରେଶ୍ୱର ନାୟକ, ଲକ୍ଷ୍ମଣ ବାବୁ ସମେତ ସଂଯୁକ୍ତ କୃଷକ ସଂଗଠନ ରମେଶ ମହାପାତ୍ର ସମର୍ଥନ କରିଥିଲେ। ପରେ ସମାନ ସମସ୍ୟା କୁ ନେଇ ବକଟି, ରାୟଶୋଭା, ମେଲଛାମୁଣ୍ଡା, ଅର୍ଜୁଣ୍ଡା, କମଗାଁ, କନବାର, ଡ଼ଙ୍ଗପାଲି ମଣ୍ଡି ମାନଙ୍କରୁ ମଧ ଶହଶହ ଚାଷୀ ଟୋକନ ଲେପ୍ସ, ବର୍ଷରେ ଧାନ ଯେମିତି ନଷ୍ଟ ନ ହେବ ଏବଂ ପଞ୍ଜିକୃତ ସମସ୍ତ ଚାଷୀଙ୍କ ଧାନ ଶୀଘ୍ର କିଣିବା ପାଇଁ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। କାହାରି ଟୋକନ ଲେପ୍ସ ହେବ ନାହିଁ, ଧାର୍ଯ୍ୟ ସମୟ ମଧରେ ସମସ୍ତ ଟୋକନ ଧାରୀଙ୍କ ଧାନ କିଣା ଯିବ ଏବଂ କେହି ଧାନ ବିକ୍ରୀରୁ ବଞ୍ଚିତ ହେବେ ନାହିଁ ବୋଲି ଜିଲ୍ଲାପାଳ ଆଦିତ୍ୟ ଗୋୟଲ ନିର୍ଭର ପ୍ରତିଶୃତି ଦେଇଛନ୍ତି।

# ଜିଲ୍ଲା, ବ୍ଲକ୍ ଓ ସହରାଞ୍ଚଳସ୍ତରୀୟ ଟେବୁଲ ଟପ୍ କର୍ମଶାଳା

ଭବାନୀପାଟଣା,(ସବ୍ୟୁ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କଳାହାଣ୍ଡିଙ୍କ ପକ୍ଷରୁ ସାମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ଟେବୁଲ ଟପ୍ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ରାଜ୍ୟସ୍ତରରୁ ପର୍ଯ୍ୟବେକ୍ଷକ ଭାବରେ ଜୟ ଜଗତ ସାହୁ, ଡି.ଜି.ଏମ୍. ଓସଡାମା ଉପସ୍ଥିତ ରହି ବିପର୍ଯ୍ୟୟ ପରିଚାଳନା ଉପରେ ଓସଡାମାର ଭୂମିକା ଉପରେ ଆଲୋକପାତ କରିଥିଲେ । ଟେବୁଲ ଟପ୍ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ବ) ବଇତୁରା ଦୀପ, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା ଜିଲ୍ଲାରେ ସାମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ ଓ କ୍ଷେତ୍ର କର୍ମଚାରୀମାନେ ସଜାଗ ଓ ପ୍ରସ୍ତୁତ ହୋଇ ରହିବା ସହ ଉତ୍ତମ ସମନ୍ୱୟ ରଖି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ । ବିପର୍ଯ୍ୟୟ ସମୟରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ନିଜ ନିଜ ବିଭାଗର ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରାକ ପ୍ରସ୍ତୁତି, ବିପର୍ଯ୍ୟୟ ପୂର୍ବବର୍ତ୍ତୀ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରବର୍ତ୍ତୀ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହି କିପରି ଲୋକଙ୍କର ଧନ ଜୀବନର ସୁରକ୍ଷା କରିବେ ଓ କ୍ଷୟକ୍ଷତି ହ୍ରାସ କରିପାରିବେ ସେ ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ଏହି ଟେବୁଲ ଟପ୍ କର୍ମଶାଳାରେ ଜିଲ୍ଲାର ସମସ୍ତ ବିଭାଗ, ଅଗ୍ନିଶମ ବାହିନୀର ଅଧିକାରୀମାନେ ଉପସ୍ଥିତ ରହି ସମ୍ଭାବ୍ୟ ବିପର୍ଯ୍ୟୟର କିପରି ମୁକାବିଲା କରିବେ ସେ ଦିଗରେ ନିଜ ନିଜ ବିଭାଗର ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ସେହିପରି ଅପରାହ୍ନରେ ଜିଲାର ସମସ୍ତ ୧୩ ଗୋଟି ବ୍ଲକ ଓ ୪ ଗୋଟି ସହରାଞ୍ଚଳରେ ଏହି ଟେବୁଲ ଟପ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

# ରେଢ଼ାଖୋଲ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ପକ୍ଷରୁ ଚଳିତ ବର୍ଷ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରେଢ଼ାଖୋଲରେ ହେବାକୁ ଥିବା ଚଳିତ ବର୍ଷ ରଥଯାତ୍ରା କିପରି ସୁରୁଖୁରୁରେ ହେବା ସହିତ ମନ୍ଦିରର ସାଜସଜ୍ଜା, ବିଗ୍ରହଙ୍କ ଗଜାନନ ବେଶର ସାଜସଜ୍ଜା, ରଥଯାତ୍ରା ହେଉଥିବା କଦମ୍ବ ପଡ଼ିଆର ସଫାସୁତୁରା ,ରଥ ନିର୍ମାଣ କାର୍ଯ୍ୟ ଓ ରଥ ନିର୍ମାଣ ପାଇଁ ଦରକାର ପଡୁଥିବା ରଥକାଠ, ଠାକୁରଙ୍କ ପହଣ୍ଡି, ରଥଟଣା, ମିନାବଜାର , ଭକ୍ତ ମାନେ କିଭଳି ଭଗବାନଙ୍କୁ ସୁରୁଖୁରୁରେ ଦର୍ଶନ କରି ପାରିବେ ଇତ୍ୟାଦି ସମସ୍ତ କାର୍ଯ୍ୟ ଓ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ରଥଯାତ୍ରାରେ ଠାକୁରଙ୍କ ପହଣ୍ଡି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଘଣ୍ଟବାଜା, ନାମ କୀର୍ତ୍ତନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପହଣ୍ଡି ଓ ରଥଟଣା କରିବାର ନିଷ୍ପତି ନିଆଯାଇଛି । ତା ସହିତ ରଥଯାତ୍ରା ସମୟରେ ୨ ଦିନ ବିଦେଶୀ ମଦ ଓ ଦେଶି ମଦ ଭାଟି ବନ୍ଦ ରଖାଯିବା ସହିତ ବେଆଇନ ଭାବେ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କ ଉପରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ କଡା ନଜର ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ରେଢ଼ାଖୋଲ ଏନ୍ ଏ ସି ଅଧ୍ୟକ୍ଷ ଶିବରାମ ସାହୁ, ବ୍ଲକ୍ ଅଧ୍ୟକ୍ଷ ପ୍ରଦିପ ପ୍ରଧାନ, ବରିଷ୍ଠ ଆଇନଜୀବି ଶିବପ୍ରସାଦ ପ୍ରଧାନ, ଅନାଦି ସାହୁ, ଦେବତର ବୋର୍ଡ କମିଟି, ବ୍ରହ୍ମ ସମାଜ, ଜଗନ୍ନାଥ କମିଟି ସଦସ୍ୟ, ସମସ୍ତ ଗଣମାଧ୍ୟମ ସମେତ, ଫରେଷ୍ଟ ବିଭାଗ, ଅଗ୍ନିଶମ ବିଭାଗ ଓ ପୋଲିସ ବିଭାଗ ର ଅଧିକାରୀ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଶିଶୁ ଶ୍ରମିକ ନିରାକରଣ ନେଇ ସଚେତନତା ଶୋଭାଯାତ୍ରା



ଝାରସୁଗୁଡ଼ା,(ସବ୍ୟୁ): ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ସକାଶେ ୧୫ ଦିନ ଧରି ଜିଲ୍ଲା ବ୍ୟାପୀ ସଚେତନତା ଅଭିଯାନ ଜୁନ ୧୨ ରୁ ଜୁନ ୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଛି ।ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଜିଲ୍ଲାସ୍ତରରେ ଏହାର ଅଧିକ ପ୍ରଚାର ପ୍ରସାର ନିମନ୍ତେ ଆୟୋଜିତ ଏକ ପଦଯାତ୍ରା ଶୁଭାରମ୍ଭ କରିଥିଲେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ । ଶିଶୁ ଶ୍ରମିକ ନିରାକରଣ ପ୍ରତି ପ୍ରତେକ ନାଗରିକ ଦାୟିତ୍ୟବାନ ହେବା ପାଇଁ ଆହ୍ୱାନ ଦେଇଥିଲେ । ଚଳିତ ଜୁନ ମାସ ଛବିଶ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜିଲ୍ଲା ବ୍ୟାପୀ ଚାଲୁ ରହିଥିବା ବେଳେ ଝାରସୁଗୁଡା ଜିଲ୍ଲାକୁ ଶିଶୁ ଶ୍ରମମୁକ୍ତ ଜିଲ୍ଲାରେ ପରିଣତ କରିବା ସକାଶେ ସଚେତନତା ସୃଷ୍ଟି କରିବ। ଏହି ପଦଯାତ୍ରାରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଦିବ୍ୟଜ୍ୟୋତି ନାୟକ ଓ ଜିଲ୍ଲା ଶ୍ରମ ଅଧିକାରୀ ମେରି ସୁନିତା ଲାକ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପୁଣ୍ୟବତୀ ହେଲେନ ଖେସ ତଥା ଅନ୍ୟାନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଶତାଧିକ ମହିଳା ପୁରୁଷ ବିଭିନ୍ନ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କୟ ସଚେତନତା ବାର୍ତ୍ତା ଦେଇ ପଦଯାତ୍ରାକୁ ସଫଳ କରିଥିଲେ । କାର୍ଯ୍ୟକ୍ରମକୁ ଏନ ସି ଏଲ୍ ପି କାର୍ଯ୍ୟକ୍ରମ ପରିଚାଳକ ଜନ୍ମଜୟ ସା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Balangir, dated 13.06.2025 I, Pranati Acharya, Address At-Tikrapada, Balangir, Po/Ps-Balangir, Dist-Balangir, Odisha, Pin- 767001, declare that I have changed my name from Pranati Mishra to Pranati Acharya. Henceforth, I shall be known as Pranati Acharya for all purposes.

**Pranati Acharya**

**AFFIDAVIT**

By virtue of an affidavit sworn before Notary Public, Titilagarh, dated. 17.06.2025 I, Premananda Suna, S/o-Gouranga Suna, At- Odiapali, Po- Atgaon P.s- Puintala, Dist- Balangir, Odisha, Pin- 767002 declare that I have changed my Son's name from Praveen Suna to Prabina Suna. Henceforth, He shall be known as Prabina Suna for all purposes.

**Premananda Suna**

**AFFIDAVIT**

By virtue of an affidavit sworn before Executive Magistrate, Balangir, dated. 19.06.2025 I, Radheshyam Kumura, S/o- Paramananda Kumura, At- Tusrabahal, Po- Chudapali P.s- Balangir Sadar, Dist- Balangir, Odisha, Pin- 767024 declare that I have changed my Son's name from Akash Kumura to Akasha Kumura. Henceforth, He shall be known as Akasha Kumura for all purposes.

**Radheshyam Kumura**

## ବରଗଡ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର କରୁଣ ପରିସ୍ଥିତି

# ରୋଗୀ ପାଉନାହାନ୍ତି ଉଚିତ୍ ସମୟରେ ଚିକିତ୍ସା ସେବା

ବରଗଡ,(ସବ୍ୟୁ): ବରଗଡ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର କରୁଣ ପରିସ୍ଥିତି ଦେଖିବାକୁ ମିଳୁଛି। କେବଳ କିଛି ଟଙ୍କା ପାଇଁ ମରଣ ମୁହଁକୁ ଠେଲି ଦିଆଯାଉଛି ସାଧାରଣ ରୋଗୀଙ୍କୁ । ୧୦୮ ଆମ୍ବୁଲାନ୍ସ ସେବା ଠିକା ନେଇଥିବା କମ୍ପାନୀ କିଲୋମିଟର ପିଛା ସରକାରଙ୍କଠୁ ଟଙ୍କା ପାଉଥିବା କାରଣରୁ ରୋଗୀ ପଡିରହିଥିବା ଠିକଣା ପାଖରେ ଥିବା ଆମ୍ବୁଲାନ୍ସକୁ ନଦେଇ ସବୁବେଳେ ଦୂର ସ୍ଥାନରେ ଥିବା ଆମ୍ବୁଲାନ୍ସ ଦେଉଛି। ଯାହାଦ୍ୱାରା ଗୁରୁତର ରୋଗୀ ଠିକ ସମୟରେ ଚିକିତ୍ସା ସେବା ପାଇ ପାରୁନାହାନ୍ତି । ଏପରିକି ଆମ୍ବୁଲାନ୍ସ ବିଳମ୍ବରେ ଆସୁଥିବାରୁ ଦୁର୍ଘଟଣାଗ୍ରସ୍ତ ଗୁରୁତର ରୋଗୀଙ୍କ ବିଳମ୍ବ ଚିକିତ୍ସା କାରଣରୁ ମୃତ୍ୟୁ ମଧ ହେଉଛି ।

୧୦୮ ଆମ୍ବୁଲାନ୍ସ ଟୋଲ ଫ୍ରି ନମ୍ବରକୁ ଏହାର ପ୍ରତିବାଦ କଲେ ସିଧାସଳଖ ଆପଣଙ୍କୁ ଗାଡ଼ି ଦିଆଯିବ ନାହିଁ ବୋଲି ସାଧାରଣ ଜନତାଙ୍କୁ ଦୁର୍ବ୍ୟବହାର କରୁଛନ୍ତି । ବୁଧବାର ବରଗଡ଼ ସଦର ମହକୁମାରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ବରଗଡ଼ ଜିଲ୍ଲାରେ ଗତ ଦୁଇଦିନ ହେଲା ଲଗାଣ ବର୍ଷା ହେଉଥିବା ବେଳେ ରାସ୍ତାଘାଟ ଶୂନଶାନ ହୋଇଛି ।ଏଭଳି ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ରହିଥିବା ସାଇନ୍ସ ପାର୍କ ସମ୍ମୁଖ ରାସ୍ତା କଡରେ ଜଣେ ବୃଦ୍ଧା ପଡିରହିଥିଲେ । ବର୍ଷା ପାଣିରେ ତାଙ୍କର ଶରୀର ସମ୍ପୂର୍ଣ୍ଣ ଭିଜି ଧଳା ପଡିଯାଇଥିବା ବେଳେ ଜୀବିତ ଅବସ୍ଥାରେ ପିମ୍ପୁଡି ଲାଗି ଯାଇଥିଲେ । ଏପରି ଏକ ସମ୍ବେଦନଶୀଳ ଘଟଣା ବିଷୟରେ ଖବର ପାଇବା ପରେ ସଂକଳ୍ପ ପରିବାରର କିଛି ସଦସ୍ୟ ଘଟଣା ସ୍ଥଳକୁ ପହଞ୍ଚି ପ୍ରକୃତ ଘଟଣା ବିଷୟରେ ଅବଗତ ହେବା ପରେ ୧୦୮ ଆମ୍ବୁଲାନ୍ସ ସହିତ ଯୋଗାଯୋଗ କରିଥିଲେ। ମାତ୍ର ଭୁବନେଶ୍ୱରରେ ବସିଥିବା ୧୦୮ କର୍ମଚାରୀ ନିକଟରେ ଥିବା ଆମ୍ବୁଲାନ୍ସ ଯୋଗାଇ ଦେବା ପରିବର୍ତ୍ତେ ବରପାଲି ଓ ଅତାବିରାରୁ ଆମ୍ବୁଲାନ୍ସ ଆସିବ ଏବଂ ଆପଣଙ୍କୁ ଅପେକ୍ଷା କରିବାକୁ ପଡିବ ବରଗଡ଼ ରେ ଗାଡ଼ି ନାହିଁ ବୋଲି କହିଥିଲେ । ଘଟଣାର ପ୍ରକୃତ ସତ୍ୟାସତ୍ୟ ଜାଣିବା ପାଇଁ ସଂକଳ୍ପ ପରିବାରର ସଦସ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଛପଟେ ଆମ୍ବୁଲାନ୍ସ ଛିଡା ହେଉଥିବା ସ୍ଥାନକୁ ଯାଇ ଦେଖିବାରୁ ସେଠାରେ ଚାରିଟି ଆମ୍ବୁଲାନ୍ସ ଛିଡା ହେଇଥିଲା । ତେବେ ଟୋଲଫ୍ରି ନମ୍ବରକୁ ଫୋନ କରି ପୁଣି ଉକ୍ତ ସୂଚନା ବିଷୟରେ ୧୦୮ କର୍ମଚାରୀଙ୍କୁ ଅବଗତ କରାଇଲା ସତ୍ତ୍ୱେ ମଧ୍ୟ ସେ ଆପଣଙ୍କ ପାଇଁ ବରପାଲିରୁ ଗାଡି ବାହାରି ଯାଇଛି ଅପେକ୍ଷା କରନ୍ତୁ ବୋଲି କହିଥିଲେ। କାରଣ ଆମ୍ବୁଲାନ୍ସ ଯେତିକି କିଲୋମିଟର ଯିବ କମ୍ପାନୀ ସେତିକି ପଇସା ପାଇବ । ଲାଭଖୋର କମ୍ପାନୀ ଦୁଇ ପଇସା ଅଧିକ ରୋଜଗାର ପାଇ ସାଧାରଣ ଲୋକଙ୍କ ଜୀବନ ସହିତ ଖେଳ ଖେଳୁଛି ଏବଂ ଅଧିକ ଦୂରତାରୁ ଆମ୍ବୁଲାନ୍ସ ପଠାଉଛି ଯାହା ରୋଗୀଙ୍କ ପାଇଁ କାଳ ହେଉଛି। ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ ଜିଲ୍ଲା ପ୍ରଶାସନର ଦୃଷ୍ଟିଗୋଚର ହେଉନାହିଁ ଯାହା ଧୀରେ ଧୀରେ ଜନ ଆକ୍ରୋଶରେ ପରିବର୍ତ୍ତନ ହେଉଛି । କେଉଁଦିନ ସାଧାରଣ ଜନତା ଓ ୧୦୮ କର୍ମଚାରୀଙ୍କ ମଧ୍ୟରେ କୌଣସି ବଡ଼ ଧରଣର ଘଟଣା ଘଟିଯିବ ଏହାକୁ ଏଡାଇ ଦିଆଯାଇନପାରେ।

(ଶ୍ରୀମଭଗବଦ୍ ଗୀତା ୧୬/୨୦)
-ଦୈବାସୁରସମ୍ପଦ୍‌ବିଭାଗ-
(ଶ୍ରୀଭଗବାନୁବାଚ )

**ତ୍ରିବିଧଂ ନରକେସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ ।**
**କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ ।।୨୧।।**

କାମ, କ୍ରୋଧ ଓ ଲୋଭ-ଏହି ତିନୋଟି ନରକର ଦ୍ୱାର, ଅତଏବ ଆତ୍ମାର ଅବନତିର ମୂଳ କାରଣ, ଏଥିନିମିତ୍ତ ଏହି ତିନୋଟି ତ୍ୟାଗ କରିବା ଉଚିତ ।

# ଏ ମାଟିର ମହକ ଦ୍ରୌପଦୀ ମୁର୍ମୁ

## ସମ୍ପାଦକୀୟ

ଭାରତର ପ୍ରଥମ ନାଗରିକ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏହି ଜୁନ୍ ୨୦((୨୦୨୫)ରେ ଅଡଷଠୀ ବର୍ଷରେ ପଦାର୍ପଣ କରୁଛନ୍ତି । କେବଳ ଭାରତ ପାଇଁ ନୁହେଁ, ଓଡ଼ିଶା ପାଇଁ ମଧ୍ୟ ଏହା ଗର୍ବର ବିଷୟ । ଆମେ ଓଡ଼ିଆମାନେ ପ୍ରକୃତରେ ଶ୍ରୀମତୀ ମୁର୍ମୁଙ୍କ ପାଇଁ ଗୌରବାନ୍ୱିତ ଓ ଆନନ୍ଦିତ ।

ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅଞ୍ଚଳର ଉପରବେଡ଼ା ଗ୍ରାମରେ ୧୯୫୮ ଜୁନ୍ ୨୦ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ ଏକ ସାନ୍ତାଳୀ ଆଦିବାସୀ ପରିବାରରେ । ମୟୂରଭଞ୍ଜ ଓଡ଼ିଶା ରାଜ୍ୟରେ ବିଳମ୍ବରେ ମିଶିଥିଲା । ମୟୂରଭଞ୍ଜ ଅବିଭକ୍ତ ବିହାର ରାଜ୍ୟରେ ମିଶିବା ଲାଗି ଉଦ୍ୟମ ଅବଶ୍ୟ ପଣ୍ଡ ହୋଇଥିଲା । ସେତେବେଳେ କଂଗ୍ରେସ ଜରିଆରେ ପ୍ରାୟ ସମସ୍ତ ରାଜନୀତିକ ଦଳ ଭାରତର ସ୍ୱାଧୀନତା ପାଇଁ ମହାତ୍ମା ଗାନ୍ଧିଙ୍କ ଡାକରାରେ ଆନ୍ଦୋଳନ କରୁଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲେ ମଧ୍ୟ ଭାରତର ଐତିହାସିକମାନେ ଏହାକୁ ଗୁରୁତ୍ୱ ଦେଇ ନଥିବା ଦୁଃଖର ବିଷୟ । ସେ ଯାହା ହେଉ, ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥାରେ ୧୯୪୯ ଜାନୁଆରୀ ପହିଲାରେ ମୟୂରଭଞ୍ଜ ଏକ ଜିଲ୍ଲା ଭାବରେ ଓଡ଼ିଶା ରାଜ୍ୟରେ ମିଶିଥିଲା । ସେହି ଜିଲ୍ଲାରୁ ଆସି ଆଜି ସମଗ୍ର ଭାରତର ପ୍ରଥମ ନାଗରିକ ହେବା କେତେ ଗୌରବର କଥା ନୁହେଁ ? ମୟୂରଭଞ୍ଜ ଓଡ଼ିଶାରେ ମିଶିବା ଲାଗି ତତ୍‌କାଳୀନ ଛାତ୍ର କଂଗ୍ରେସ ପକ୍ଷରୁ ଯେପରି ତୀବ୍ର ଆନ୍ଦୋଳନ ଚାଲିଥିଲା, ସ୍ୱାଧୀନତାର ଉତ୍ତର କାଳରେ ଛାତ୍ରମାନେ ସେ ବିଷୟରେ ଜାଣିବା ଉଚିତ । 'ସମୟ'ର ପୂର୍ବତନ ମୁଖ୍ୟ ସମ୍ପାଦକ ଓ ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗୀୟ ସାତକଡ଼ି ହୋତାଙ୍କ ଲେଖାର କିୟଦଂଶ ଏଠାରେ ମୁଁ ଉଦ୍ଧାର କରୁଛି । କାରଣ ସ୍ୱର୍ଗୀୟ ହରେକୃଷ୍ଣ ମହତାବ ଓ ସ୍ୱର୍ଗୀୟ ନିତ୍ୟାନନ୍ଦ ମହାପାତ୍ରଙ୍କ ପରି ନେତାମାନଙ୍କର ଅବଦାନ ବିଷୟରେ ଆମ ରାଜ୍ୟରେ ବିଶେଷ ଆଲୋଚନା ହୋଇପାରି ନାହିଁ । ସ୍ୱର୍ଗୀୟ ହୋତା ଲେଖିଥିଲେ- 'ସେ ଛାତ୍ର କଂଗ୍ରେସର ନେତା ଥିବାବେଳେ ମହତାବ ବାବୁ ପୁରୀ ଗସ୍ତରେ ଆସିଥିଲେ ଓ ସେଠାରେ କହିଥିଲେ ତମେ ଛାତ୍ରମାନଙ୍କ ମଧ୍ୟରେ ଓଡ଼ିଶା ସହିତ ମୟୂରଭଞ୍ଜର ମିଶ୍ରଣ ପାଇଁ ଅନୁକୂଳ ମତ ସୃଷ୍ଟି କର । ଜନସାଧାରଣଙ୍କୁ ମଧ୍ୟ ବୁଝାଅ । ..... ଏହା ପରେ ମିଶ୍ରଣ ସପକ୍ଷରେ ଆନ୍ଦୋଳନକୁ କ୍ଷିପ୍ରତର କରିବା ପାଇଁ ମହତାବ ବାବୁ ପରାମର୍ଶ ଦେଲେ ଏବଂ କେତେ ମାସ ପରେ ତତ୍କାଳୀନ ନିଖିଳ ଭାରତ ଛାତ୍ର କଂଗ୍ରେସର ସଭାପତି ରବି ବର୍ମା (ପରେ ଜନତା ସରକାରରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟଙ୍କୁ) ସେ ପଠାଇଥିଲେ । ରବି ବର୍ମା ଓ 'ଡଗର' ସମ୍ପାଦକ ନିତ୍ୟାନନ୍ଦ ମହାପାତ୍ରଙ୍କୁ (ପରେ ସେ ରାଜ୍ୟ ମନ୍ତ୍ରିମଣ୍ଡଳରେ ବରିଷ୍ଠ ମନ୍ତ୍ରୀ ହୋଇଥିଲେ) ଆଣି ମୁଁ ବାରିପଦାରେ ସଭା କରାଇଲି ଏବଂ ସେହି ସଭାରେ ଅନେକ ଲୋକ ଯୋଗଦେବା ବ୍ୟତୀତ ପ୍ରଥମ କରି ବିରୋଧୀ ପକ୍ଷରୁ ବିନା ଗଣ୍ଡଗୋଳରେ ସଭାକାର୍ଯ୍ୟ କେବଳ ଶେଷ ହେଲା ନାହିଁ- ସଫଳ ମଧ୍ୟ ହେଲା । ('ମୋ ଦୃଷ୍ଟିରେ ଡକ୍ଟର ମହତାବ, ପୃଷ୍ଠା-୨୦୦, 'ସମାବେଶ' ୧୯୮୭) ।

ପ୍ରକୃତରେ ବିଶିଷ୍ଟ ସାହିତ୍ୟିକ, କାନ୍ତକବିଙ୍କ ଜ୍ୟେଷ୍ଠପୁତ୍ର, ନିତ୍ୟାନନ୍ଦ ମହାପାତ୍ର ମୟୂରଭଞ୍ଜ ମିଶ୍ରଣ ସମୟରେ ଭାଷଣ ଦେଇ ଏକଦା କହିଥିଲେ, 'ଓଡ଼ିଶାର ମୁଣ୍ଡ ହେଉଛି ମୟୂରଭଞ୍ଜ । ଯଦି ଓଡ଼ିଶାର ମୁଣ୍ଡ କଟିଯିବ ତାହାଲେ ଓଡ଼ିଶା ଗଣ୍ଡିର ପରିଚୟ ରହିବ ନାହିଁ ' ଏହା ପରେ ବିପୁଳ କରତାଳି ଦେଇ ମୟୂରଭଞ୍ଜର ଲୋକେ ଏହାକୁ ସମର୍ଥନ କରିଥିଲେ । ସେହି ମୟୂରଭଞ୍ଜ ଅଞ୍ଚଳର ଏକ ସାଧାରଣ ଆଦିବାସୀ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିବା ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରକୃତରେ ଓଡ଼ିଶାର ମୁଣ୍ଡ ଉପରେ ବସାଇ ସାରା ଭାରତରେ କେବଳ ନୁହେଁ ସାରା ବିଶ୍ୱରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କୁ ଯେପରି ଭାବରେ ଭାରତର ରାଷ୍ଟ୍ରପତି ଭାବରେ ମର୍ଯ୍ୟାଦିତ କରିଛନ୍ତି, ତାହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ।

ଏକ ସାଧାରଣ ଆଦିବାସୀ ପରିବାରରୁ ଆସି ଜୀବନରେ ବହୁ ଦୁଃଖ କଷ୍ଟକୁ ଅତିକ୍ରମ କରି ସେ ନିଜର ସଦ୍‌ଗୁଣ, ସଚ୍ଚୋଟପଣିଆ ଓ କାର୍ଯ୍ୟଦକ୍ଷତା ଯୋଗୁଁ ବିଧାୟିକା, ମନ୍ତ୍ରୀ ଓ ଝାଡ଼ଖଣ୍ଡର ରାଜ୍ୟପାଳ ହେବା ପରେ, ୨୦୨୨ରୁ ଭାରତର ସର୍ବୋଚ୍ଚ ପଦବୀରେ ସେ ଉପନୀତ ହୋଇ ପାରିଛନ୍ତି । ଆମେ ତାଙ୍କ ପାଇଁ ଗର୍ବ କରୁ ସିନା, ଗର୍ବ ବା ଅହଂକାର ତାଙ୍କୁ ସ୍ପର୍ଶ କରି ପାରିନାହିଁ । ଈର୍ଷାପରାୟଣ ହୋଇ ଅନେକ ରାଜନେତା ତାଙ୍କୁ ପରିହାସ କରିଛନ୍ତି, ମାତ୍ର ସଂସାର ଭିତରେ ଥାଇ ମଧ୍ୟ ସେ ଜଣେ ସନ୍ନ୍ୟାସିନୀ ପରି ସେମାନଙ୍କ ପ୍ରତି ଅସହିଷ୍ଣୁ ହୋଇ ନାହାନ୍ତି କେବେ, ବରଂ ପରୋକ୍ଷରେ କ୍ଷମା କରିଦେଇଛନ୍ତି । ଭାରତ ଯେତେବେଳେ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପହଞ୍ଚିଛି ସେତେବେଳେ ଶ୍ରୀମତୀ ମୁର୍ମୁ ସର୍ବୋଚ୍ଚ ପଦବୀରେ ଥାଇ ଭାରତର ତଥା ଭାରତୀୟମାନଙ୍କ ହିତ ସାଧନ ପାଇଁ ତତ୍ପର ହୋଇ ଉଠିଛନ୍ତି, ତାହା ହିଁ ତାଙ୍କ ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ । ଆମେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁଁ ।

(ଗୁରୁକଲ୍ୟାଣ ମହାପାତ୍ର)
ମୁଖ୍ୟ ସମ୍ପାଦକ

**ସଙ୍କଳ୍ପ**
**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ମୋଦିଜୀ ସୁ-ସ୍ୱାଗତମ୍



ଶ୍ରୀ ମୋହନ ଚରଣ ମାଝୀ

ଆଜି ଅପରାହ୍ନରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଓଡ଼ିଶା ଆସୁଛନ୍ତି । ସାଢ଼େ ଚାରି କୋଟି ଓଡ଼ିଆଙ୍କ ସହିତ ମିଶି ମୁଁ ଜଣେ ଓଡ଼ିଆ ଭାବରେ ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ପବିତ୍ର ମାଟିକୁ ସ୍ୱାଗତ କରୁଛି ।


ଏହା ଭିତରେ ମୋଦୀଜୀ ଦେଶର ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ସମ୍ଭାଳିବାର ୧୧ ବର୍ଷ ପୂରଣ ହୋଇସାରିଛି । ମୁଁ ମଧ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ କାମ କରିବାର ପ୍ରଥମ ବର୍ଷ ପୂରଣ କରିସାରିଛି । ଗତ ଗୋଟିଏ ବର୍ଷରେ ମୋଦୀଜୀ ୫ ଥର ଓଡ଼ିଶାକୁ ଆସି ସାରିଛନ୍ତି । ଆଜିର ତାଙ୍କର ଗସ୍ତକୁ ମିଶାଇଲେ ରାଜ୍ୟରେ ଡବଲ ଇଂଜିନ୍ ସରକାର ଗଠନ ପରେ ଷଷ୍ଠ ଥର ପାଇଁ ସେ ଓଡ଼ିଶା ଆସିବେ । ମୋଦୀଜୀଙ୍କ ପୂର୍ବରୁ ଯେତେ ପ୍ରଧାନମନ୍ତ୍ରୀ ହୋଇଛନ୍ତି, ସେମାନେ ମୋଟରେ ଯେତେଥର ଆସିଛନ୍ତି ଆମର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକା ତା'ଠାରୁ ଅଧିକ ଥର ଆସିଛନ୍ତି ।

ବାରମ୍ବାର ଓଡ଼ିଶାକୁ ଆସିବା ପଛରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଅନନ୍ୟ ସମର୍ପଣ ଭାବ ଏବଂ ଓଡ଼ିଶା ପ୍ରତି ତାଙ୍କର ଅହେତୁକ ଭଲପାଇବା । ବିଜେପିର ଜଣେ ବିଧାୟକ ଭାବରେ ବିଭିନ୍ନ ଦଳୀୟ ଓ ସରକାରୀ କାର୍ଯ୍ୟକ୍ରମରେ ମୋଦିଜୀଙ୍କ ସହ ମିଶିବା ଓ ଦେଖା ହେବାର ସୁଯୋଗ ମିଳିଥିଲା । ମାତ୍ର ଗତ ଗୋଟିଏ ବର୍ଷରେ ତାଙ୍କ ସହ କେବଳ ଅନେକ ଥର ଦେଖା ହେବାର ସୁଯୋଗ ମିଳିଛି ତା ନୁହେଁ, ବରଂ ଓଡ଼ିଶାର ଦ୍ରୁତ ଆର୍ଥିକ ବିକାଶ ପାଇଁ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ଭାବଧାରାକୁ ମୁଁ ମର୍ମେ ମର୍ମେ ଅନୁଭବ କରିଛି । ଓଡ଼ିଶାର ବିକାଶ ସାମ୍ନାରେ ଥିବା ଆହ୍ୱାନ ସମୂହକୁ ସମ୍ଭାବନା ରୂପରେ ସେ ଦେଖିଛନ୍ତି ଏବଂ ଏହା ଖୁବଶୀଘ୍ର ଓଡ଼ିଶାକୁ ଆର୍ଥିକ ଦୃଷ୍ଟିରୁ ନିଶ୍ଚୟ ଆଗୁଆ ରାଜ୍ୟରେ ପରିଣତ କରିବ । ତାଙ୍କ ମାର୍ଗଦର୍ଶନ ଓଡ଼ିଶା ବିକାଶ ପାଇଁ ଆମର ଶକ୍ତି ହୋଇଛି ।

**ମାତ୍ର ରାଜ୍ୟ ଧନୀ ଏବଂ ଲୋକେ ଗରିବ । ଏ ଯନ୍ତ୍ରଣାରୁ ଆମକୁ ଉପରକୁ ଉଠିବାକୁ ପଡ଼ିବ । ଖଣି ଆଧାରିତ ଅର୍ଥନୀତି ନୁହେଁ, ବରଂ ଓଡ଼ିଆ ମହିଳା, କୃଷକ, ଯୁବକ ଓ ଗରିବମାନଙ୍କୁ କିପରି ବିକାଶ କାମରେ ସାମିଲ କରି ସେମାନଙ୍କର କ୍ରୟଶକ୍ତିକୁ ବଢ଼ାଯାଇପାରିବ ସେଥିପାଇଁ ଆମେ ଯୋଜନାବଦ୍ଧ ଭାବରେ କାମ ଆରମ୍ଭ କରିଛୁଁ ।**

ପିଲାଦିନୁ, ମୁଁ ସାମାଜିକ ଓ ରାଜନୈତିକ କାମରେ ସମ୍ପୃକ୍ତ ଥିବା କାରଣରୁ, ଦେଶ ଓ ରାଜ୍ୟର ଲୋକଙ୍କ ଜୀବନର ମାନ କିପରି ରହିଛି ଓ ସେଥିରେ କେମିତି ଦ୍ରୁତ ବିକାଶ କରି ସେମାନଙ୍କୁ କିପରି ସୁଖ ଓ ସମୃଦ୍ଧିର ରାସ୍ତାରେ ନିଆଯାଇପାରିବ, ସେଥିପାଇଁ ଦିନ-ଦିନ ରାତି-ରାତି ବିଚାର ବିମର୍ଷ କରିଛି । ମୂଳରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ସ୍ୱୟଂସେବକ, ପରେ ଶିଶୁ ମନ୍ଦିରରେ ଶିକ୍ଷକ, ସରପଞ୍ଚ, ବିଧାୟକ ଓ ବିଧାନସଭାରେ ଜଣେ ବିରୋଧୀ ଦଳ ନେତା ଭାବେ ରାଜ୍ୟରେ ସାଧାରଣ ଲୋକଙ୍କ ଜନ ଆକାଂକ୍ଷାକୁ ପ୍ରତିଫଳିତ କରିବା ପାଇଁ ଉଦ୍ୟମ କରିଥିଲି । ୨୦୦୦ ମସିହାରେ ବିଧାୟକ ଭାବରେ ବିଧାନସଭାକୁ ଆସିବା ସହ ୨୦୨୪ ମସିହାରେ ମୁଖ୍ୟମନ୍ତ୍ରୀ ହେବା ପର୍ଯ୍ୟନ୍ତ ଏହି ଅଢ଼େଇ ଦଶନ୍ଧି, ମୁଁ ପୂରା ମୋ ବ୍ୟକ୍ତିଗତ ଜୀବନକୁ ଭୁଲି ଲୋକ ସେବାରେ ନିଜକୁ ସମର୍ପିତ କରିଛି ।

ଏବେ ଓଡ଼ିଶାର ବିକାଶର ମଂଗ ଧରିବାର ଦାୟିତ୍ୱ ଜନ ମଙ୍ଗଳ ପାଇଁ ମୋର ବିଗତ ତିନି ଦଶନ୍ଧିର ଅନୁଭବ, ଅନୁଭୂତି, ଅଙ୍ଗେନିଭା କଥା, ସର୍ବୋପରି ବିଜେପି ଓ ନରେନ୍ଦ୍ର ମୋଦିଜୀଙ୍କର ବିକାଶର ଅବଧାରଣା ମୋତେ ଅନେକ ସଂକଳ୍ପ ଆଣିଦେଇଛି । ସଂକଳ୍ପରୁ ସିଦ୍ଧି ରାସ୍ତାରେ ୪.୫ କୋଟି ଓଡ଼ିଆ ମୋର ସହଯାତ୍ରୀ । ଯଦି ଆମେ ପ୍ରତ୍ୟେକ ଓଡ଼ିଆ ଆମର ବିକାଶ ଯାତ୍ରାରେ ସାମିଲ ହୋଇ ସମସ୍ତେ ପାଦେ ପାଦେ ଚାଲିବା ତାହେଲେ ଆମେ ମିଳିତ ଭାବେ ୪.୫ କୋଟି ପାଦ ଆଗକୁ ଯିବା । **ମୋଦି ଶାସନର ପ୍ରଥମ ସର୍ତ୍ତ ହେଉଛି ଜନଭାଗିଦାରୀ । ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ ଆମ ପାଇଁ ମୋଦି ମନ୍ତ୍ର ।**



ମୋଦିଜୀଙ୍କ ୧୧ ବର୍ଷର ଶାସନ ଆମର ପଥ ପ୍ରଦର୍ଶକ । ସାଧାରଣ ଗରିବ ଘରୁ ଜୀବନରେ ସଂଘର୍ଷ କରିଥିବା ମୋଦିଙ୍କ ଚିନ୍ତାଧାରା ସରକାରଙ୍କ କାର୍ଯ୍ୟକ୍ରମରେ ରୂପାନ୍ତରିତ ହେଲା, ତ ଦେଶରେ ଗରିବଙ୍କ କଲ୍ୟାଣର ନୂଆଯୁଗ ଆରମ୍ଭ ହେଲା । ଗରିବ ପରିବାର ପାଇଁ ବିଶେଷ କରି ମା' ଓ ଭଉଣୀଙ୍କ ପାଇଁ ଶୌଚାଳୟ କ'ଣ କମ୍ ବଡ଼ କଥା ? ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ଶୌଚାଳୟ କଥା କହି ସ୍ୱଚ୍ଛତାକୁ ଏକ ଜନ ଆନ୍ଦୋଳନ କଲେ । ଉଜ୍ଜ୍ୱଳା ଯୋଜନା ଗରିବ ପରିବାରର ରୋଷେଇ ଘରେ ଖାଲି ବିପ୍ଳବ ଆଣିଲାନି, ମହିଳାଙ୍କ ସମୟ, ପିଲାଙ୍କ ପାଠପଢ଼ା ଓ ଆର୍ଥିକ ଗତିବିଧି ଆଡ଼କୁ ଗଲା । ଜନଧନ ଯୋଜନାରେ ବ୍ୟାଙ୍କ ଖାତା ଯୋଜନା ଓ ହିତାଧିକାରୀଙ୍କ ମଧ୍ୟରେ ମଧ୍ୟସ୍ଥି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଶେଷ କରିଦେଲା । ଡିବିଟି ବା ସିଧା ସିଧା ବ୍ୟାଙ୍କ ଖାତାରେ ଟଙ୍କା ଜମା ହେବା, ଆମ ଦେଶରେ ବଡ଼ ପରିବର୍ତ୍ତନ ଆଣିଲା । ଡିଜିଟାଲ ଇଣ୍ଡିଆରେ ନିପଟ ମଫସଲ ମଧ୍ୟ ସାମିଲ । କେନ୍ଦୁଝରର ଅପହଞ୍ଚ ଅଞ୍ଚଳରେ ବି ଆମ ପିଲା ଡ଼ିଜିଟାଲ ପେମେଣ୍ଟ କରୁଛନ୍ତି ।

ଗରିବ କଲ୍ୟାଣର ପଥ ପ୍ରଦର୍ଶକ ମୋଦିଜୀଙ୍କର ଓଡ଼ିଶାକୁ ଭଲପାଇବା ସ୍ୱତନ୍ତ୍ର । ଯୁବାବସ୍ଥାରେ ଅହମ୍ମଦାବାଦର ଜଗନ୍ନାଥ ମନ୍ଦିରରେ ତାଙ୍କର ସମୟ କଟିଛି । ୨୦୧୪ ମସିହାରେ ନିର୍ବାଚନ ପୂର୍ବରୁ ବିଜେପି କ୍ୟାମ୍ପେନ୍ କମିଟିର ଅଧ୍ୟକ୍ଷ ଭାବରେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ଓଡ଼ିଶା ଓ ଗୁଜରାଟ ମଧ୍ୟରେ ଥିବା ଭାବଗତ ସମ୍ପର୍କ ବିଷୟରେ ଅନେକ କଥା କହିଥିଲେ । ପୂର୍ବଭାରତର ଉଦିତ ସୂର୍ଯ୍ୟଙ୍କ ଆରାଧନା ପାଇଁ ଯେମିତି ସୂର୍ଯ୍ୟ ମନ୍ଦିର ରହିଛି, ଠିକ ସେମିତି ପଶ୍ଚିମ ଭାରତରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାପାଇଁ ଗୁଜରାଟରେ ସୂର୍ଯ୍ୟ ମନ୍ଦିର ଅଛି । ସେତେବେଳେ ମୋଦିଜୀ କହିଥିଲେ ଗୁଜରାଟରେ ଏମିତି ଜିଲ୍ଲା ନାହିଁ, ଯେଉଁଠି ଗୁଜରାଟର ବିକାଶ ପାଇଁ ଓଡ଼ିଆ ଲୋକମାନଙ୍କର ଝାଳ୍-ପସିନା ଲାଗିନାହିଁ । ମହାପ୍ରଭୁଙ୍କ ଆଶୀର୍ବାଦରୁ ସେ ଦେଶର ପ୍ରଧାନମନ୍ତ୍ରୀ ହେବା ୧୧ ବର୍ଷ ବିତି ସାରିଲାଣି ।

ଗତ ନିର୍ବାଚନ ପ୍ରଚାର ସମୟରେ ମୋଦିଜୀ ବାରମ୍ବାର କହୁଥିଲେ, ଓଡ଼ିଶା ଧନୀ, ମାତ୍ର ଓଡ଼ିଆମାନେ ଗରିବ । ବିଗତ ୩୦ ବର୍ଷ ଧରି ମୋର ସାମାଜିକ ରାଜନୈତିକ ଜୀବନରେ ଓଡ଼ିଶା ସଂପଦରେ ଭରପୁର ମାତ୍ର ଲୋକଙ୍କ ଗରିବ ଉପାଖ୍ୟାନ ଶୁଣି ଶୁଣି ଆସୁଛି । ଏବେ ସମୟ ଆସିଛି, ଖୋଦ୍ ମୋଦିଜୀଙ୍କ ମାର୍ଗଦର୍ଶନରେ ସମଗ୍ର ଓଡ଼ିଶାରେ ସାଧାରଣ ଗରିବ ଓଡ଼ିଆ ଲୋକଙ୍କୁ ମଧ୍ୟ ସମାନ ଭାବରେ ଆର୍ଥିକ ଦୃଷ୍ଟିରୁ ମଜଭୁତ କରିବାର ।

ମହାପ୍ରଭୁ ଆମକୁ ଅମାପ ପ୍ରାକୃତିକ ଖଣିଜ ସଂପଦ, ସୁଦୀର୍ଘ ବେଳାଭୂମି, ଜଳ ସଂପଦ, ଜଙ୍ଗଲ ସଂପଦ, ଆଦିବାସୀ ଜନସଂଖ୍ୟା ତଥା ବୁଦ୍ଧିମାନ ଓ ପରିଶ୍ରମୀ ମାନବ ସମ୍ବଳ ଦେଇଛନ୍ତି । ସମୟ ଥିଲା ଆମର ସାଧବ ପୁଅମାନେ ୧୨ ନଈ ୧୩ ସମୁଦ୍ର ଡେଇଁ ବେପାର ବଣିଜ କରୁଥିଲେ । ଓଡ଼ିଶାକୁ ଖାଲି ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଏକ ଅଗ୍ରଣୀ ଭୂଖଣ୍ଡ କରିବା ପାଇଁ ସବୁ ଉପାଦାନ ଅଛି ।

ଆଜି ମୋଦିଜୀଙ୍କ ଗରିମାମୟ ଉପସ୍ଥିତିରେ ଓଡ଼ିଶାର ୧ ବର୍ଷର ବିକାଶ ଏବଂ ୨୦୩୬ ଓ ୨୦୪୭ର ରାଜ୍ୟ ଓ ଦେଶ ବିକାଶର ଚର୍ଚ୍ଚା ହେବ । ଏପରି ସୁନ୍ଦର ମୁହୂର୍ତ୍ତରେ ବିକଶିତ ଓଡ଼ିଶା ପାଇଁ ଆମର ପ୍ରତିଟି ସଂକଳ୍ପ ମୋ ଆଖି ଆଗରେ ନାଚି ଯାଉଛି । ସମୟବଦ୍ଧ ଯୋଜନା ମାଧ୍ୟମରେ ସେ ସବୁକୁ ସଫଳତାର ରୂପ ଦେଇ ସାଧାରଣ ଓଡ଼ିଆ ପରିବାର ବିଶେଷ ଭାବରେ ମହିଳା, କୃଷକ, ଯୁବକ ଓ ଗରିବଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବା ପାଇଁ ଆମ ସରକାରଙ୍କ ସଂକଳ୍ପକୁ ଆପଣଙ୍କ ପାଖରେ ଦୋହରାଉଛି ।

ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା ଘର, ଘରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ, ଘରେ ଘରେ ସ୍ୱଚ୍ଛ ଇନ୍ଧନ । ସ୍କୁଲ, ଡାକ୍ତରଖାନାର ସୁବନ୍ଦୋବସ୍ତ । ଥାନା ତଥା ସରକାରୀ ଅଫିସମାନଙ୍କ ଦ୍ୱାରା ଲୋକଙ୍କ ସୁରକ୍ଷା ଓ ଶାନ୍ତିର ବ୍ୟବସ୍ଥା ଆମର ମୂଳ ଦାୟିତ୍ୱ । ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ଗରିବ ଓ ଆର୍ଥିକ ପଛୁଆ ଲୋକମାନଙ୍କୁ ଖାଦ୍ୟ, ଆର୍ଥିକ ସହାୟତା ଓ ମାଗଣା ସରକାରୀ ସେବା ଆମ ଗରିବ କଲ୍ୟାଣ ବିଚାରର ମୂଳ ଆଧାର ।

ନାଗରିକମାନଙ୍କର ବ୍ୟକ୍ତିଗତ ଓ ପରିବାରର ଆବଶ୍ୟକତା ପୂରଣ ଆମର ପ୍ରାଥମିକତା । କିନ୍ତୁ ରାଜ୍ୟକୁ ଆର୍ଥିକ ଦୃଷ୍ଟିରୁ ଆଗକୁ ନେବାପାଇଁ ପୁଞ୍ଜି ଆକର୍ଷଣ ମାଧ୍ୟମରେ ଶିଳ୍ପାୟନକୁ ଆମେ ପ୍ରଥମ ବର୍ଷରେ ପ୍ରାଥମିକତା ଦେଇଛୁ । ମୋଦି ଗ୍ୟାରେଣ୍ଟି ସହ ଗୋଟିଏ ବର୍ଷରେ ୧୭ ଲକ୍ଷ କୋଟିର ପୁଞ୍ଜିନିବେଶ ପାଇଁ ପ୍ରସ୍ତାବ ଆସି ଅନେକ କ୍ରିୟାନ୍ୱୟନର ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିଲାଣି । କେବଳ ଖଣି ଆଧାରିତ ପ୍ରଗତି ନୁହେଁ, ବରଂ ଆଇଟି, ଅକ୍ଷୟ ଶକ୍ତି, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଶିଳ୍ପ, ସେମି କଣ୍ଡକ୍ଟର ଆଦି କ୍ଷେତ୍ରରେ ମଧ୍ୟ ଓଡ଼ିଶା ଆଜି ଦ୍ରୁତ ପ୍ରଗତି ମୁହାଁ ।

ଓଡ଼ିଶାର ତହବିଲକୁ ଅଧିକ ଟଙ୍କା ଆସିବା ପାଇଁ ମୋଦିଜୀ ବାଟ ଖୋଲି ଦେଇଥିଲେ । ଖଣିଜ ସଂପଦରେ ପରିପୂର୍ଣ୍ଣ ଓଡ଼ିଶାର ବଜେଟ୍ ଆକାର ବୃଦ୍ଧି ପଛରେ ଥିଲା ମୋଦି ସରକାରଙ୍କ ଖଣିଜ ନୀତି । ଖଣି ନିଲାମିର ଅର୍ଥ ଏବଂ ଡିଏମ୍ଏଫ୍ ପାଣ୍ଠି ଆମ ବଜେଟ୍‌କୁ ବଡ଼ କରିଛି । ଏହା ମୋଦିଜୀଙ୍କ ଯୋଗୁ ସମ୍ଭବପର ହୋଇପାରିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଆମ ବଜେଟ୍ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାରେ ପହଞ୍ଚିଛି । ୨୦ ବର୍ଷ ପୂର୍ବେ ପୁରା ରାଜ୍ୟ ବଜେଟ୍‌ର ଆକାର ଯାହା ଥିଲା ଏବେ ଗୋଟିଏ ଗୋଟିଏ ବିଭାଗର ବଜେଟ୍ ଆକାର ସେତିକି ହେଲାଣି ।

ମାତ୍ର ରାଜ୍ୟ ଧନୀ ଏବଂ ଲୋକେ ଗରିବ । ଏ ଯନ୍ତ୍ରଣାରୁ ଆମକୁ ଉପରକୁ ଉଠିବାକୁ ପଡ଼ିବ । ଖଣି ଆଧାରିତ ଅର୍ଥନୀତି ନୁହେଁ, ବରଂ ଓଡ଼ିଆ ମହିଳା, କୃଷକ, ଯୁବକ ଓ ଗରିବମାନଙ୍କୁ କିପରି ବିକାଶ କାମରେ ସାମିଲ କରି ସେମାନଙ୍କର କ୍ରୟଶକ୍ତିକୁ ବଢ଼ାଯାଇପାରିବ ସେଥିପାଇଁ ଆମେ ଯୋଜନାବଦ୍ଧ ଭାବରେ କାମ ଆରମ୍ଭ କରିଛୁଁ ।

ଆଜି ମୋଦିଜୀଙ୍କୁ ସ୍ୱାଗତ କରିବା ଅବସରରେ ମୋର ପ୍ରିୟ ଓଡ଼ିଆ ଭାଇ ଭଉଣୀମାନଙ୍କୁ ମୁଁ ଆଶ୍ୱସ୍ତ କରିବାକୁ ଚାହୁଁଛି । ଆମ ସରକାରରେ ମନ୍ତ୍ରୀ ଠାରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଆପଣଙ୍କ ସୁଖ-ଦୁଃଖର ସାଥି ହୋଇ ରହିବେ । ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥା ସାଧାରଣ ଗରିବଙ୍କ ହିତରେ ରହିବ । ଓଡ଼ିଶା ଧନୀ ମାତ୍ର ଓଡ଼ିଆ ଗରିବ - ଏଥିରୁ ବାହାରି ପ୍ରତି ପରିବାର ପର୍ଯ୍ୟନ୍ତ ରୋଜଗାର ସୁଯୋଗ ପହଞ୍ଚାଇବା ଆମର ପ୍ରାଥମିକତା ହେବ ।

**ଜୟ ଜଗନ୍ନାଥ !**
**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ଜ୍ଞାନ ଇନ୍ଦ୍ରିୟ, କର୍ମ ଇନ୍ଦ୍ରିୟ ଓ ମନ ଇନ୍ଦ୍ରିୟର ଗୁଢ଼ତତ୍ତ୍ୱ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ମଣିଷର ମନ ଠିକ୍ ଗୋଳିଆ ପାଣି ପରି । ଏହା ଯେତେବେଳେ ଗୋଳମାଳିଆ ଥାଏ, ତାହାକୁ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିବା ଉଚିତ ନୁହଁ । ଏହି ପରିପ୍ରେକ୍ଷୀରେ ମନକୁ କିଛି ସମୟ ବିଶ୍ରାମ ଦେବା ଆବଶ୍ୟକ ଆଉ ଏହା କରିପାରିଲେ ଏହା ଆପେ ସ୍ଥିର ହେବ । ଏହାକୁ ଶାନ୍ତ କରିବା ପାଇଁ ଆଉ ଚେଷ୍ଟା କରିବାକୁ ପଡ଼ିବ ନାହିଁ । ମନ କେବଳ ଶାନ୍ତ ଥିବା ବେଳେ ହିଁ ଭଲ ଭାବେ ବିଚାର କରିହୁଏ ଏବଂ ଉଚିତ ନିଷ୍ପତ୍ତି ନେଇହୁଏ । ଏହି ମନକୁ ନେଇ ଗୋଟେ ସୁନ୍ଦର କଥା ଅଛି ଆଉ ଏହା ଗୌତମ ବୁଦ୍ଧଙ୍କ ଜୀବନ ସହ ସଂପର୍କିତ ଏକ ଘଟନା । ଦଳେ ଅନୁଗାମୀଙ୍କ ସହ ଥରେ ଗୌତମ ବୁଦ୍ଧ ଯାତ୍ରା କରୁଥିଲେ । ପଥରେ ପଡ଼ିଲା ପୁଷ୍କରିଣୀଟିଏ ଆଉ ପଥ-ପ୍ରାନ୍ତରେ ଥିବା ତରୁର ଛାୟା ବୁଦ୍ଧଙ୍କୁ ଆକର୍ଷିତ କଲା ।

ସେ କିଛି କ୍ଷଣ ସେଠାରେ ବିଶ୍ରାମ ନେବାକୁ ଇଚ୍ଛା କଲେ । ପୁଷ୍କରିଣୀରୁ ପାଣି ମୁନ୍ଦିଏ ଆଣିବା ପାଇଁ ଜଣେ ଶିଷ୍ୟଙ୍କୁ କହିଲେ । ଶିଷ୍ୟ ପାଣି ପାଇଁ ପହଞ୍ଚି ଦେଖିଲେ, କିଛି ଲୋକ ସେଠାରେ ସ୍ନାନରେ ବ୍ୟସ୍ତ । ପାଣିର ଅବସ୍ଥା ଦେଖି, ସେ ଖାଲି ହାତରେ ଫେରିଲେ ଏ ବିଷୟ ବୁଦ୍ଧଙ୍କୁ ଜଣାଇଲେ । ବୁଦ୍ଧ କହିଲେ- ବ୍ୟସ୍ତ ହେବାରେ କ'ଣ ଅଛି ? କିଛି ସମୟ ବିଶ୍ରାମ ନିଅ ତାପରେ ଯିବ । ଘଣ୍ଟାକ ପରେ ପୁନର୍ବାର ପାଣି ପାଇଁ ଶିଷ୍ୟଙ୍କୁ ପଠାଇଲେ । ଏଥର ଶିଷ୍ୟ ନିର୍ମଳ ଜଳ ସହ ଫେରିଲେ ଏବଂ ତାହା ପାନକରି, ବୁଦ୍ଧ ତୃଷ୍ଣା ମେଣ୍ଟାଇଲେ । କହିଲେ- ଦେଖିଲ, ଜଳ କିପରି ଆପେ ସ୍ୱଚ୍ଛ ହୋଇଗଲା ? ତୁମକୁ କିଛି କରିବାକୁ ପଡ଼ିଲା ନାହିଁ ! ଠିକ୍ ସେହି ପରି ଆନ୍ଦୋଳିତ ମନ ଆପେ ଶାନ୍ତ ହୋଇଥାଏ । ଏହାକୁ ଶାନ୍ତ କରିବା ପାଇଁ ଆଦୌ ବ୍ୟସ୍ତ ହେବା ଅନାବଶ୍ୟକ ।

ତେବେ ଆସନ୍ତୁ ଜାଣିବା ଏହି ମନ ଉପରେ କେତେକ ଗୁଢ଼ ତତ୍ତ୍ୱ କଥା । ମନୁଷ୍ୟର ପାଞ୍ଚଟି ଜ୍ଞାନ ଇନ୍ଦ୍ରିୟ ଏବଂ ପାଞ୍ଚଟି କର୍ମ ଇନ୍ଦ୍ରିୟ ରହିଛି । ମନ ଏକ ଇନ୍ଦ୍ରିୟ ହୋଇଥିବାରୁ ସର୍ବଦା ଇନ୍ଦ୍ରିୟମାନଙ୍କୁ ସମର୍ଥନ କରେ । ମନ ସଂଯମ ହେଲେ ଇନ୍ଦ୍ରିୟମାନେ ଶୀତଳ ହୋଇଯାଆନ୍ତି । ଶାସ୍ତ୍ରମାନଙ୍କରେ ଇନ୍ଦ୍ରିୟମାନଙ୍କର ରାଜା ହେଉଛି ମନ ଏବଂ ଚିତ୍ତବୃତ୍ତିଗୁଡିକ ହେଉଛନ୍ତି ସେମାନଙ୍କ ନେତା । ଦେଶର ରାଜା ଭଲ ବ୍ୟକ୍ତି ହୋଇଗଲେ ପ୍ରଜାମାନେ ସୁଖଶାନ୍ତିରେ ରହିବେ । ସେଥିପାଇଁ ମନୁଷ୍ୟ ମନକୁ ସଂଯମ କରିବା ନିହାତି ଦରକାର ହୋଇଥାଏ । ଯାହାଫଳରେ ସମଗ୍ର ଶରୀର ସୁସ୍ଥ ରହିଥାଏ । ମନର କାମ ହେଉଛି ତିନୋଟି ପର୍ଯ୍ୟାୟରେ ବିଭକ୍ତ । ତାହା ହେଲା ଇନ୍ଦ୍ରିୟ ଲାଳସା, କାମ ଉତ୍ତେଜନା ଓ ଧନ ସଞ୍ଚୟ ପାଇଁ ସର୍ବଦା ଲାଗିରହେ । ମନର ପ୍ରଥମ କାମ ହେଲା ବିଭିନ୍ନ ପ୍ରକାର ସୁଆଦିଆ ଖାଦ୍ୟ ଖାଇବା ପାଇଁ ମନ ସବୁବେଳେ ଆଗ୍ରହ ପ୍ରକାଶ କରେ । ବେଳେବେଳେ ଆବଶ୍ୟକ ଠାରୁ ଅଧିକ ଖାଇ ଶରୀରକୁ ରୋଗୀ କରି ଛଟ-ପଟ ହୁଏ । ମନର ଦ୍ୱିତୀୟ କାମ ହେଲା କାମସେବନ । ମନ କାମସେବନ ପାଇଁ ଇନ୍ଦ୍ର ଭୁବନ ତିଆରି କରେ । ମନୁଷ୍ୟ କାମୁକ ହୋଇଗଲେ ଶରୀର ଦୁର୍ବଳ ହୋଇ ରୋଗ ମାଡ଼ିବସେ । ସେଥିପାଇଁ ରାମକୃଷ୍ଣ ପରମହଂସ କହିଛନ୍ତି ଯୋଗମାର୍ଗରେ ଯାଉଥିବା ସାଧକମାନେ କାମିନୀ ଓ କାଞ୍ଚନ ଠାରୁ ଦୂରେଇ ରହିବା ଉଚିତ । ମନର ତୃତୀୟ କାମ ହେଉଛି ଅଧିକ ଧନ ସଞ୍ଚୟ କରି ବଡ଼ଲୋକିଆ ଦେଖାଇ ଗର୍ବ ଅହଂକାର କରିବା ।

ଆଜିର ପରିସ୍ଥିତିରେ ଅଧିକାଂଶ ଲୋକ ମନ ମୁତାବକ କାମକରି ଦୁଃଖ-କଷ୍ଟ ଭୋଗକରି ରୋଗରେ ପଡ଼ି ଛଟପଟ ହେଉଛନ୍ତି । ମନୁଷ୍ୟ ଶରୀରକୁ ସବୁକିଛି ମନେକରି ଆତ୍ମଜ୍ଞାନ ଭୁଲି ବିପଦରେ ପଡୁଛି । ସେଥିପାଇଁ ମନୁଷ୍ୟ ସାଧନା ମାର୍ଗରେ ଯାଇ ଇନ୍ଦ୍ରିୟ ସଂଯମ କରିବା ଉଚିତ । ଜଣେ ଉତ୍ତମ ବ୍ୟକ୍ତିର ପ୍ରଥମ କାମ ହେଲା ସରଳ, ସୁପାଚ୍ୟ, ସାତ୍ତ୍ୱିକ, ପୋଷଣଯୁକ୍ତ ନିରାମିଷ ଭୋଜନ କରିବା ଉଚିତ । କାରଣ ଅନ୍ନ ଅନୁସାରେ ମନର ଗଠନ ହୋଇଥାଏ । ମନକୁ ସଂଯମ କରିବା ପାଇଁ ଜପ-ଧ୍ୟାନ ଓ ଆସନ-ପ୍ରାଣାୟାମ କରିବାକୁ ପଡ଼େ । ମନ ଏକାଗ୍ର ହୋଇଗଲେ ମନୁଷ୍ୟକୁ ଶାନ୍ତି ମିଳିଥାଏ । ମନ ଅଶାନ୍ତ ରହିଲେ ନର୍କକୁଣ୍ଡରେ ପକାଇ ଛଟପଟ କରିବ । ସବୁକିଛି ହେଉଛି ମନର ଖେଳ । ଦ୍ୱିତୀୟ ଇନ୍ଦ୍ରିୟ ହେଲା ବ୍ରହ୍ମଚର୍ଯ୍ୟ । ମନୁଷ୍ୟ ବ୍ରହ୍ମଚର୍ଯ୍ୟ ପାଳନ ନ କଲେ ସାଧନା ମାର୍ଗରେ ଯାଇ ବିଫଳତା ଲାଭ କରିବ । ମନୁଷ୍ୟ ଯାହା ଭୋଜନ କରେ ଶରୀର ଭିତରେ ରସ, ରକ୍ତ ଓ ହାଡ଼ମାଂସ ତିଆରି ହୋଇ ଶେଷ ୪୦ ଦିନ ପରେ ଶୁକ୍ର ବା ବ୍ରହ୍ମଚର୍ଯ୍ୟ ତିଆରି ହୁଏ । ମନୁଷ୍ୟ ବ୍ରହ୍ମଚର୍ଯ୍ୟ ହେଲେ ମାନସିକ ଶାନ୍ତି ଏବଂ ଶାରୀରିକ ସୁଖ ଅନୁଭବ କରିବ । ମୁଖମଣ୍ଡଳ ତେଜିୟାନ ଦେଖାଯିବ । ଶରୀରରୁ ରୋଗ ଚାଲିଯିବ । ଆତ୍ମବଳ ବଢ଼ି ଯେଉଁ କାମରେ ହାତ ଦେବ ତାହାକୁ ସଫଳ ହେବ ।

ବର୍ତ୍ତମାନ ସମୟରେ ଧନ-ରତ୍ନ ବହୁତ ବଢ଼ିଯାଇଛି ଏବଂ ଅଧିକାଂଶ ଲୋକ ଭଲ ରୋଜଗାର ମଧ୍ୟ କରୁଛନ୍ତି କିନ୍ତୁ ସେମାନଙ୍କୁ ସନ୍ତୋଷ ମିଳୁନାହିଁ । କାରଣ ସେମାନେ ମାନସିକ ରୋଗରେ ଆକ୍ରାନ୍ତ ହୋଇ ପାଗଳାମିର ଲକ୍ଷଣ ଦେଖାଉଛନ୍ତି । ନିଜକୁ ଅସହାୟ ମନେକରି ଜୀବନ କାଟୁଛନ୍ତି । ମନୁଷ୍ୟର ମସ୍ତିଷ୍କ ହେଉଛି ସବୁଠାରୁ ଶ୍ରେଷ୍ଠ । ଆଜି କେତେକ ଲୋକ ଅପରାଧ ମନୋବୃତ୍ତି ରଖି କାମୁକ ସ୍ୱଭାବର ହୋଇ ଭୟ ଓ ନିରାଶା ଜୀବନ ବିତାଉଛନ୍ତି । ସେଥିପାଇଁ ମନ ଓ ଶରୀରକୁ ପବିତ୍ର କରିବା ଉଚିତ । ସେଥିପାଇଁ କୁହାଯାଏ ମନୁଷ୍ୟର ବୁଦ୍ଧି, ବିବେକ ଓ ଜ୍ଞାନ ଆସିଗଲେ, ସେ ଆତ୍ମସନ୍ତୋଷ ଓ ଜନ ସମ୍ମାନ ଲାଭ କରେ । ଇନ୍ଦ୍ରିୟରୂପୀ ଅଶ୍ୱମାନଙ୍କୁ ଯେଉଁ ଜୀବ ନିଜର ଚଞ୍ଚଳ ମନର ଲଗାମରେ ବାନ୍ଧି ପାରେନା, ସେ ଜୀବର ଜୀବନ ବିକାରଗ୍ରସ୍ତ ହୋଇ ମାୟାରେ ଛନ୍ଦି ହୁଏ । ମାୟାର ପ୍ରଭାବ ଓ ନିଜ ବିକାରଗ୍ରସ୍ତ କର୍ମ ଦ୍ୱାରା ସେ ସଂସାରରେ ଦୁଃଖ ଓ ଅଶାନ୍ତି ଭୋଗ କରେ । ନିଜକୁ କର୍ତ୍ତା ବା ଭୋକ୍ତାର ଅହଂକାର ନେଇ, ନିଜର ହିଁ କ୍ଷତି ସାଧନ କରେ, ଏ ଜଗତରେ ହୁଏ ଘୃଣ୍ୟ, କାରଣ ସେ ହୋଇଯାଏ ସ୍ୱେଚ୍ଛାଚାରୀ, ଗର୍ବୀ, ଅହଙ୍କାରୀ, ବିନାଶ ପଥର ଯାତ୍ରୀ । ସେଥିପାଇଁ ନିଜକୁ ଭୋକ୍ତା ନ କରି ଭୋଗ୍ୟ କରି ଦେବା ଉଚିତ । ଏହା ହୋଇପାରିଲେ ମନରେ ବିରାଜମାନ ହେବ ଶାନ୍ତି, ନିର୍ଭୀକତା, ନିଃସ୍ୱାର୍ଥପରତା, ନିର୍ମଳ ଭାବ ଉତ୍ତମ ବିଚାରବୁଦ୍ଧି, ସର୍ବୋପରି ଧାର୍ମିକ ଚେତନା ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋ- ୯୯୩୮୯୦୬୦୭୦**

# ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି...

ଜନତା ମୈଦାନରୁ ବିଶାଳ ରୋଡ ଶୋ ହେବ। ପାଖା ପାଖି ଲକ୍ଷ ଜନସମାଗମ ହେବାର ଆଶା ରଖାଯାଇଛି। ବିମାନବନ୍ଦରରୁ ଜନତା ମୈଦାନ ଭିତରେ ୨୮ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତ ଲାଗି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେବ। ଜନତା ମୈଦାନରେ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ କାର୍ଡ ବାଣ୍ଟିବା ସହ ମୁଖ୍ୟମନ୍ତ୍ରୀ ଅନ୍ତୋଦୟରେ ଘର ବାଣ୍ଟିବେ। ଏତଦଭିନ୍ନ ଲକ୍ଷପତି ଦିଦିମାନେ ମଧ୍ୟ ସାକ୍ଷାତ କରିବେ। ପ୍ରଧାନମନ୍ତ୍ରୀ ଉଦଘାଟନ ଓ ଶିଳାନ୍ୟାସ କରିବା ପ୍ରକଳ୍ପ ମଧ୍ୟରେ ପାନୀୟ ଜଳ, ଜଳସେଚନ, କୃଷି ଭିତ୍ତିଭୂମି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମୀଣ ରାସ୍ତା ଓ ସେତୁ, ଜାତୀୟ ରାଜପଥ ରହିଛି। ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ପ୍ରଧାନମନ୍ତ୍ରୀ ପ୍ରକାଶ କରିବେ। ୨୦୪୭ର ଐତିହାସିକ ବର୍ଷଗୁଡ଼ିକ ଉପରେ ଆଧାରିତ ଦୃଷ୍ଟିକୋଣ ଓ ମହତ୍ୱାକାଂକ୍ଷି ଓ ଭବିଷ୍ୟତ ନିମନ୍ତେ ରୋଡମ୍ୟାପର ରୂପରେଖ ପ୍ରସ୍ତୁତ କରିବେ। ବିଶିଷ୍ଟ ଓଡ଼ିଆମାନଙ୍କ ଅବଦାନକୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ବରପୁତ୍ର ଐତିହ୍ୟ ଗ୍ରାମ୍ୟ ଯୋଜନା ପଦକ୍ଷେପ ଆରମ୍ଭ କରିବେ। ଏହା ସାଂସ୍କୃତିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ଐତିହ୍ୟକୁ ସମ୍ମାନିତ କରିବ। ସାର୍ବଜନିନ ସ୍ଥାନ ମାଧ୍ୟମରେ ମହାପୁରୁଷଙ୍କ ଜନ୍ମ ସ୍ଥାନକୁ ଜୀବନ୍ତ ସ୍ମାରକୀରେ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି। ରେଳବାଇ ପକ୍ଷରୁ ୧୩୭୬ କୋଟି ବ୍ୟୟରେ ନିର୍ମିତ ସୋନପୁର-ପୁରୁଣା କଟକ ନୂତନ ରେଳପଥର ଉଦଘାଟନ କରିବେ। ସୋନପୁର-ପୁରୁଣା କଟକ ଷ୍ଟେସନରେ ପ୍ରଥମଥର ଲାଗି ବୌଦ୍ଧ ଜିଲ୍ଲା ମୁଖ୍ୟାଳୟରେ ରେଳ ନେଟୱାର୍କ ପହଞ୍ଚିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସରଳା-ଶାସନ ମଧ୍ୟରେ ତୃତୀୟ ଓ ଚତୁର୍ଥ ରେଳଧାରଣାର ଶିଳାନ୍ୟାସ କରିବେ। ଓଡ଼ିଶାବାସୀଙ୍କ ପାଇଁ ନୂତନ ରେଳସେବାର ଶୁଭାରମ୍ଭ କରାଯିବ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଦୃଷ୍ଟିରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ୧୩୩ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ହେବା ସହ ୫୦୦ରୁ ଅଧିକ ଅଫିସର ସୁରକ୍ଷା ଦାୟିତ୍ୱରେ ରହିବେ। ୨୦ ଅତିରିକ୍ତ ଡିସିପି, ଆଇଜି ଓ ଆଡିସନାଲ ଡିଜି ଅଫିସର ଦାୟିତ୍ୱରେ ଅଛନ୍ତି। ଏୟାର ପୋର୍ଟରୁ ଜନତା ମୈଦାନ ପର୍ଯ୍ୟନ୍ତ ଟ୍ରାଫିକ୍ ବ୍ୟବସ୍ଥା, ଭିଡ ପରିଚାଳନା ଆତଙ୍କବାଦ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ବ୍ୟବସ୍ଥା ହୋଇଛି। ବର୍ଷାକୁ ଦୃଷ୍ଟିରେ ରଖି ଅଗ୍ନିସମ ଓ ଓଡ୍ରାଫ ଟିମ୍ ମୁତୟନ ହୋଇଛନ୍ତି। ଟ୍ରାଫିକ୍ ମାର୍ଗଦର୍ଶିକା ମଧ୍ୟ ଜାରି କରାଯିବା ସହ ରୋକ ଲଗାଯାଇଛି। ଆସନ୍ତାକାଲି ଅପରାହ୍ନ ୩.୪୫ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ୪.୧୫ରେ ଜନତା ମୈଦାନରେ ପହଞ୍ଚି ଶିଳାନ୍ୟାସ ଏବଂ ଲୋକାର୍ପଣ ସହ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିବେ।

## ତ୍ରୁଟିଶୂନ୍ୟ...

ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହବିଭାଗ ଏସିଏସ୍ ସତ୍ୟବ୍ରତ ସାହୁ, ଡିଜିପି ୱାଇବି ଖୁରାନିଆ, ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ଅନ୍ୟ ବରିଷ୍ଠ ମାନେ ଉପସ୍ଥିତ ଥିଲେ।

## ସତର୍କ...

ରାସ୍ତାକଡ ଦୋକାନ, ଢାବାର ଖାଦ୍ୟ ପରୀକ୍ଷା ଓ ଚଢ଼ାଉ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ବୈଠକରେ ମନ୍ତ୍ରୀ ଡକ୍ଟର ଶ୍ରୀ ମହାଲିଙ୍ଗ ରାଜ୍ୟର ୭ଟି ଜିଲ୍ଲାର ଡାଇରିଆ ମୁକାବିଲାର ସ୍ଥିତି ଓ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ପାନୀୟ ଜଳ ସ୍ରୋତଗୁଡ଼ିକର ବିଶୋଧନ, ଦୂଷିତ ଜଳସ୍ରୋତରୁ ଡାକ୍ତରଖାନା ମଧ୍ୟରେ ସମନ୍ୱୟ ରକ୍ଷା କରି ଚିକିତ୍ସା ସେବା ଯୋଗାଇବା, ପରିମଳ ବ୍ୟବସ୍ଥା, ଖାଦ୍ୟ ନିରାପତ୍ତା, ସଂକ୍ରମିତ ଜଳଉତ୍ସ ଚିହ୍ନଟ ଓ ବିଭାଗୀୟ ସମନ୍ୱୟ ବିଷୟରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଏହା ସହ ଡାଇରିଆ ଜନିତ ଜନସଚେତନତା ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ ସୂଚନା, ଶିକ୍ଷା, ସଞ୍ଚାର ମାଧ୍ୟମରେ ଫୁଟା ପାଣି ପିଇବା, ହାଲୋଜେନ ବଟିକା ପକାଇ ଅଧଘଣ୍ଟା ପରେ ପିଇବା ପାଣି ବ୍ୟବହାର, ଖାଦ୍ୟ ପ୍ରସ୍ତୁତି ଓ ଖାଇବା ପୂର୍ବରୁ ଏବଂ ଶୌଚ ହେବା ପରେ ସାବୁନରେ ଭଲଭାବେ ହାତ ଧୋଇବା, ଝାଡାବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓଆରଏସ୍ ଦ୍ରବଣ ପିଇବା ଓ ବିଳମ୍ବ ନକରି ଡାକ୍ତରଖାନା ଯିବା ଆଦି ବିଷୟରେ ଲୋକଙ୍କୁ ଦୂଷିତଜଳସ୍ରୋତ ଅବଗତ କରାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଗୁରୁବାର କଟକ, ଯାଜପୁର ଓ ଭଦ୍ରକ ଜିଲ୍ଲାର ତିନୋଟି କେନ୍ଦ୍ରରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ମିଳିତ ବିଶେଷଜ୍ଞ ଦଳ ପହଞ୍ଚି ଡାଇରିଆ ମୁକାବିଲାର ସ୍ଥିତି ଉପରେ ସମୀକ୍ଷା କରିଛନ୍ତି। ଯାଜପୁର ଜିଲ୍ଲା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ର, କେନ୍ଦ୍ରୀୟ ଟିମର ଡକ୍ଟର ଏନ ସୋମାଲକର ଓ ଭାରତୀୟ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ନିର୍ଦ୍ଦେଶକ ଡକ୍ଟର ଗୀତାଞ୍ଜଳୀ ରହିଛନ୍ତି। କଟକ ଜିଲ୍ଲା ପାଇଁ କେନ୍ଦ୍ରୀୟ ଟିମର ଡକ୍ଟର ସି ଦ୍ୱିବେଦୀ ଓ ଡକ୍ଟର ଏସ ମହାନ୍ତି ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ(ଜନସ୍ୱାସ୍ଥ୍ୟ) ସଦସ୍ୟ ଭାବରେ ରହିଛନ୍ତି। ଭଦ୍ରକ ଜିଲ୍ଲାରେ ଡକ୍ଟର ପି ଘୋଷ ଓ ଡକ୍ଟର ଜି ଚୌଧୁରୀ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଶୁଭାଶିଷ ମହାନ୍ତି ସ୍ଥିତି ସମୀକ୍ଷା କରିଛନ୍ତି। ଏହି ଟିମ ମାନେ ସମ୍ପୃକ୍ତ ଜିଲ୍ଲାମାନଙ୍କରେ ଡାଇରିଆ ମୁକାବିଲା ଓ ନିରାକରଣ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଅନୁଧ୍ୟାନ କରିଛନ୍ତି। କ୍ଷେତ୍ର ପରିଦର୍ଶନ ପରେ ଏହି ମିଳିତ ବିଶେଷଜ୍ଞ ଟିମଗୁଡ଼ିକ ସମ୍ପୃକ୍ତ ଜିଲ୍ଲାରେ ଗତକାଲି ଗଠନ ହୋଇଥିବା କୋର କମିଟି ସହ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି।

ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍ କହିଥିଲେ, ମିଶନଶକ୍ତି ବିଭାଗ ପକ୍ଷରୁ ଡାଇରିଆ ନିବାରଣ ପାଇଁ ମହିଳା ସ୍ୱୟଂସହାୟକ ସଦସ୍ୟଙ୍କ ମାଧ୍ୟମରେ ସଚେତନତା ଅଭିଯାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଭିଯାନ ଆସନ୍ତା ୮ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ। ମହିଳା ଏସଏଚଜି ସଦସ୍ୟା ସମସ୍ତ ପରିବାରଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବେ। ସେମାନେ ସଚେତନତା ସାମଗ୍ରୀ ଆଇଇସି ସାମଗ୍ରୀ ବଣ୍ଟନ କରିବେ ଏବଂ ଗ୍ରାମର ପ୍ରମୁଖ ସ୍ଥାନରେ ବୈଠକ ଆୟୋଜନ କରି ପରିମଳ ଓ ସ୍ୱଚ୍ଛତା ବାର୍ତ୍ତା ସହ ଡାଇରିଆ ବିଷୟରେ ଆବଶ୍ୟକୀୟ ସମସ୍ତ ତଥ୍ୟ ପ୍ରଦାନ କରିବେ।

ରାଜ୍ୟରେ ସମସ୍ତ ପାନୀୟ ଜଳ ସ୍ରୋତକୁ ପରୀକ୍ଷା କରାଯାଉଛି। ଯେଉଁ ସ୍ରୋତରେ ବାରମ୍ବାର ସଂକ୍ରମଣ ରହୁଛି, ସେଭଳି କୂଅ ଓ ନଳକୂଅକୁ ସିଲ୍ କରି ଦିଆଯାଉଛି। ଗ୍ରାମାଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଆଶା ଓ ଅଙ୍ଗନବାଡି ଦିଦିମାନେ ଜଳ ବିଶୋଧନ ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖୁଛନ୍ତି। ଆଗାମୀ ରଥଯାତ୍ରାକୁ ଧ୍ୟାନରେ ରଖି ପୁରୀ ମ୍ୟୁନିସିପାଲିଟି ଅଞ୍ଚଳ ଏବଂ ୱାଟକୋ ନିର୍ଦ୍ଦେଶକୁ ନିମାପଡ଼ା, ପିପିଲି ଓ କୋଣାର୍କ ପରି ନିକଟସ୍ଥ ପୌର ପରିଷଦଗୁଡ଼ିକରେ ହଇଜା ନିୟନ୍ତ୍ରଣ ନିମନ୍ତେ ୱାଟକୋ ନିର୍ଦ୍ଦେଶକୁ ପୁରୀଠାରେ ଅବସ୍ଥାପିତ କରାଯାଇଛି।

ଏଭଳି ପରିସ୍ଥିତିରେ ସମସ୍ତ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଲୋକଙ୍କ ସେବାରେ ସଦାସର୍ବଦା ସମର୍ପିତ ରହିବାକୁ ଗୁରୁତ୍ୱ ଦିଅନ୍ତୁ। ଆକ୍ରାନ୍ତ ବିଦ୍ୟାଳ୍ୟ, ଶିଶୁ, ମହିଳା ଓ ବରିଷ୍ଠ ନାଗରିକଙ୍କ ଚିକିତ୍ସା ପ୍ରତି ସ୍ୱତନ୍ତ୍ର ଧ୍ୟାନଦେବାକୁ ପରାମର୍ଶ ଦିଆଯାଇଛି। ସରକାର ସବୁ ଦିଗରୁ ଏହି ପରିସ୍ଥିତିର ମୁକାବିଲା ଓ ଲୋକଙ୍କ ନିରାପଦ ସ୍ୱାସ୍ଥ୍ୟ ପ୍ରତି ସମର୍ପିତ ଥିବା ନେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଥିଲେ। ରାଜ୍ୟସାରା ଖାଦ୍ୟ ନିରାପତ୍ତା ଓ ଜଳ ନିରାପତ୍ତାକୁ ସର୍ବାଧିକ ପ୍ରାଧାନ୍ୟ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

## ସୁରକ୍ଷିତ...

ପୂର୍ବାହ୍ନରେ ଉପ ମୁଖ୍ୟମନ୍ତ୍ରୀ ତଥା ରଥଯାତ୍ରା ଉଚ୍ଚ ସ୍ତରୀୟ ମନ୍ତ୍ରୀ କମିଟିର ଅଧ୍ୟକ୍ଷ ପ୍ରଭାତୀ ପରିଡା ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରମୁଖ ପହଞ୍ଚି ଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ବିଶଦ ଭାବେ ଅବଗତ କରାଇଥିଲେ। ଏହା ପରେ ସମସ୍ତ ମନ୍ତ୍ରୀମାନଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ରଥ ଖଳା ପରିଦର୍ଶନ କରି ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହା ପରେ ସିଂହ ଦ୍ୱାର ଓ ଶ୍ରୀମନ୍ଦିର ପରିଦର୍ଶନ କରିବା ସହ ଅତିଥି ମାନଙ୍କ ବସିବା ବ୍ୟବସ୍ଥାକୁ ତଦାରଖ କରିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆୟୋଜିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରି ରଥଯାତ୍ରା ନୀତି କାନ୍ତି ସମ୍ପର୍କରେ ସୂଚନା ଦେବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ନୀତି ସମ୍ପର୍ଣ୍ଣ ପାଇଁ ସେବାୟତ ମାନଙ୍କ ସହ ଆଲୋଚନା ହୋଇଥିବା ନେଇ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ି ମହାପାତ୍ର ସ୍ୱଚ୍ଛତା, ଡ୍ରେନ ସଫା,ଆଲୋକ ବ୍ୟବସ୍ଥା ସମ୍ପର୍କରେ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନା ପରିବହନ ବ୍ୟବସ୍ଥା, ପାର୍କିଂ ସ୍ଥଳ,୨୦୦ ଅଟୋ ମାଧ୍ୟମରେ ମାଗଣାରେ ଯାତ୍ରୀ ପରିବହନ ବ୍ୟବସ୍ଥା ଓ ଯାତ୍ରୀ ମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସମସ୍ତଙ୍କୁ ଖଣ୍ଡୁଆ ପାଟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ପରେ ଉଚ୍ଚ ସ୍ତରୀୟ ମନ୍ତ୍ରୀ ମାନେ ପୁରୀ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ସହ ବିଭିନ୍ନ ପରାମର୍ଶ ମାନ ଦେଇଥିଲେ। ଶେଷରେ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିଥିଲେ। ଅପରାହ୍ନରେ ସର୍କିଟ ହାଉସ ଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥା କୁ ଅଧିକ ସୁଦୃଢ଼ କରିବା, ସୂଚନା କେନ୍ଦ୍ର ଗୁଡ଼ିକ ସଠିକ ପରିଚାଳନା କରିବା, ଯାତ୍ରୀ ମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା,ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସ୍ତା ମରାମତି, ସୁରକ୍ଷା ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଦୂରଦର୍ଶନ ମାଧ୍ୟମରେ ରଥଯାତ୍ରା ର ସିଧା ପ୍ରସାରଣ ଇତ୍ୟାଦି ସମ୍ପର୍କରେ ବିଶଦ ସମୀକ୍ଷା କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରଥ ନିର୍ମାଣ କାର୍ଯ୍ୟ ବେଶ ଅଗ୍ରଗତି କରିଛି ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ସରିବାର ଆଶା ରହିଛି। ସେହିପରି ଅନ୍ୟାନ୍ୟ କାର୍ଯ୍ୟକୁ ପ୍ରଶାସନ ତ୍ୱରାନ୍ୱିତ କରିଛି। ମହାପ୍ରଭୁଙ୍କ ରଥଯାତ୍ରା ମହାପ୍ରଭୁ ନିଜେ କରାନ୍ତି। ଆମେ ସମସ୍ତଙ୍କ ସହଯୋଗ ଓ ସମନ୍ୱୟ ରେ ଚଳିତ ରଥଯାତ୍ରା ଶୃଙ୍ଖଳିତ ହେବ ଓ ସମସ୍ତ ଶ୍ରଦ୍ଧାଳୁ ମାନେ ଅତିଥି ଦେବୋ ଭବର ପରମ୍ପରା ରେ ଏକ ସୁଖଦ ଅନୁଭୂତି ନେଇ ଘରକୁ ଫେରିବେ ବୋଲି ଉପ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଏହି ସମୀକ୍ଷାରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଦୟାଳ ଗଙ୍ଗୱାର, ଗୁଇନା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ବିଭାଗ ପ୍ରମୁଖ ସଚିବ ମାନବ ରଞ୍ଜନ ବାରିକ,କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ଆଇଜି ଟ୍ରେନିଂ ଅନୁପ କୁମାର ସାହୁ, ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡକ୍ଟର ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟଅଧିକାରୀ ମାନେ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।

## ଦୁର୍ଘଟଣାଗ୍ରସ୍ତ...

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାର ୨୮ ଘଣ୍ଟା ପରେ ଏହି ବ୍ଲାକବକ୍ସ ମିଳିଥିଲା। ଏଥିରେ ଥିବା ସିଭିଆର୍ ୨୫ ଘଣ୍ଟା ଯାଏ କକପିଟରେ ହୋଇଥିବା ବାର୍ତ୍ତାଳାପ ଶବ୍ଦ, ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ହୋଇଥିବା ରେଡ଼ିଓ କଲ୍ ରେକର୍ଡ କରିଥାଏ। ଦୁଇଘଣ୍ଟା ପର୍ଯ୍ୟନ୍ତ ବାର୍ତ୍ତାଳାପ ରେକର୍ଡ କରିବାର ଦକ୍ଷତା ରହିଛି। ସେହିଭଳି ଏଫ୍ଡିଆରରେ ବାୟୁର ବେଗ, ଉଚ୍ଚତା, ଅକ୍ସିଲରେସନ, ସର୍ଫେସ ମୁଭମେଣ୍ଟ ଆଦି ରେକର୍ଡ ହୋଇଥାଏ। ବେସାମରିକ ବିମାନ ମନ୍ତ୍ରଣାଳୟ ଅନୁଯାୟୀ ୧ଟା ୩୯ ମିନିଟରେ ବିମାନଟି ରନ୍ୱେ ୨୩ରେ ଉଡାଣ ଭରିଥିଲା। ୬୦୦ଫୁଟ ଉପରକୁ ଯିବାପରେ ଇଞ୍ଜିନରୁ ଶକ୍ତି ନ ମିଳିବାରୁ ଏହା ଖସିବା ଆରମ୍ଭ କରିଥିଲା। ୩୬ ସେକେଣ୍ଡ ମଧ୍ୟରେ ଏଭଳି ଘଟଣା ଘଟିଯାଇଥିଲା। ଅହମ୍ମଦାବାଦ ଏଟିସି ପକ୍ଷରୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ବି ରେଡିଓ ସାଇଲେଣ୍ଟ ରହିଥିଲା। ଏହାପରେ ବିମାନଟି ବିମାନବନ୍ଦର ନିକଟରେ ଥିବା ବିଜେ ମେଡିକାଲ କଲେଜ ହଷ୍ଟେଲରେ ମାଡ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ପୂର୍ବତନ...

ଦିଆଯାଉନଥିଲା। ତେବେ ଯାଞ୍ଚବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାପଡିଛି। ଏହି ଖୋଳତାଡ ୨ରୁ ୩ ଦିନ ଲାଗି ରହିବ ବୋଲି ଆଶଙ୍କା କରାଯାଉଛି। ଅନ୍ୟପଟେ ନବ ଦାସଙ୍କ କୋଇଲା ଓ ପାଉଁଶ କାରବାର ରହିଛି। କୋଟିକୋଟି ଟଙ୍କାର କାରବାର ହେଉଥିବା ବେଳେ ଅନେକ ବ୍ୟବସାୟିକ ସହଯୋଗୀ ଅଛନ୍ତି। ଏଭଳିସ୍ଥଳେ ସୁନ୍ଦରଗଡର ସଞ୍ଜୟ ନନ୍ଦଙ୍କ ଘର ଓ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ମଧ୍ୟ ଚଢଉ କରାଯାଇଥିବା ସୂଚନା ମିଳିଛି।

ଚଳିତବର୍ଷ ନବ ଦାସଙ୍କ ଭାଇ ବ୍ରଜ ଦାସଙ୍କ ସମ୍ବଲପୁର ଘରେ ଆୟକର ବିଭାଗ ପକ୍ଷରୁ ପୂର୍ବରୁ ଚଢଉ କରାଯାଇଥିଲା। ଭୁବନେଶ୍ୱର ଓ ଛତିଶଗଡର ଟିମ୍ ଆସି ଚଢଉ କରିଥିଲେ। ତେବେ ଚଢଉ ବେଳେ ବ୍ରଜଙ୍କ ଘରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଏକାଧିକ ବିଳାସପୂର୍ଣ୍ଣ କାର ମିଳିଥିଲା। ଏହାର କିଛି ମାସ ପରେ ସ୍ୱର୍ଗତ ନବ ଦାସଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ଭାଇ ବିଶାଳ ଦାସଙ୍କ ପିଏ ଆଶିଷ ଦାସଙ୍କ ଘରେ ମଧ୍ୟ ଆୟକର ବିଭାଗ ଚଢଉ କରିଥିଲା। ଏଥିସହ ଆୟକର ବିଭାଗର ଅଧିକାରୀ ମାନେ ବିଶାଳ ଦାସଙ୍କୁ ଝାରସୁଗୁଡାର ଏକ ହୋଟେଲରେ ଦୀର୍ଘ ୪ଘଣ୍ଟା କାଳ ଜେରା କରିଥିଲେ। ୨୦୨୧ରୁ ୨୦୨୩ ମଧ୍ୟରେ କାଗଜପତ୍ରରେ ନାମକୁ ମାତ୍ର ୧୧ଟି କମ୍ପାନୀ ଖୋଲି କୋଟିକୋଟି ଟଙ୍କା ଠକେଇ କରିଥିବା ମଧ୍ୟ ଅଭିଯୋଗର ଆୟକର ବିଭାଗ ଚଢଉ ବେଳେ ଯାଞ୍ଚ କରୁଥିବା ଜଣାପଡିଛି। ତେବେ ଠକେଇର ଚେର ବହୁ ଲମ୍ବା ହୋଇଥିବାରୁ ଏହି ଚଢଉ ଜାରି ରହିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏନେଇ ଆୟକର ବିଭାଗ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ।

# ଜିଲ୍ଲାର ୨୩ କନଷ୍ଟେବଲଙ୍କୁ ପଦୋନ୍ନତି

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଦ୍ରକ ଜିଲ୍ଲାରେ କାର୍ଯ୍ୟରତ ୨୩ କନେଷ୍ଟବଲଙ୍କୁ ସହକାରୀ ସବଇନିସକେପଟର ପଦବୀକୁ ପଦୋନ୍ନତି ମିଳିଛି। ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ଗତ ୧୬ ତାରିଖରେ ପ୍ରକାଶିତ ୮୧୭ ନଂ ବିଜ୍ଞପ୍ତି ଅନୁଯାୟୀ ବିଭିନ୍ନ ଥାନା ଓ ଅନ୍ୟାନ୍ୟ ଦପ୍ତରରେ କାର୍ଯ୍ୟରତ କନେଷ୍ଟବଲଙ୍କୁ ଏତିପାଇଁ ଗୁରୁବାର ମେଡିକାଲ ପରୀକ୍ଷାର ସମ୍ମୁଖିନ ପାଇଁ ଆଦେଶ ହୋଇଛି। ପଦୋନ୍ନତି ପାଇଥିବା କନେଷ୍ଟବଳମାନେ ହେଲେ ତୁଷାରକାନ୍ତ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରଭୁରଞ୍ଜନ ନାୟକ, ଶିବାନନ୍ଦ ନାୟକ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଶ୍ରଦ୍ଧାଞ୍ଜଳୀ ରାଉତ, ସ୍ମୃତିରଞ୍ଜନ ମହାପାତ୍ର, ସୁରେଶ ଚନ୍ଦ୍ର ପରିଡା, ନିଶିକାନ୍ତ ବାରିକ, ଅଜୟ କୁମାର ସାହୁ, କୃଷ୍ଣଚନ୍ଦ୍ର ମହାରଣା, ଲକ୍ଷ୍ମୀକାନ୍ତ ଉପାଧ୍ୟାୟ, ବୈଲୋଚନ ଭୋଇ, ମିତାସ୍ମିତା ପରିଡା, ଚନ୍ଦନ କୁମାର ନାୟକ, ନିରାକାର ବିଶ୍ୱାଳ, ରାଜେନ୍ଦ୍ର କୁମାର ସାହୁ, ପ୍ରତାପ ଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ମଲ୍ଲିକ, ବଟକୃଷ୍ଣ ନାୟକ, ସୁରେଶ ଚନ୍ଦ୍ର ମହାନ୍ତି, ବିଶ୍ୱରଞ୍ଜନ ମଲ୍ଲିକ ଓ ରଞ୍ଜନ କୁମାର ସ୍ୱାଇଁ। ଏହି ପଦୋନ୍ନତି ପାଇଁ ଅନିଚ୍ଛୁକ କନେଷ୍ଟବଳମାନେ ମଙ୍ଗଳବାର ସୁଦ୍ଧା ବିଧିବଦ୍ଧ ଭାବେ ଜଣାଇବାକୁ ମଧ୍ୟ ବିଜ୍ଞପ୍ତିରେ କୁହାଯାଇଛି।

# ନିଟ୍‌ରେ ସଫଳତା ପାଇଲେ ଭୋଗରାଇର ୪ ଛାତ୍ରଛାତ୍ରୀ

ଭୋଗରାଇ, (ସବ୍ୟୁ) : ସର୍ବଭାରତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା ନିଟ୍‌ୟୁଜିରେ ବାଲେଶ୍ୱରଜିଲ୍ଲା ଭୋଗରାଇ ବ୍ଲକର ୪ ଛାତ୍ରୀଛାତ୍ର ସଫଳତା ହାସଲ କରିଥିବାର ସୂଚନା ମିଳିଛ। ଏହି ବ୍ଲକ ଗୋବିନ୍ଦପୁର ଗ୍ରାମର ସଙ୍ଗୀତା ବାରିକ ଓ ଅଶ୍ୱନୀ ବାରିକଙ୍କ କନ୍ୟା ମୋନାଲିସା ବାରିକ ୭୨୦ ମାର୍କରୁ ୫୬୨ ମାର୍କ ପାଇଥିବାବେଳେ, ଗୋପାଳପୁର ଗ୍ରାମର ନମିତାପାତ୍ର ଓ ଅଜୟ ପାତ୍ରଙ୍କ ପୁଅ ଅଭିନବ ପାତ୍ର ୫ ୫୪ ମାର୍କ , ଚଣ୍ଡୀପୁର ଗ୍ରାମର ସବିତା ସେନାପତି ଓ ଅଧୀର ସେନାପତିଙ୍କ ପୁଅ ମନୋଜ ସେନାପତି ୫୮୫ ମାର୍କ ଏବଂ ସୁନ୍ଦରଆଡି ଗ୍ରାମର ଅନ୍ନପୂର୍ଣ୍ଣା ଗିରି ଓ ଶଶାଙ୍କ ଶେଖର ଗିରିଙ୍କ ପୁଅ କହ୍ନାଇ ଚରଣ ଗିରି ୫୭୦ ମାର୍କ ରଖି ନିଟ ରେ କୃତିତ୍ୱ ହାସଲ କରିବା ସହିତ ଡାକ୍ତରୀ ପଢିବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି କ୍ଷମେଧାବୀ ୪ ଛାତ୍ରୀଛାତ୍ରଙ୍କ ସଫଳତା ନିମନ୍ତେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ସହିତ ବହୁ ଶିକ୍ଷାପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି।

# ଭାରତରେ ୧୦୦ ନିୟୁତ ମଧୁମେହ ରୋଗୀ ଅଛନ୍ତି

ମୁମ୍ବାଇ: ନାଗା ସାଧୁମାନେ 'ନାଗା ସେଂଟ ଆଇ ଟେଷ୍ଟ' ମାଧ୍ୟମରେ ଭାରତ ପାଇଁ ବିଶ୍ୱସ୍ତରୀୟ ସ୍ୱୀକୃତିଆଣିଛନ୍ତି। ଏହି ସାର୍ବଜନୀନ ସ୍ୱାସ୍ଥ୍ୟ ଉଦ୍ୟମକୁ କେନ୍ସ ଲାୟନ୍ସ ଇଂଟରନ୍ୟାସନାଲ ଫେଷ୍ଟିଭାଲ ଅଫ କ୍ରିଏଟିଭିଟି୨୦୨୫ରେ ସ୍ୱାସ୍ଥ୍ୟ ଏବଂ ଓ୍ୱେଲନେସ ବର୍ଗରେ ସିଲଭର ଲାୟନ୍ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅଭିଯାନଗୋଦରେଜ କଂଜ୍ୟୁମର ପ୍ରଡକଟସ ଲିମିଟେଡ୍ (ଜିସିପିଏଲ) ଏବଂ ଆଇବେଟେସ ଫାଉଣ୍ଡେସନର ମିଳିତ ସହଯୋଗରେଆୟୋଜନ କରାଯାଇଥିଲା, ଯେଉଁଥିରେ ମଧୁମେହ ଏବଂ ପ୍ରତିରୋଧଯୋଗ୍ୟ ଅନ୍ଧତ୍ୱ ବିଷୟରେ ସଚେତନତା ସୃଷ୍ଟିକରାଯାଇଥିଲା। ଭାରତରେ ପ୍ରାୟ ୧୦୦ ନିୟୁତ ମଧୁମେହ ରୋଗୀ ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ୬୦%ରୁ ଅଧିକ ରୋଗୀ ଚିହ୍ନଟହୋଇନାହାଁନ୍ତି। ମଧୁମେହ ମଧ୍ୟ ପ୍ରତିରୋଧଯୋଗ୍ୟ ଅନ୍ଧତ୍ୱର ମୁଖ୍ୟ କାରଣ। ଜିସିପିଏଲର ନିଜସ୍ୱ କ୍ରିଏଟିଭ୍ ଷ୍ଟୁଡିଓଗୋଦରେଜ କ୍ରିଏଟିଭ୍ ଲ୍ୟାବ୍ ଦ୍ୱାରା ପରିକଳ୍ପନା କରାଯାଇଥିବା 'ନାଗା ସେଂଟ ଆଇ ଟେଷ୍ଟ' ଏହି ସମସ୍ୟାକୁ ଏକସାହସିକ ଏବଂ ସାଂସ୍କୃତିକ ଆଧାର ଉପରେ ଅବସ୍ଥାପିତ କରିଛି। ନାଗା ସାଧୁଙ୍କ ଆଧ୍ୟାତ୍ମିକ ପ୍ରଭାବ ଏବଂ ଦୃଶ୍ୟମାନ୍ୟତାକୁ ଉପଯୋଗ କରି ସେମାନଙ୍କ ପିଠିରେ ବଡ଼ ବଡ଼ ଦେବନାଗରୀଲିପିରେ ହିନ୍ଦୀ ଭାଷାରେ ଲେଖା ଯାଇ ସେମାନଙ୍କୁ ଚକ୍ଷୁ ପରୀକ୍ଷା ଚାର୍ଟ ଭାବେ ବ୍ୟବହାର କରାଯାଇଥିଲା। ଯେଉଁମାନେ ସେହି ଭାଷା ପଢ଼ିବାରେ ସକ୍ଷମ ନ ଥିଲେ ସେମାନଙ୍କୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିରକୁ ନିଆଯାଉଥିଲା। ଉତରପ୍ରଦେଶରପ୍ରୟାଗରାଜରେ ଅନୁଷ୍ଠିତ ହୋଇଥିବା ମହାକୁମ୍ଭ ମେଳା ୨୦୨୫ର ତ୍ରିବେଣୀ ସଂଗମ ସ୍ଥଳରେ ଏହି କାର୍ଯ୍ୟକ୍ରମଆୟୋଜନ କରାଯାଇଥିଲା। ଗୋଦରେଜ କ୍ରିଏଟିଭ୍ ଲ୍ୟାବର ଗ୍ଲୋବାଲ୍ ହେଡ୍ ସ୍ୱାତୀ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, "ସବୁଠାରୁ ଜଟିଳ ମାନବିକସମସ୍ୟାର ସରଳ ସମାଧାନ ହୋଇପାରେ। ନାଗା ସାଧୁ ସମ୍ପ୍ରଦାୟ ଆମକୁ 'ହଁ' କହିବା ଆମର ପ୍ରଥମ ବିଜୟ ଥିଲା। ଏହିବିଜୟ ବର୍ତ୍ତମାନ ଆଇବେଟେସ ଫାଉଣ୍ଡେସନ ପାଇଁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେଇଛି। ଆମର ଧାରଣା ବିଶ୍ୱର ସବୁଠାରୁବଡ଼ ଆଧ୍ୟାତ୍ମିକ ଉତ୍ସବରୁ ବିଶ୍ୱର ସବୁଠାରୁ ବଡ଼ ସୃଜନଶୀଳ ଉତ୍ସବକୁ ଯାଇଛି।" ଆଇବେଟେସ ଫାଉଣ୍ଡେସନର ପ୍ରତିଷ୍ଠାତା ଡକଟର ନିଶାନ୍ତ କୁମାର କହିଛନ୍ତି ଯେ, "ମଧୁମେହ ଯୋଗୁଁ ହେଉଥିବା ପ୍ରତିରୋଧଯୋଗ୍ୟ ଅନ୍ଧତ୍ୱ ଦୂର କରିବା ମୋ ହୃଦୟର ଲକ୍ଷ୍ୟ। ମହା କୁମ୍ଭ ମେଳା ୨୦୨୫ରେ ନାଗା ସେଂଟ ଆଇ ଟେଷ୍ଟ ଅଭିଯାନ ୬୦ କୋଟି ଲୋକଙ୍କ ନିକଟରେ ପହଂଚିଥିଲାଏବଂ ୪ ଲକ୍ଷ ଲୋକଙ୍କ ଆଖିର ଯନି ନିଆଯାଇଥିଲା।

# ଚନ୍ଦ୍ରକୁମାର ମହାନ୍ତି କବିତା ପୁରସ୍କାର ପାଇବେ ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

ବାଲେଶ୍ୱର, (ସବ୍ୟୁ) : କବି ଚନ୍ଦ୍ର କୁମାର ମହାନ୍ତି ସ୍ମୃତି କମିଟି ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରା ଯାଉଥିବା ଚନ୍ଦ୍ର କୁମାର ମହାନ୍ତି କବିତା ପୁରସ୍କାର ୨୦୨୫ ପାଇଁ କବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର (ଜନ୍ମ ୧୯୮୨)ପାଇବେ ବୋଲି ସ୍ମୃତି କମିଟି ପକ୍ଷରୁ ଆଜି ଏକ ପ୍ରେସ୍ ବିବୃତିରେ ଘୋଷଣା କରାଯାଇଛି। ବାଲେଶ୍ୱରର ବିଶିଷ୍ଟ କବି ଚନ୍ଦ୍ର କୁମାର ମହାନ୍ତିଙ୍କ ସ୍ମୃତିରକ୍ଷା ନିମନ୍ତେ ଗଠିତ ଚନ୍ଦ୍ର କୁମାର ମହାନ୍ତି ସ୍ମୃତି କମିଟି ପକ୍ଷରୁ ୨୦୧୭ରୁ ଆରମ୍ଭ ହୋଇଥିବା ଏହି ସ୍ମୃତି ଉତ୍ସବ ଅବସରରେ ପ୍ରତିବର୍ଷ ୪୫ ରୁ ୫୦ ବର୍ଷ ବୟସ ସୀମା ମଧ୍ୟରେ ଜଣେ ଓଡ଼ିଆ କବିଙ୍କୁ ଚୟନ କରାଯାଇ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ପାଇଁ ମନୋନୀତ ହୋଇଥିବା କବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ୮ଟି କବିତା ପୁସ୍ତକ ଓ ଗୋଟିଏ ପତ୍ର ଉପନ୍ୟାସର ସ୍ରଷ୍ଟା ହୋଇଥିବା ବେଳେ ଓଡ଼ିଆ କବିତା କ୍ଷେତ୍ରରେ ସେ ବେଶ୍ ପରିଚିତ ଏବଂ ନିରବଚ୍ଛିନ୍ନ ଭାବେ କବିତା ସର୍ଜନାରେ ସକ୍ରିୟ ଅଛନ୍ତି। ସ୍ମୃତି କମିଟି ପକ୍ଷରୁ ଆଗାମୀ ଜୁଲାଇ ୫ ତାରିଖ ରବିବାର ସଂଧ୍ୟା ୬ ଘଟିକାରେ ଷ୍ଟେସନ କ୍ଲବ ସଭାଗୃହରେ ଆୟୋଜିତ ହେଉଥିବା ୯ମ ବାର୍ଷିକ ଚନ୍ଦ୍ର କୁମାର ମହାନ୍ତି ସ୍ମୃତି ଉତ୍ସବ ପାଳନ ପରିପ୍ରେକ୍ଷୀରେ ବିଜୟୀ ପ୍ରତିଭାଙ୍କୁ ମାନପତ୍ର ଓ ଉପଢୌକନ ଅର୍ପଣ କରି ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ମୃତି କମିଟି ପକ୍ଷରୁ କୃଷ୍ଣ କୁମାର ମହାନ୍ତି ଏବଂ ଉତ୍ପଳ ମହାନ୍ତି ଜଣାଇଛନ୍ତି। ଏହି ସ୍ମୃତି ଉତ୍ସବରେ ବିଶିଷ୍ଟ କବି ବିପିନ ନାୟକ ଏବଂ ସୁଖ୍ୟାତ କବି କେ.ଶ୍ୟାମବାବୁ ଦୋରା ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଅଧ୍ୟକ୍ଷତା କରିବେ ସଭାପତି ସୁବାସ ଚନ୍ଦ୍ର ପାତ୍ର।


**AFFIDAVIT**

I, RASMI RANJAN SAHOO, S/O Chaitanya Charan Sahoo, R/O Madhusudan Nagar, Near Shastrijee Club, Tulsipur, Cuttack, Odisha-753008, Declare By This Affidavit Sl.No.94, Dtd.- 18-Jun-2025, That Now Onwards I Shall Be Known As RASHMI RANJAN SAHOO For All Future Purposes.

**PARADIP PORT AUTHORITY**
**e-TENDER CALL NOTICE NO:- EM/PED-19/2025**

NO.EM/PED/TECH-41/2024/525 dt. 13.06.2025

Name of the work "Construction of RCC cable trench, supply and laying of HT Cable for Crude Oil Import Terminal of M/s Numaligarh Refinery Limited". Estimated cost: Rs.8,86,35,164.62/- excluding GST. Last date & time of submission of bid: dt.15/07/2025 Up to 18:00 hrs. Refer our website for details https://eprocure.gov.in/eprocure/app.

Sd/- Executive Engineer (E)
(Port Electrical Division-II)

PPA/PR/17/2025-2026 dtd.18.06.2025

**AFFIDAVIT**

I, BHAGWAN SINGH, S/O-GOLAP CHANDRA SINGH, PLOT NO-48, NETAJI SUVASH CHHAK, PARADEEP, JAGATSINGHPUR-754142, ODISHA DECLARE BY THIS AFFIDAVIT NO-14595,dt 18.06.2025 THAT MY PASSPORT MY FATHERS NAME PRINTED AS GOLAP CHANDRA SINGH AND MY MOTHERS NAME SWOMATI DEVI NOW I APPLY TO REISSUE PASSPORT AND I LIKE TO KEEP REMAIN MY FATHERS NAME AND MOTHERS NAME AS IT WAS PRINTED MY PASSPORT. THAT NOW ONWARDS I SHALL BE KNOWN AS **BHAGWAN SINGH** SON OF GOLAP CHANDRA SINGH AND MOTHERS NAME SWOMATI DEVI FOR ALL FUTURE PURPOSES.

**ODISHA HYDRO POWER CORPORATION LTD.,**

OHPC

O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA).
PHONE: 0663-2960721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

CAD-834

No. HHEP/Tech-W-202/2/3449 Date : 18.06.2025

**e-TENDER CALL NOTICE NO. HHEP-35/2025**

Unit Head, HHEP, Burla invites percentage rate e-tender in double cover system (Cover-I Technical Bid and Cover-II Price bid) from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**. Only those bidders who successfully remit their cost of tender paper & EMD online would be able to eligible in the tender (Bidders exempted from payment of EMD will be able to participated in the tender by uploading documentary evidences towards eligibility for such exemptions).

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in Rs. | Availability of bids online | Last date and time of receipt of bid online | Date & time of opening of tender | Class of contract or |
|---|---|---|---|---|---|---|---|
| Renovation of testing lab and workers' shed at Burla Power House of HHEP, Burla | 11,75,411/- | Rs. 7080/- (Rs. 6000 /- + GST 18%) | 11800/- | 23.06.25 (11:00AM) to 07.07.25 upto 03.30PM | 07.07.25 upto 03.30PM | 07.07.25 at 04.00PM | 'D & C' |

- The bidders shall have to participate in online only in the portal https://tendersodisha.gov.in
- Further details can be seen from the e-procurement portal https://tendersodisha.gov.in / www.ohpcltd.com

Sd/-
Unit Head, HHEP, Burla

OIPR: 04007/11/0052/2526

**AFFIDAVIT**

By virtue of an affidavit sworn before The Executive Magistrate Cuttack, dated 12.06.2025 I, Sonali Prusty, d/o- Charan Malik, W/o-Prasanna Prusty, vill-Gokulpur, P.O/P.S-Tangi, Dist-Cuttack, Pin - 754022, Odisha declare that I have changed my name from Suneli Malik to Sonali Prusty. Hanceforth, I shall be known as Sonali prusty for all purpose.

Sonali Prusty

**AFFIDAVIT**

By virtue of an affidavit before the Executive Magistrate, Kujang. I, **Mrutyunjay Pradhan**, S/o-Jogendra Pradhan, resident of At- Badang, Po/P.S.-Kujang, Dist-Jagatsinghpur, Odisha declare by this affidavit that, as per Aadhar Card vide no.-662494592954 my actual name is Mrutyunjay Pradhan. In my FD account of Bank of Baroda, my nick name has been mentioned as Sumit Pradhan instead of Mrutyunjay Pradhan. Both Mrutyunjay Pradhan and Sumit Prdhan belongs to one and same person. Henceforth, I shall be known as **Mrutyunjay Pradhan** for all future purposes.

**OFFICE OF THE MUNICIPAL COUNCIL : BALANGIR**

C-555

No. 2822 / BM/Dt, 16.06.2025
e Procurement Notice
BID IDENTIFICATION NUMBER - BL GRMPTY/04(01-16)/2025-26

Bid Documents consisting of work, Estimated cost, Cost of Tender paper, EMD, Time of completion Class of Contractor and the set of terms and conditions of contract and other necessary documents can be seen in Govt. Website i.e. www.tendersorissa.gov.in.

1 Name of the Work : Civil Construction work as mentioned in DTCN
2 No. of works : 16(Sixteen) Nos.
3 Estimated Cost. : Rs.4,24,095/- to Rs.16,91,038/-
4 Period of Completion : 3(Three) Calendar Month
5 Date and Time of on line Bidding : from 11.00 AM of 19.06.2025 to 5.00 PM of 30.06.2025
6 Online Bids shall be Open on : 01.07.2025 on 11.00 AM
7 Name & Address of the Officer Inviting Bid : **Executive Officer, Balangir Municipality**
8 Further details can be seen from the website www.tendersorissa.gov. in
9 Further any addendum/ corrigendum/ clarification issued in connection with the tenders shall be uploaded in the above website and no news paper advertisement shall be given. Bidders are advised to visit the website regularly for obtaining all such details.

Sd/- Executive Officer
Balangir Municipality

OIPR: 13169/11/0062/2526

**Kotpad NAC**

C- 547

Government of Odisha
Main Road, Kotpad Dist. Koraput, Odisha.
E-mail- kotpadnac@gmail.com
Letter No.1173/2025 Date. 18.06.2025

**QUOTATION CALL NOTICE**

Sealed Quotation are invited to reach by Speed Post / Registered Post / Courier) by hand from interested Contractor/ agencies/ firms /companies for **" Providing two nos. of TATA ACE on monthly hire basis and the TATA ACE will be engaged on the sanitation work of Kotpad NAC"**. The quotation will be dropped in the drop box kept in the office of the executive officer, Kotpad with supporting documents like copy of PAN card and GST certificate on or before 26.06.2025 and shall be opened on the same day at 05.00 PM in the presence of the bidder and the tender committee. The authority has reserved the right to cancel or modify or accept any or all quotation without assigning any reason thereof.

Sd/- Executive Officer,
Kotpad NAC

OIPR: 13182/11/0009/2526

**[GOVERNMENT OF ODISHA]**
**BLOCK DEVELOPMENT OFFICER, PANCHAYAT SAMITI, RAYAGADA.**

i-161

E-mail - ori-brayagada@nic.in Phone- 06856-223355

INVITATIONS FOR BIDS (I.F.B.)
e-Procurement Notice
IDENTIFICATION No. RGD 01/2025-26 Dt. 16.06.2025

1) The Block Development Officer, Panchayat Samiti, Rayagada Sadar, Dist.: Rayagada on behalf of Govt, of Odisha invites Percentage Rate bid in Single Cover System in ONLINE MODE for the construction of Civil works (Civil) as detailed in the Detailed Tender Call Notice (D.T.C.N) from the eligible class of contractors.
2) No. of works: - 01 (One) Nos.
3) Cost of Tender Paper: - Rs.6,000/- (Rupees Six Thousand)only
4) Class of contractor: - "D" & "C" Class
 1) Date & Time of available in web site & receipt online: - **9:00 Hrs. of 23.06.2025 to 17:00 Hrs. of 07.07.2025**
 2) Date of opening of Technical Bid: **11:00 Hrs. of 08.07.2025**
 The Bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**
5) Any corrigendum / Addendum will be displayed in the website https://tendersodisha.gov.in only

By order of BDO, Rayagada Sadar

Sd/- Block Development Officer,
Panchayat Samiti, Rayagada Sadar

OIPR: 19322/11/0006/2526

**Government of Odisha "e" procurement Notice**

O-307

OFFICE OF THE EXECUTIVE ENGINEER,
RURAL WORKS ELECTRICAL DIVISION, SAMBALPUR.
E-mail - **eerwelectricaldivn.sambalpur@gmail.com**
Bid Identification No. EE /RWELECT/SBP/05/2025-26

1 Name of the work :- 1. Area lighting to Jagannath & Madanmohan Temple at Purunagarh under R.W.E.S. Angul
2. Area lighting to Maa Bayani Pitha at Patrapada under R.W.E.S. Angul
3. Area lighting to Maa Ramchandi Pitha at Kosala under R.W.E.S. Angul

2. Estimated Cost :- 1. Rs.5,68,881/-
2. Rs.21,81,587/-
3. Rs.11,57,145/-

3. Availability of bid document in the website. :- 11.30 Hours of 20.06.2025 to 17:00 Hours of 30.06.2025

4. Date of Opening of Tenders :- 11:30 Hours on dt. 01.07.2025

Further details and any corrigendum/Addendum/cancellation of tender can be seen from the Web Site **www.tendersodisha.gov.in** only.

Sd/- Executive Engineer
R.W Electrical Division
Sambalpur

OIPR: 34175/11/0018/2526

**GOVERNMENT OF ODISHA**
**DISTRICT PROJECT OFFICE, SAMAGRA SHIKSHA NABARANGPUR**
**"e" Procurement Notice- DPC-SS-NAB - 02 OF 2025-26**
**BID IDENTIFICATION NO. DPC-SS-NAB - 02 OF 2025-26**

n-78

| | | |
|---|---|---|
| 01 | Name of the Work | Repair and Maintenance Work at Haladi KGBV, Chandahandi Block for the year 2024-25 |
| 02 | Total No of Package | 1 No |
| 03 | Tender Cost(Approx) | Rs. 17.16 lakh as per DTCN |
| 04 | Bid Security | Rs.17160/- |
| 05 | Cost of Tender Paper(Online) | Rs. 6,000/- as per DTCN |
| 06 | Period of Completion | As per DTCN |
| 07 | Availability of Tender Online for bidding | From 23.06.2025 at 11.00AM to 14.07.2025 up to 5.30 PM |
| 08 | Date and Place of Opening | Dt. 15.07.2025 at 11.00 AM in the Conference Hall, DPO Samagra Shiksha, Nabarangpur. |
| 09 | Lottery date and Time | Dt. 19.07.2025 at 12.00 PM in the Conference Hall, DPO Samagra Shiksha, Nabarangpur. |
| 10 | Tender Inviting Authority | District Project Office, Samagra Shiksha, Nabarangpur. |

Sd/- District Project Co-Coordinator,
Samagra Shiksha, Nabarangpur

OIPR: 27160/11/0007/2526

### ନାଲ୍‌କୋ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ନିମନ୍ତେ ପ୍ରାକ୍-ପ୍ରସ୍ତୁତି

## ମାସବ୍ୟାପୀ ସ୍ୱାସ୍ଥ୍ୟ ଓ ଯୋଗ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ



ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ) ପକ୍ଷରୁ ଚଳିତ ବର୍ଷର ଅନ୍ତର୍ଜାତୀୟଯୋଗଦିବସ ପାଳନ ତଥା ଯୋଗ ର ପ୍ରଚାର ପ୍ରସାର ନିମନ୍ତେ ସ୍ୱାସ୍ଥ୍ୟ, ନିରାମୟ ଓ ଦୈନନ୍ଦିନ ଜୀବନରେ ଯୋଗର ଭୂମିକା ଓ ସଚେତନତା ସମ୍ବନ୍ଧୀୟ ବିଭିନ୍ନ ବିଭିନ୍ନ କାର୍ଯ୍ୟକ୍ରମଆୟୋଜନ କରାଯାଉଛି।

ଆସନ୍ତା ଜୁନ ୨୧ ତାରିଖରେ କମ୍ପାନୀ ପକ୍ଷରୁ ବିଭିନ୍ନ ୟୁନିଟରେ ମେଗା ଯୋଗ କ୍ୟାମ୍ପର ମଧ ଆୟୋଜନ କରାଯାଉଛି।ଏଥିସହ ଗତ ଏକ ମାସ ଧରି ପ୍ରାକ୍-ପ୍ରସ୍ତୁତି ରୂପେ କମ୍ପାନୀର ସମସ୍ତ ପରିଚାଳନା ୟୁନିଟରେ 'ଯୋଗ ବୁଟ-କ୍ୟାମ୍ପ','ୱାଇ-ବ୍ରେକ ଆଟ ୱାର୍କପ୍ଲେସ' ଏବଂ 'ଯୋଗାଭ୍ୟାସ' ଅଧିବେସନର ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମ ଗୁଡ଼ିକରେ କମ୍ପାନୀର କର୍ମଚାରୀ, ପରିବାର ବର୍ଗ, ଠିକା କର୍ମଚାରୀ, ବିଦ୍ୟାଳୟ ତଥା ଚିକିତ୍ସାଳୟର ସମସ୍ତ କର୍ମଚାରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଛନ୍ତି।

"ଜନ ଭାଗୀଦାରୀ" କୁ ପ୍ରୋତ୍ସାହିତ କରିବା ନିମନ୍ତେ,ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପ, କୋରାପୁଟ ତଥା ସ୍ମେଲଟରଏବଂପାୱାର୍କମ୍ପ୍ଲେକ୍ସ, ଅନୁଗୋଳ ର ପରିପାର୍ଶ୍ୱିକ ଗ୍ରାମମାନଙ୍କରେ ମଧ ଯୋଗାଭ୍ୟାସ ଅଧିବେସନ ମାନ ଆୟୋଜନ କରାଯାଉଛି। କମ୍ପାନୀରେ କାର୍ଯ୍ୟରତ ମହିଳା ତଥା ସ୍କୁଲ ଛାତ୍ରୀ ମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା ଅଧିବେସନର ଆୟୋଜନ କରାଯାଇଛି।

## ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଲାଗି ଦୁଇସ୍ତରୀୟ ବ୍ୟାରିକେଡ

ଭୁବନେଶ୍ୱର(ସବ୍ୟୁ): ଆସନ୍ତାକାଲି(ଶୁକ୍ରବାର) ଅର୍ଥାତ ୨୦ ତାରିଖରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜନତା ମଇଦାନ ଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ବହୁ ଜନସମାଗମ ହେବା ନେଇ ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓ ଅନ୍ୟ ବିଶିଷ୍ଟ ଅତିଥିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ତରଫରୁ ଏହି ମାର୍ଗରେ ଦୁଇ ସ୍ତରୀୟ ବ୍ୟାରିକେଡିଂର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଏହି ରାସ୍ତାରେ ଏକ ସ୍ଥାୟୀ ବାରିକେଡିଂ ବ୍ୟବସ୍ଥା ଥିବାବେଳେ କମିଶନରେଟ ପୋଲିସର ଅନୁରୋଧକ୍ରମେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ମାର୍ଗରେ ଅତିରିକ୍ତ ବ୍ୟାରିକେଡିଂର ବ୍ୟବସ୍ଥା କରାଯାଇଛି।

## କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ ୨୦୨୬: ଓଡ଼ିଶାରେ ଶୀର୍ଷରେ କିଟ୍

ଭୁବନେଶ୍ୱର, (ସବ୍ୟୁ): କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ ୨୦୨୬ ଆଜି ପ୍ରକାଶ ପାଇଥିବାବେଳେ ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିଛି। ଏହା ସହିତ ସମଗ୍ର ଭାରତରେ କିଟ୍ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବେଳେ ଦକ୍ଷିଣ ଏସିଆରେ ୫୫ତମ ସ୍ଥାନ ହାସଲ କରିଛି। ସମଗ୍ର ଭାରତରେ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୯ମ ସ୍ଥାନରେ ରହିଛି। କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମ ଥର ପାଇଁ କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଂରେ ଅଂଶଗ୍ରହଣ କରି ଓଡ଼ିଶାର ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଭାରତରେ ସମ୍ମାନଜନକ ସ୍ଥାନରେ ରହିଛି। ଏହି ସଫଳତା କିଟ୍‌ର ଉଚ୍ଚଶିକ୍ଷାରେ ଉତ୍କର୍ଷତା ପ୍ରତି ଉତ୍ସର୍ଗକୁ ପ୍ରତିପାଦିତ କରୁଛି। କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ ୨୦୨୬ରେ ବିଶ୍ୱର ୧୫ ଶହରୁ ଅଧିକ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ।



ଏହି ରାଙ୍କିଙ୍ଗ ଶୈକ୍ଷିକ ପ୍ରତିଷ୍ଠା, ନିଯୁକ୍ତିଦାତାଙ୍କ ପ୍ରତିଷ୍ଠା, ଅଧ୍ୟାପକ-ଛାତ୍ର ଅନୁପାତ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅଧ୍ୟାପକଙ୍କ ପ୍ରଶଂସା, ଅନ୍ତର୍ଜାତୀୟ ଫାକଲଟି, ଅନ୍ତର୍ଜାତୀୟ ଛାତ୍ର, ଅନ୍ତର୍ଜାତୀୟ ଛାତ୍ର ବିବିଧତା, ଅନ୍ତର୍ଜାତୀୟ ଗବେଷଣା ନେଟୱାର୍କ, ନିଯୁକ୍ତି ଫଳାଫଳ ଏବଂ ସ୍ଥାୟିତ୍ୱ ଆଦି ମାନଦଣ୍ଡକୁ ଭିତ୍ତିକରି ଏହି ରାଙ୍କିଙ୍ଗ ପ୍ରଦାନ କରାଯାଇଛି। ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କ୍ୟୁଏସ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ କିଟ୍‌ର ଶୈକ୍ଷିକ ଉତ୍କର୍ଷତା କ୍ଷେତ୍ରରେ ନିରନ୍ତର ପ୍ରୟାସର ପ୍ରତିଫଳନ। କିଟ୍ ବିଶ୍ୱବିଦ୍ୟାଳୟ ମାତ୍ର ୨୧ ବର୍ଷର ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଏହା ଅନେକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସମକକ୍ଷ ହୋଇପାରିଛି। ଏହି ସଫଳତା ପାଇଁ ଶ୍ରୀ ସାମନ୍ତ କିଟ୍ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିଟ୍ ଓ କିସ୍‌ର ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ମଧ ଏହି ସଫଳତା ପାଇଁ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇଛନ୍ତି।

## ଆଜି ଭୁବନେଶ୍ୱରରେ ହାପ୍ ଡେ ଅଫିସ

ଭୁବନେଶ୍ୱର(ସବ୍ୟୁ): ଆସନ୍ତାକାଲି(ଶୁକ୍ରବାର) ଭୁବନେଶ୍ୱରରେ ହାପ୍ ଡେଦ ଅଫିସ୍। ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱରରେ ସମସ୍ତ ସରକାରୀ ଅଫିସ୍ ବନ୍ଦ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ପାଇଁ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ରାଜସ୍ୱ ଓ ମାଜିଷ୍ଟ୍ରେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ମଧ ଛୁଟି ରହିବ। ସହରରେ ଅତ୍ୟଧିକ ଭିଡ଼ ଓ ଟ୍ରାଫିକ୍ ସମସ୍ୟା ଆଶଙ୍କା କରି ଏହି ନିଷ୍ପତ୍ତି ନିଆଯାଇଛି।

ଏହାପୂର୍ବରୁ ଶୁକ୍ରବାର ଅର୍ଥାତ ୨୦ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ଭୁବନେଶ୍ୱର ଓ କଟକରେ ସମସ୍ତ ସ୍କୁଲ ଛୁଟି କରିବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଖୋର୍ଦ୍ଧା, କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଥିଲା। ଉଲ୍ଲେଖଯୋଗ୍ୟ, ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସୁଛନ୍ତି। ରାଜ୍ୟରେ ବିଜେପି ସରକାରର ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଧାନମନ୍ତ୍ରୀ।

### ଓଡ଼ିଶାରେ ନାରୀ ନିର୍ଯ୍ୟାତନା ନେଇ

## ଏଆଇସିସି. ଗଠନ କଲା ତଥ୍ୟ ଅନୁଧ୍ୟାନ କମିଟି

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ଗୋପାଳପୁରରେ ଗଣଦୁଷ୍କର୍ମ ଘଟଣା, କେନ୍ଦୁଝର ହରିଚନ୍ଦନପୁରରେ ଦୁଷ୍କର୍ମ ଓ ହତ୍ୟା, ମହିଳାମାନଙ୍କ ବିରୁଦ୍ଧରେ ବଢୁଥିବା ଅତ୍ୟାଚାର ଏବଂ ଗତ କିଛିବର୍ଷ ମଧ୍ୟରେ ହଜାର ହଜାର ମହିଳା ଓ ଶିଶୁ ନିଖୋଜ ହେବା ଭଳି ଚିନ୍ତାଜନକ ଘଟଣାକୁ ଗୁରୁତର ସହ ନେଇ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖଡ଼ଗେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରି ତାଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ୫ ଜଣଙ୍କୁ ନେଇ ଗଠିତ ଉକ୍ତ କମିଟି ରେ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଦିପା ଦାସମୁନସୀ, ଆବାହକ ରହିଥିବାବେଳେ, ସାଂସଦ ଶ୍ରୀମତୀ ରଞ୍ଜିତ ରଞ୍ଜନ, ସାଂସଦ ଶ୍ରୀମତୀ ପ୍ରଣିତୀ ସିନ୍ଦେ,ସାଂସଦ ଶ୍ରୀମତୀ ଏସ ଯୋଥିମନି ଓ ପୂର୍ବତନ ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଶୋଭା ଓଜା ରହିଛନ୍ତି। ଉକ୍ତ କମିଟି ଓଡ଼ିଶା ଗସ୍ତରେ ଆସି ବିଭିନ୍ନ ଜିଲ୍ଲା ଗସ୍ତକରିବା ସହ ପରିସ୍ଥିତି ଅନୁଧ୍ୟାନ କରିବ ଏବଂ ସବିଶେଷ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦାଖଲ କରିବାକୁ ଏଆଇସିସି ସାଧାରଣ ସଂପାଦକ (ସଂଗଠକ) କେସି ବେଣୁଗୋପାଳ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

### ଡାଇରିଆ ସ୍ଥିତି ନେଇ ହାଇକୋର୍ଟଙ୍କ ଉଦବେଗ

## ପରିମଳ ସ୍ୱଚ୍ଛ ରଖିବାକୁ ନିର୍ଦ୍ଦେଶ

କଟକ, (ସବ୍ୟୁ):ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡାଇରିଆ ସ୍ଥିତି ନେଇ ହାଇକୋର୍ଟଙ୍କ ଉଦବେଗ ପ୍ରକାଶ କରିଛନ୍ତି। ଏଥି ସହ କଟକ ସହରର ପରିମଳ ବ୍ୟବସ୍ଥା ସ୍ୱଚ୍ଛ ରଖିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସହରକୁ ସଂକ୍ରମଣ ମୁକ୍ତ ରଖିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ସିଏମସି କୁ ମଧ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ବିଶୁଦ୍ଧ ପାନୀୟଜଳ କିପରି ସହରବାସି ପାଇବେ ସେଥିପ୍ରତି ସଜାଗ ରହିବେ ୱାଟକୋ କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ କେତେଦୂର କାର୍ଯ୍ୟକାରି କରାଗଲା ସେ ସଂକ୍ରାନ୍ତରେ ସତ୍ୟପାଠ ଲୋଡିଛନ୍ତି ଅଦାଲତ। ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଭି ନରସିଂହ ଙ୍କୁ ନେଇ ଗଠିତ ଖଣ୍ଡପୀଠ କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସମୟର କଟକ ଜିଲ୍ଲା ସମେତ ଅନ୍ୟ ଜିଲା ମାନଙ୍କରେ ଡାଇରିଆ ରୋଗ ବଢିବାରେ ଲାଗିଛି। ଯାହାର କାରଣ ଦୂଷିତ ଜଳ, ଅସ୍ୱାସ୍ତ୍ୟକର ପରିବେଶ।ତେଣୁ କଟକ ସହର ବିଶୁଦ୍ଧ ଜଳ ଯୋଗାଣ କରିବା ଉପରେ ୱାଟକୋଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୩ ତାରିଖରେ ମମାଲର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ।

### ନାରୀଙ୍କୁ ନ୍ୟାୟ ଦେବାରେ ସରକାର ବିଫଳ

## ଲଢ଼େଇ କରିବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଓଡ଼ିଶାରେ ପ୍ରଚାର କରନ୍ତି ଏବଂ ଅଧା ଜନସଂଖ୍ୟାକୁ ସୁରକ୍ଷାର ମିଛ ପ୍ରତିଶ୍ରୁତି ଦେଇ ସେମାନଙ୍କ ଠାରୁ ଭୋଟ ପାଆନ୍ତି। କିନ୍ତୁ ଯଦି ଓଡ଼ିଶାର ୧୧ ମାସର ରିପୋର୍ଟ କାର୍ଡକୁ ଦେଖନ୍ତି, ତେବେ ଆପଣ ଏହା ଦେଖିବେ ଯେ ପ୍ରତିଦିନ ସେଠାରେ ୧୫ଟି ଦୁଷ୍କର୍ମ ମାମଲା ରିପୋର୍ଟ ହେଉଛି।୧୦ ମାସରେ ରାଜ୍ୟର ବିଭିନ୍ନ ସ୍ଥାନରେ ୪,୫୦୦ ଝିଅ ନ୍ୟାୟ ପାଇଁ ନିବେଦନ କରିଛନ୍ତି। ୧୧ ମାସରେ ରାଜ୍ୟର ୨୮,୦୦୦ ମହିଳା ଏବଂ ଝିଅ ଦୁଷ୍କର୍ମର ଶିକାର ହେଉଛନ୍ତି ବୋଲି ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିବା ସହିତ ଅପରାଧିମାନେ ଏତେ ସାହସ କେଉଁଠାରୁ ପାଆନ୍ତି ବୋଲି ନୂଆଦିଲ୍ଲୀ ସ୍ଥିତ ଇନ୍ଦିରା ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି।

ସେହିପରି ବିଧାୟିକା ସୋଫିଆ ଫିର୍ଦୌଶ କହିଛନ୍ତି ଭଦ୍ରକ ହସ୍ପିଟାଲରେ ଜଣେ ନର୍ସ ତାଙ୍କ ସହିତ ହେଉଥିବା ଯୌନ ନିର୍ଯାତନା ଏବଂ ଦୁଷ୍କର୍ମ ବିଷୟରେ କହିଛନ୍ତି ଏବଂ ନ୍ୟାୟ ମାଗୁଛନ୍ତି। ବାଲେଶ୍ୱରରେ




ଜଣେ ନାବାଳିକା ଝିଅକୁ ଦୁଷ୍କର୍ମ ଏବଂ ହତ୍ୟା କରାଯାଇଥିଲା। ରିପୋର୍ଟ ଅନୁସାରେ ବାଲେଶ୍ୱର ଜିଲ୍ଲାରେ ପ୍ରତିଦିନ ୭ ଜଣ ମହିଳାଙ୍କୁ କାମନାର ଶିକାର କରାଯାଉଛି। ଓଡ଼ିଶାର ୩୬,୦୦୦ ମହିଳା ଏବଂ ୮,୪୦୦ ଝିଅ ନିଖୋଜ ଅଛନ୍ତି। ଏପରି ପରିସ୍ଥିତିରେ ପ୍ରଶ୍ନ ହେଉଛି ଯେ ସରକାର ଏପର୍ଯ୍ୟନ୍ତ କେତେ ମହିଳା ଏବଂ ଝିଅଙ୍କୁ ଫେରାଇ ଆଣିପାରିଛନ୍ତି। ଓଡ଼ିଶାରେ ବିଜେପି ସରକାର ଗଠନ ହେବାର ୧୧ ମାସ ମଧ୍ୟରେ ୨୮,୦୦୦ ମହିଳାଙ୍କୁ ଅପରାଧୀର ଶିକାର କରାଯାଇଛି। ଏପରି ପରିସ୍ଥିତିରେ ଏହି ମହିଳାମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଆଜି ପର୍ଯ୍ୟନ୍ତ ନ୍ୟାୟ ମିଳିଛି ବୋଲି ଶ୍ରୀମତୀ ଫିର୍ଦୌଶ ପ୍ରଶ୍ନ କରିଛନ୍ତି। ଶ୍ରୀମତୀ ଫିର୍ଦୌଶ ଗୋପାଳପୁର ଗଣବଳାକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରେ ଏକ ମହିଳାକୁ ଦୁଷ୍କର୍ମ କରି ହତ୍ୟା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଏପରି ପରିସ୍ଥିତିରେ ମଧ୍ୟ, କ୍ୟାବିନେଟରେ ଗୋଟିଏ ମଧ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇନାହିଁ। ମହିଳା ସଶକ୍ତିକରଣ ଓଡ଼ିଶାର ପରିଚୟ। ଏଠାରେ "ରଜ ପର୍ବ" ମହିଳାମାନଙ୍କର ପ୍ରଜନନ ଏବଂ ଶକ୍ତିକୁ ଉତ୍ସର୍ଗୀକୃତ କରି ପାଳନ କରାଯାଏ। କିନ୍ତୁ ଦୁଃଖର ବିଷୟ ରଜ ପର୍ବ ସମୟରେ ଆମ ରାଜ୍ୟରେ ୩ଟି ଗଣଦୁଷ୍କର୍ମ ଘଟଣା ଘଟିଛି। ଗୋପାଳପୁରରେ ଯେତେବେଳେ ଜଣେ ଝିଅ ବନ୍ଧୁଙ୍କ ସହିତ ରଜ ପର୍ବ ଦିନ ବେଳାଭୂମିକୁ ଯାଏ, ସେଠାରେ ୧୦ ଜଣ ଲୋକ ତାଙ୍କୁ ଗଣଦୁଷ୍କର୍ମ କରନ୍ତି। ବିଧାନସଭା ଘେରାଉ ପରେ, କଂଗ୍ରେସ ନେତାମାନଙ୍କୁ ବିଧାନସଭାରୁ ନିଲମ୍ବିତ କରାଯିବା ସହ ଅଗଣତାନ୍ତ୍ରିକ ଉପାୟରେ କଂଗ୍ରେସ ନେତୃବୃନ୍ଦଙ୍କ ନାମରେ ପୋଲିସ କେସ କରିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀମତୀ ବାହିନୀପତି କ୍ଷୋଭ ପ୍ରକାଶ କରିଛନ୍ତି।

### ବେଦାନ୍ତ ଆଲୁମିନିୟମ ଭାରତର ୫ଜି ଏବଂ ଭିତ୍ତିଭୂମି ମଧ୍ୟରେ

## ଆଲୁମିନିୟମ ତାର ରଡ୍ ପାଇଁ ବଢୁଥିବା ଚାହିଦା ପୂରଣ କରିବାକୁ ପ୍ରସ୍ତୁତ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଘୋଷଣା କରିଛି ଯେ ଏହାର ୟୁନିଟ୍, ଭାରତ ଆଲୁମିନିୟମ କମ୍ପାନୀ (ବାଲକୋ) ଏହାର ଚଳିତ ମୋଟ ୧ ମେଟ୍ରିକ୍ ଟନ୍ ପ୍ରତିବର୍ଷ (ଏମଟିପିଏ) ସମ୍ପ୍ରସାରଣର ଅଂଶ ଭାବରେ ତାର ରଡ୍ ଉତ୍ପାଦନ କ୍ଷମତାକୁ ବିସ୍ତାର କରୁଛି। ଡିଜିଟାଲ୍ ଏବଂ ଶିଳ୍ପ ଭିତ୍ତିଭୂମିରେ ଭାରତର ଦ୍ରୁତ ଅଭିବୃଦ୍ଧି ଦ୍ୱାରା ସୃଷ୍ଟି ହୋଇଥିବା ଚାହିଦା ପୂରଣ କରିବା ପାଇଁ କମ୍ପାନୀ ଉଚ୍ଚ-ଗୁଣବତା ଆଲୁମିନିୟମ ତାର ରଡ୍ ପାଇଁ ଏକ ବିଶାଳ ସମ୍ଭାବନା ଦେଖୁଛି। ଦେଶ ଏହାର ୫ଜି ନେଟୱାର୍କ, ଗ୍ରାମୀଣ ବ୍ରଡବ୍ୟାଣ୍ଡ, ସ୍ମାର୍ଟ ସିଟି ଏବଂ କ୍ଲାଉଡ୍ ଭିତ୍ତିଭୂମିକୁ ଆକ୍ରମଣାତ୍ମକ ଭାବରେ ବୃଦ୍ଧି କରୁଥିବାରୁ, ଏହାର ଉଚ୍ଚ ପରିବାହୀତା, କ୍ଷୟ ପ୍ରତିରୋଧ, ଏବଂ ହାଲୁକା ଶକ୍ତି ଯୋଗୁଁ ଆଲୁମିନିୟମ ପସନ୍ଦର ସାମଗ୍ରୀ ଭାବରେ ଉଭା ହୋଇଛି।

ବାଲକୋର ବିଆଇଏସ-ପ୍ରମାଣିତ ଆଲୁମିନିୟମ ତାର ରଡ୍ ସିମଲେସ୍ ସିଗନାଲ୍ ଟ୍ରାନ୍ସମିସନ୍ ଏବଂ ନିର୍ଭରଯୋଗ୍ୟ ନେଟୱାର୍କ କାର୍ଯ୍ୟଦକ୍ଷତାକୁ ସକ୍ଷମ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କେବଳ ଆର୍ଥିକବର୍ଷ୨୫ରେ, ବାଲକୋ ୨,୦୦,୦୦୦ ଏମଟିପିଏରୁ ଅଧିକ ଆଲୁମିନିୟମ ତାର ରଡ୍ ଉତ୍ପାଦନ କରିଥିଲା, ଯାହାର ୧୦୦% ଉତ୍ପାଦନ ବର୍ଦ୍ଧିତ ଘରୋଇ ଚାହିଦା ପୂରଣ କରୁଥିଲା, ବିଶେଷକରି ଗୁଜରାଟ, ମହାରାଷ୍ଟ୍ର ଏବଂ ରାଜସ୍ଥାନ ଭଳି ରାଜ୍ୟରେ। ଏହାର ପୋର୍ଟଫୋଲିଓରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ପାଇଁ ପ୍ରସ୍ତୁତ ଉଚ୍ଚ-କାର୍ଯ୍ୟକ୍ଷମତା ଗ୍ରେଡ୍ ଅନ୍ତର୍ଭୁକ୍ତ, କଣ୍ଡକ୍ଟର ଏବଂ କେବୁଲ୍ ସିଥ୍ ଠାରୁ ଟାୱାର ଗ୍ରାଉଣ୍ଡିଂ ଏବଂ ଅପ୍ଟିକାଲ୍ ଫାଇବର କେବୁଲିଂ ପର୍ଯ୍ୟନ୍ତ ବ୍ୟବହାର କରାଯାଇଥାଏ।

କମ୍ପାନୀ ଭାରତର ପ୍ରଥମ କମ୍ପାନୀ ଥିଲା ଯାହାକୁ ଆଲୟ ତାର ରଡ୍ ପାଇଁ ବିଆଇଏସ ୫୪୮୪ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା, ଯାହା ଗୁଣବତା ଏବଂ ନବସୃଜନରେ ଏକ ନେତା ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି: "ଭାରତ ପାଇଁ ଏକ ସ୍ଥିର ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଡିଜିଟାଲ୍ ମେରୁଦଣ୍ଡ ଗଠନ ପାଇଁ ଆଲୁମିନିୟମ ତାର ରଡ୍ ଅପରିହାର୍ଯ୍ୟ। ବେଦାନ୍ତରେ, ଆମେ ଟେଲିକମ୍ ଏବଂ ବିଦ୍ୟୁତ୍ କ୍ଷେତ୍ରର ବିକଶିତ ଆବଶ୍ୟକତା ପୂରଣ କରୁଥିବା ଉଚ୍ଚ-ପ୍ରଦର୍ଶିତ ଗ୍ରେଡ୍ ର ଏକ ବିଆଇଏସ-ପ୍ରମାଣିତ ପୋର୍ଟଫୋଲିଓ ପ୍ରଦାନ କରିବାକୁ ଗର୍ବିତ। ବାଲକୋରେ କ୍ଷମତା ବିସ୍ତାର ସହିତ, ଆମେ ଆମର ସ୍ଥାୟୀତ୍ୱ ପ୍ରତିବଦ୍ଧତା ପ୍ରଦାନ କରିବା ସହିତ ଉନ୍ନତ ପରିବାହୀ ସାମଗ୍ରୀ ପାଇଁ ଭାରତର ବର୍ଦ୍ଧିତ ଚାହିଦା ପୂରଣ କରିବାକୁ ପ୍ରସ୍ତୁତ।

## ପାତ୍ରପଡ଼ାର ରଜ ମହୋତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର, (ସବ୍ୟୁ): ନିକଟସ୍ଥ ପାତ୍ରପଡ଼ାରେ ଚଳିତବର୍ଷ ରଜ ମହୋତ୍ସବ-୨୦୨୫କୁ ବଡ଼ ଧୁମ୍‌ଧାମ୍‌ରେ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ରଜ ମହୋତ୍ସବ ଗତ ୧୩ ତାରିଖ ସଜବାଜରୁ ଆରମ୍ଭ ହୋଇ ଗତକାଲି ୧୭ ତାରିଖରେ ବସୁମତୀ ସ୍ନାନରେ ସରିଛି। ପହିଲି ରଜ ଦିନ ସକାଳ ୧୧ଟାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁରେଶ କୁମାର ରାଉତରାୟ, ମେୟର ସୁଲୋଚନା ଦାସ, ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଘାଟନ କରିଥିଲେ। ସକାଳେ ରଜ ମହୋତ୍ସବକୁ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ଦୋଳି ଓ ରଜ ପିଠାକୁ ମଧ ଆରମ୍ଭ କରିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ଉଚ୍ଚକୋଟୀର ଡ୍ୟାନ୍ସ ହେବା ସଙ୍ଗେ ସଙ୍ଗେ ନିମନ୍ତ୍ରୀତ ଅତିଥିମାନେ ଯୋଗଦେଇଥିଲେ। ଏଥିରେ ଏକାମ୍ର ବିଧାୟକ ବାବୁ ସିଂ, ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ମନ୍ମଥ ରାଉତରାୟ, ମେୟର ସୁଲୋଚନା ଦାସ, ସଂଗ୍ରାମ କେଶରୀ ପାଇକରାୟ, ଦୁଃଶାସନ ସ୍ୱାଇଁ ଏବଂ ଯୁବ ଉଦ୍ୟୋଗୀ ସମ୍ବିତ ସାହୁ ଉଦ୍‌ଯାପନୀ ଦିବସରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ି ଯୋଗଦେଇଥିଲେ। ୬୫ନଂ ଓ୍ୱାର୍ଡର କର୍ପୋରେଟର ତଥା ରଜ କମିଟିର ଉପଦେଷ୍ଟା ରଶ୍ମୀରଞ୍ଜନ ପାଟ୍ଟଶାଣୀ ଯୋଗ ଦେଇଥିଲେ। ବିଭିନ୍ନ ପ୍ରକାର ଦୋଳି ସାଙ୍ଗକୁ ମୀନାବଜାର ଓ ବିଭିନ୍ନ ପ୍ରକାରର ଦୋକାନ ପସରା ଖୋଲି ବେପାର କରିବା ଦେଖାଯାଇଥିଲା। ପାତ୍ରପଡ଼ା ଓ ଭଗବାନପୁର ସମେତ ଆଖପାଖର ବହୁ ଲୋକଙ୍କ ସମାଗମ ମଧ ହୋଇଥିଲା। ଏହି ଉତ୍ସବରେ ମହାରାଜା କ୍ରିକେଟ୍ ଆସୋସିଏଶନ ଓ ପାତ୍ରପଡ଼ା-ଭଗବାନପୁର ଯୁବବାହିନୀର ସମସ୍ତ ସଭ୍ୟଙ୍କ ସହଯୋଗରେ ଏ ଉତ୍ସବଟି ସମାପନ ହୋଇଥିଲା। ସନ୍ଧ୍ୟାରେ ଲକି, ମେଘା ଓ ତିତିଲି ପିଲାମାନଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସଙ୍ଗେ ସଙ୍ଗେ ଆମ ଗାଁର ଆରାଧ ବାହିନୀ ଦ୍ୱାରା ଉତ୍ସବଟି ସୁରୁଖୁରୁରେ ସମାପନ ହୋଇଥିଲା। ଏଥିରେ ମହାରାଜା କ୍ରିକେଟ ଆସୋସିଏଶନର ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ବରିଷ୍ଠ ସଭ୍ୟ ଦୁଃଶାସନ ରଥ, ରବୀନ୍ଦ୍ର ସାହୁ, ହୃଦୟ ବଲ୍ଲଭ ପାଟ୍ଟଶାଣୀ, ଅତୀଶ କୁମାର ମାର୍ଥା, ଡମ୍ବରୁଧର ରାଉତରାୟ ପ୍ରମୁଖ ଯୋଗ ଦେଇଥିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସତ୍ୟନାରାୟଣ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।




## କ୍ଷେତରେ ମେଣ୍ଢା ପଶିବାରୁ ମରଣାନ୍ତକ ଆକ୍ରମଣ

ନିମାପଡା, (ସବ୍ୟୁ): ମେଣ୍ଢା ଚରାଉଥିବା ବେଳେ ଜଣଙ୍କ କ୍ଷେତକୁ ଗୋଟିଏ ମେଣ୍ଢାଟି ପଶିଯିବାରୁ କ୍ଷେତ ମାଲିକଙ୍କ ପୁଅ ଏବଂ ପନୀ ମିଶି ମେଣ୍ଢା ଚରାଳୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଚାରିଛକ ଥାନାରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଚାରିଛକ ଥାନା ସୁଧବାରିମୂଳ ଗ୍ରାମର ଗୌରାଙ୍ଗ ଚରଣ ଦାସ ଗତ କାଲି ଅପରାହ୍ନରେ କ୍ଷେତକୁ ମେଣ୍ଢା ଚରାଇବାକୁ ନେଇଥିଲେ। ଗୋଟିଏ ମେଣ୍ଢା ଭୁଲବଶତଃ ପ୍ରଫୁଲ୍ଲ ଦାସଙ୍କ ବିଲକୁ ପଶିଯାଇଥିଲା। କ୍ଷେତରେ ମେଣ୍ଢା ପଶିଥିବା ଦେଖି ପ୍ରଫୁଲଙ୍କ ପନୀ ଓ ପୁଅ ମିଶି ଗୌରାଙ୍ଗଙ୍କୁ ଗାଳିଗୁଲଜ କରିବା ସହିତ ଠେଙ୍ଗାରେ ମାଡ ମାରିବାରୁ ଗୌରାଙ୍ଗଙ୍କ ମୁଣ୍ଡ ଫାଟିଯିବା ସହିତ ଶରୀରରେ ଆଘାତ ଲାଗିଛି। ଏସଂପର୍କରେ ଗୌରାଙ୍ଗ ଚାରିଛକ ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଉଦ୍ୟମ କ୍ୟାରିଅର କ୍ଲାସେସ୍, ଭୁବନେଶ୍ୱରର ଐତିହାସିକ ନିଟ୍ ଫଳାଫଳ

ଭୁବନେଶ୍ୱର (ସବ୍ୟୁ): ଉଦ୍ୟମ କ୍ୟାରିଅର କ୍ଲାସେସ ପ୍ରାଇଭେଟ ଲିମିଟେଡ଼, ଭୁବନେଶ୍ୱର, ଜାଗମରା ଶାଖାର ନିଟ୍ ଫଳାଫଳ ଏକ ଐତିହାସିକ ରେକର୍ଡ କରିଛି। ଏହି ଅନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇଥାଏ। ସୀମିତ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଏହି ଅନୁଷ୍ଠାନ ଶିକ୍ଷାଦାନ ପାଇଁ ଆଡ଼ମିସନ ନେଇଥାଏ ଏବଂ ସେଇ ଛାତ୍ରଛାତ୍ରୀଙ୍କୁ ଶତପ୍ରତିଶତ ଫଳାଫଳ ପାଇଁ ଅନୁଷ୍ଠାନ ଚେଷ୍ଟା କରିଥାଏ। ଚଳିତ ବର୍ଷ ୩୧ ଜଣ କୃତି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୧୦ ଜଣ ସରକାରୀ ମେଡିକାଲ କଲେଜରେ ପାଠ ପଢିବା ପାଇଁ ନିଶ୍ଚୟ ଯୋଗ୍ୟ ହେବେ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ଅନ୍ୟ କୃତି ଛାତ୍ରଛାତ୍ରୀମାନେ ବିଡ଼ିଏସ, ହୋମିଓପାଥିକ୍, କିମ୍ବା ଆୟୁର୍ବେଦିକ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟ ହେବେ। ଅମିତ ବଳିୟାରସିଂହ ୯୯୩ ରାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି, ଦିଶିତା ଦାସ ୭୪୮ ରାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସରକାରୀ ମେଡିକାଲ କଲେଜ ରେ ଏହି ଛାତ୍ରଛାତ୍ରୀ ମାନେ ଆଡ଼ମିସନ ପାଇଁ ନିଶ୍ଚିତ ଭାବେ ମନୋନୀତ ହେବେ। ତେବେ ରାଜଧାନୀରେ ଶିକ୍ଷା ପ୍ରଦାନ ପାଇଁ ଅନେକ ଗୁଡିଏ ଅନୁଷ୍ଠାନ ଗଢ଼ି ଉଠିଥିବା ବେଳେ ଏହି ଉଦ୍ୟମ କ୍ୟାରିଅର କ୍ଲାସେସ୍ ର ଗୁଣାତ୍ମକ ଶିକ୍ଷା ଦାନ ପାଇଁ ଆଜି ଅନେକ ଛାତ୍ରଛାତ୍ରୀ ସଫଳତା ର ସହ ନିଟ୍ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇ ନିଜକୁ ଗର୍ବିତ ମନେ କରୁଛନ୍ତି। ପ୍ରଶିକ୍ଷକମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଛାତ୍ରଛାତ୍ରୀ ମାନେ ଏହି ସଫଳତା ହାସଲ କରିବା ପାଇଁ ସୁଯୋଗ ପାଇପାରୁଛନ୍ତି।



## ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଯାନ ବାହନ ଯାଞ୍ଚ କଡାକଡି

ପୁରୀ (ସବ୍ୟୁ): ଆଗାମୀ ରଥ ଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସହରରେ ଯାନ ବାହନ ଯାଞ୍ଚକୁ କଡାକଡି କରାଯାଇଛି। ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓଏସଡି ରବିନ କୁମାର ପଟ୍ଟନାୟକଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀଙ୍କ ନେତୃତ୍ୱରେ ଗତ କାଲି ରାତିରେ ସହରର ବିଭିନ୍ନ ସ୍ଥାନରେ ବିନା ଡ୍ରାଇଭିଂ ଲେଇସେନ୍ସ, ବିନା ରେଜିଷ୍ଟ୍ରେସନରେ ଓ ନିୟମ ଉଲଙ୍ଘନ କରି ଅଟୋ ରିକ୍ସା ଚଳାଉଥିବା ଅଭିଯୋଗରେ ଜରିମାନା କଟା ଯାଇଛି। ମିଳିଥିବା ସୂଚନା ଅନୁଯାୟୀ ନିୟମ ଉଲଙ୍ଘନ କରିଥିବା ଅଭିଯୋଗରେ ଅଟୋ ରିକ୍ସା ମାଲିକଙ୍କ ଠାରୁ ୨ ଲକ୍ଷ ୫ ହଜାର ଟଙ୍କା ଜରିମାନା କଟା ଯାଇଛି। ନିୟମ ଉଲଙ୍ଘନ ଅଭିଯୋଗରେ ପରିବହନ ବିଭାଗ ଦୁଇ ଗୋଟି ଅଟୋ ଜବତ କରିଛି।


# ଇସ୍ରାଏଲର ପରବର୍ତ୍ତୀ ଟାର୍ଗେଟ୍ ପାକିସ୍ତାନ

ତେଲ ଆଭିଭ : ଇରାନ ଉପରେ ଇସ୍ରାଏଲର ଆକ୍ରମଣ ପରେ ପାକିସ୍ତାନରେ ଭୟର ବାତାବରଣ ସୃଷ୍ଟି ହୋଇଛିଛ କାରଣ ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଦେଇଥିବା ଏକ ବୟାନ ଯେଉଁଥିରେ ସେ କହିଥିଲେ ଯେ ଇରାନ ପରି ପାକିସ୍ତାନର ପରମାଣୁ କାର୍ଯ୍ୟକ୍ରମକୁ ବି ବିପଦ ଭାବେ ଦେଖୁଛି ଇସ୍ରାଏଲ । ଏବେ ଜଣେ ଇସ୍ରାଏଲୀ ବିଶେଷଜ୍ଞଙ୍କ ଦାବି ଇସଲାମାବାଦର ନିଦ ହଜାଇ ଦେଇଛି । ଇସ୍ରାଏଲୀ ଲେଖକ ଏବଂ ଅନ୍ତର୍ଜାତୀୟ ବ୍ୟାପାର ବିଶେଷଜ୍ଞ ମୈର ମାସରି ଦାବି କରିଛନ୍ତି ଯେ ଇରାନ ପରେ ଇସ୍ରାଏଲର ନଜର ଏବେ ପାକିସ୍ତାନର ପରମାଣୁ କାର୍ଯ୍ୟକ୍ରମ ଉପରେ ରହିଛି । ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ଶୀର୍ଷରେ ଅଛି । ଦିନରାତି ଉଭୟ ପାଶ୍ୱର୍ରୁ କ୍ଷେପଣାସ୍ତ୍ର ବର୍ଷା ହେଉଛି ।ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଏକ ପୁରୁଣା ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ସେ ଇରାନ ପରେ ପାକିସ୍ତାନ ଉପରେ ଆକ୍ରମଣ କରିବା



ବିଷୟରେ କହୁଥିବା ଶୁଣାଯାଉଛି ।ଏହି ଭିଡିଓ ଏବଂ ମାସରିଙ୍କ ବୟାନ ପରେ ପାକିସ୍ତାନରେ ସୋସିଆଲ ମିଡିଆରେ ବିତର୍କ ତୀବ୍ର ହୋଇଛି । ଲୋକମାନେ ପ୍ରଶ୍ନ ପଚାରୁଛନ୍ତି ଯେ ଇସ୍ରାଏଲ ପ୍ରକୃତରେ ଏବେ ପାକିସ୍ତାନର ପରମାଣୁ ଘାଟିକୁ ଟାର୍ଗେଟ କରିପାରିବ କି? ଏହା କେବଳ ମାନସିକ ଚାପ ନା କୌଣସି ପ୍ରକୃତ ପ୍ରସ୍ତୁତି ଚାଲିଛି? ପାକିସ୍ତାନର ସାମରିକ ମହଲରେ ମଧ୍ୟ ହଇଚଇ ସୃଷ୍ଟି ହୋଇଛି ।

# 'ଆୟାତୋଲ୍ଲା ଖୋମିନିଙ୍କୁ ଛାଡ଼ିବୁନି'



ତେଲ ଆଭିଭ୍ : ଇସ୍ରାଏଲ ଖୋଲାଖୋଲି ଭାବରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖୋମିନିଙ୍କୁ ଧମକ ଦେଇଛି । ଇସ୍ରାଏଲ ଏହି ଆକ୍ରମଣକୁ ଯୁଦ୍ଧ ଅପରାଧ ବୋଲି କହିଛି । ଖୋମିନି ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ । ତାଙ୍କୁ ଛଡ଼ାଯିବ ନାହିଁ ବୋଲି ଇସ୍ରାଏଲ କହିଛି । ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କୋଟଜ୍ ଏହି ଆକ୍ରମଣ ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, କାପୁରୁଷ ଇରାନୀ ଏକ ଏକଛତ୍ରବାଦୀ ବଙ୍କରରେ ଲୁଚି ରହିଛନ୍ତି ଏବଂ ଆମର ହସ୍ପିଟାଲ ଏବଂ ଆବାସିକ ସ୍ଥାନଗୁଡ଼ିକୁ ଟାର୍ଗେଟ କରିଛନ୍ତି । ଏହା ସବୁଠାରୁ ଖରାପ ପ୍ରକାରର ଯୁଦ୍ଧ ଅପରାଧ । ଏଥିପାଇଁ ଖୋମେନିଙ୍କୁ ଦଣ୍ଡ ଭୋଗିବାକୁ ପଡିବ । ସେ ଏହି ଅପରାଧ ପାଇଁ ସମ୍ପୂର୍ଣ୍ଣ ଦାୟୀ । କାଟ୍ଜ୍ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ତେହେରାନରେ ଆକ୍ରମଣକୁ ଆହୁରି ତୀବ୍ର କରିବାକୁ ଇସ୍ରାଏଲ ପ୍ରତିରକ୍ଷା ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଇଣ୍ଡିଗୋ ଉପରେ ପଡିଛି ଶନିଦଶା

ନୂଆଦିଲ୍ଲୀ: ଏୟାର ଇଣ୍ଡିଆ ପରେ ଏବେ ଇଣ୍ଡିଗୋ ଉପରେ ପଡିଛି କି ଶନିଦଶା ? ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏୟାର ଇଣ୍ଡିଆକୁ ନେଇ ଅଘଟଣର ଖବର ଆସୁଥିବା ବେଳେ ଏବେ ପୁଣି ଇଣ୍ଡିଗୋ ଏୟାରଲାଇନ୍ସକୁ ନେଇ ଆସିବାରେ ଲାଗିଛି ଅଘଟଣର ଖବର । ଇଣ୍ଡିଗୋ ହେଉ କି ଏୟାର ଇଣ୍ଡିଆ- ଗୋଟେ ପ୍ରକାର କହିବାକୁ ଗଲେ ବିମାନ ସେବାର ବେଳା ଖରାପ ଚାଲିଛି । କାରଣ କେତେବେଳେ ଦୁର୍ଘଟଣା ତ କେତେବେଳେ ବୋମା ଧମକ ତ ଆଉ କେତେବେଳେ ଯାନ୍ତ୍ରିକ ତ୍ରୁଟି ପାଇଁ ବିମାନର ଜରୁରୀ ଅବତରଣ ହେଉଛି । ଦିଲ୍ଲୀ ବିମାନ ବନ୍ଦରରେ ଜରୁରୀ ଅବତରଣ କଲା ଇଣ୍ଡିଗୋ ବିମାନ- ୬ଇ ୨୦୦୬ । ଦିଲ୍ଲୀରୁ ଲେହ ପାଇଁ ଉଡାଣ ଭରିଥିଲା ଏହି ବିମାନ । ତେବେ ଉଡାଣ ଭରିବାର କିଛି ସମୟ ମଧ୍ୟରେ ବିମାନରେ ଦେଖାଦେଇଥିଲା ଯାନ୍ତ୍ରିକ ତ୍ରୁଟି । ଯାହା ଫଳରେ ବିମାନକୁ ଫେରାଇ ଅଣା ଯାଇଥିଲା । ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବିମାନକୁ ଦିଲ୍ଲୀ ଏୟାରପୋର୍ଟରେ ଜରୁରୀ ଅବତରଣ କରାଯାଇଥିଲା । ବିମାନରେ ମୋଟ ୧୮୦ ଯାତ୍ରୀ ଥିଲେ ଛ ଅବତରଣ ପରେ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ।



ଗତ ମଙ୍ଗଳବାର ଦିନ ନାଗପୁରରେ ମଧ୍ୟ ଇଣ୍ଡିଗୋର ବିମାନ ଜରୁରୀ ଅବତରଣ କରିଥିଲା । ବିମାନକୁ ବୋମା ଧମକ ମିଳିବା ପରେ ଇଣ୍ଡିଗୋ ବିମାନ ଜରୁରୀ ଅବତରଣ କରିଥିଲା । କୋଚିରୁ ଦିଲ୍ଲୀ ଯାଉଥିବା ବେଳେ ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନକୁ ବୋମା ଧମକ ମିଳିଥିଲା । ଇଣ୍ଡିଗୋ ବିମାନ ୬ଇ-୨୭୦୬ ଦିଲ୍ଲୀ ଅଭିମୁଖେ ଉଡାଣ ଭରି ସାରିଥିବା ବେଳେ ବୋମା ଧମକ ମିଳିଥିଲା ଆଉ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ନାଗପୁର ଏୟାରପୋର୍ଟରେ ଜରୁରୀ ଅବତରଣ କରିଥିଲ ।

# କମୁଛି କରୋନା



ନୂଆଦିଲ୍ଲୀ:ଗୁରୁବାର ଦିନ ଭାରତରେ ସକ୍ରିୟ କୋଭିଡ୍-୧୯ ମାମଲା ସଂଖ୍ୟା ୫,୯୭୬କୁ ହ୍ରାସ ପାଇଛି , ଯାହା ପୂର୍ବ ଦିନ ୬,୪୮୩ ଥିଲା । ଏହା ଲଗାତାର ତୃତୀୟ ଦିନ ପାଇଁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ତିନି ଜଣଙ୍କ ମୃତ୍ୟୁ ରିପୋର୍ଟ ହୋଇଛି ।ତିନି ଜଣଙ୍କ ମୃତ୍ୟୁ ମଧ୍ୟରୁ ଦୁଇଜଣ ଦିଲ୍ଲୀର ଏବଂ ଜଣେ କେରଳର । ସମସ୍ତ ମୃତକ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟା ଥିବା ବୟସ୍କ ବ୍ୟକ୍ତି ଥିଲେ ।ଉଲ୍ଲେଖଯୋଗ୍ୟ, ତେବେ ଏଥର କରୋନା ବେଶି ସଂଘାତିକ ନୁହେଁ ଓ ଚିନ୍ତାର ବିଷୟ ନୁହେଁ, କିନ୍ତୁ ସତର୍କତା ଆବଶ୍ୟକତା ରହିଛି ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ।

# ଇରାନର କ୍ଷେପଣାସ୍ତ୍ର ମାଡ଼ : ଇସ୍ରାଏଲ୍‌ର ୩୦ ଆହତ

ନୂଆଦିଲ୍ଲୀ: ଇସ୍ରାଏଲ୍-ଇରାନ ମଧ୍ୟରେ ବିବାଦ ଥମିବାର ନାଁ ଧରୁନାହିଁ । ଇସ୍ରାଏଲ ଏବଂ ଇରାନ ଲଗାତାର ସପ୍ତମ ଦିନ ପାଇଁ ପରସ୍ପର ଉପରେ ଅନେକ କ୍ଷେପଣାସ୍ତ୍ର ନିକ୍ଷେପ କରିଚାଲିଛନ୍ତି । ଇରାନର କ୍ଷେପଣାସ୍ତ୍ର ମାଡ଼ରେ ଇସ୍ରାଏଲର ପ୍ରାୟ ୩୦ ଜଣ ଆହତ ହୋଇଛନ୍ତି ବୋଲି ସୂଚନା ରହିଛି । କେବଳ ସେତିକି ନୁହେଁ ଇରାନର କ୍ଷେପଣାସ୍ତ୍ର ମାଡ଼ରେ ଇସ୍ରାଏଲର ଅନେକ ପରମାଣୁ ସ୍ଥଳ, ହସ୍ପିଟାଲ୍ ଆଦି କ୍ଷତିଗ୍ରସ୍ତ ହୋଇଛି ।ସେଠାରୁ ଧୂଆଁ ବାହାରୁଥିବାର ଦେଖିବାକୁ ମିଳିଛି । କେବଳ ସେତିକି ନୁହେଁ ଏକ ଲାଇଭ୍ କାର୍ଯ୍ୟକ୍ରମକୁ ସାମ୍ବାଧନ କଲା ବେଳେ ଇରାନର ସର୍ବୋଚ୍ଚ ନେତା



ଆୟାତୋଲ୍ଲା ଖାମେନି ଘୋଷଣା କରିଛନ୍ତି ଯେ ଦେଶ ଏକତାରେ ରହିଛି ଏବଂ ବାହ୍ୟ ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ । ଇରାନକୁ ଆତ୍ମସମର୍ପଣ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ । ଯାହାର ଜବାବରେ, ଖୋମେନି ଏପରି ଏକ କଠୋର ଚେତାବନୀ ଦେଇଛନ୍ତି । ସେ ଚେତାବନୀ ଦେଇ କହିଛନ୍ତି କି ଯେକୌଣସି ଆମେରିକୀୟ ସାମରିକ ଆକ୍ରମଣ ଗମ୍ଭୀର ଅପୂରଣୀୟ ପରିଣାମ ଆଣିବ ।

# କଂଗ୍ରେସ ସହ ମତଭେଦ ଅଛି : ଥରୁର

ନୂଆଦିଲ୍ଲୀ: କଂଗ୍ରେସ ନେତା ଶଶି ଥରୁର ପୁଣି ଥରେ ଖବରରେ ଅଛନ୍ତିଛ 'ବିଜେପିର ସୁପର ପ୍ରବକ୍ତା' ବୋଲି କୁହାଯିବାର ମାତ୍ର କିଛି ସପ୍ତାହ ପରେ, ଗୁରୁବାର ସେ ଖୋଲାଖୋଲି ଭାବରେ ସ୍ୱୀକାର କରିଛନ୍ତି ଯେ ତାଙ୍କର କିଛି ପ୍ରସଙ୍ଗରେ କଂଗ୍ରେସ ଦଳର ନୀତି ଏବଂ ନେତୃତ୍ୱ ସହିତ ମତଭେଦ ଅଛି । ଶଶି ଥରୁର କହିଛନ୍ତି, 'ମୁଁ ଗତ ୧୬ ବର୍ଷ ଧରି କଂଗ୍ରେସରେ କାମ କରୁଛି । ମୋର ଦଳ ସହିତ କିଛି ମତଭେଦ ଅଛି, ଏବଂ ମୁଁ ଦଳ ଭିତରେ ଏହା ଉପରେ ଆଲୋଚନା



କରିବି. ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କେବଳ ସାଂସଦଙ୍କ ପ୍ରତିନିଧିମଣ୍ଡଳ ସହିତ ଜଡିତ ବିଷୟ ଉପରେ ଥିଲା ।ଯେତେବେଳେ ଦେଶ ପାଇଁ କୌଣସି ସମସ୍ୟା ଉପୁଜେ, ଦେଶ ସହିତ ଠିଆ ହେବା ଆମର ଦାୟିତ୍ୱ । ଏଠାରେ ପ୍ରଶ୍ନ ଉଠୁଛି ମତଭେଦ ସତ୍ତ୍ୱେ ସେ ନିଜେ କଂଗ୍ରେସ ଛାଡିବା ପରିବର୍ତ୍ତେ ଦଳଠାରୁ କାର୍ଯ୍ୟାନୁଷ୍ଠାନ ପାଇଁ କାହିଁକି ଅପେକ୍ଷା କରୁଛନ୍ତି? ରାଜନୈତିକ ବିଶ୍ଳେଷକଙ୍କ ମତରେ ସେ ନିଜେ ଦଳ ଛାଡ଼ିବା ପରିବର୍ତ୍ତେ ଚାହୁଁଥାଇପାରନ୍ତି ଯେ ଦଳ ତାଙ୍କୁ ଅନୁଶାସନମୂଳକ କାରଣ ଦର୍ଶାଇ ବିଦା କରୁ । ଏପରି ହେଲେ ତାଙ୍କ ଭାବମୂର୍ତ୍ତି କାଏମ ରହିବ ।

## ଭାରତ- କ୍ରୋଏସିଆ ମିଳିତ ଘୋଷଣାନାମା

# ପ୍ରତିରକ୍ଷା କ୍ଷେତ୍ରରେ ଦୀର୍ଘକାଳୀନ ସହଯୋଗ


ନୂଆଦିଲ୍ଲୀ : ଗଣତନ୍ତ୍ର, ଆଇନର ଶାସନ, ବହୁଳତାବାଦ ଏବଂ ସମାନତା ଭଳି ସହଭାଗୀ ମୂଲ୍ୟବୋଧ ଦ୍ୱାରା ଭାରତ ଏବଂ କ୍ରୋଏସିଆ ଏକଜୁଟ ହୋଇଛନ୍ତି । ଏହା ଖୁସିର କଥା ଯେ ଗତ ବର୍ଷ, ଭାରତର ଲୋକମାନେ ମୋତେ ଦାୟିତ୍ୱ ପ୍ରଦାନ କରିଥିଲେ-ଏବଂ କ୍ରୋଏସିଆର ଲୋକମାନେ କ୍ରମାଗତ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଆନ୍ଦ୍ରେଜ୍ ପ୍ଲେନକୋଭିକଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ । ଏହି ନୂତନ ସାର୍ବଜନୀନ ଜନାଦେଶ ସହିତ, ଆମେ ଏହି କାର୍ଯ୍ୟକାଳରେ ଆମର ଦ୍ୱିପାକ୍ଷିକ ସମ୍ପର୍କର ଗତିକୁ ତିନିଗୁଣ କରିବାକୁ ପ୍ରତିଶ୍ରୁତିବଦ୍ଧ ।ପ୍ରତିରକ୍ଷା କ୍ଷେତ୍ରରେ ଦୀର୍ଘକାଳୀନ ସହଯୋଗ ପାଇଁ ଏକ 'ପ୍ରତିରକ୍ଷା ସହଯୋଗ ଯୋଜନା' ପ୍ରସ୍ତୁତ କରାଯିବ, ଯେଉଁଥିରେ ପ୍ରଶିକ୍ଷଣ, ପ୍ରତିରକ୍ଷା ବିନିମୟ ଏବଂ ପ୍ରତିରକ୍ଷା ଉଦ୍ୟୋଗରେ ସହଯୋଗ ଉପରେ ଗୁରୁତ୍ୱ ଦିଆଯିବ । ଅନେକ କ୍ଷେତ୍ର ଚିହ୍ନଟ କରାଯାଇଛି ଯେଉଁଠାରେ ଆମର ଅର୍ଥବ୍ୟବସ୍ଥା ପରସ୍ପରର ପରିପୂରକ ଏବଂ ଏହାକୁ ସକ୍ରିୟ ଭାବେ ଅନୁସରଣ କରାଯିବ ।ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ଏବଂ ବିଶ୍ୱସନୀୟ ଯୋଗାଣ ଶୃଙ୍ଖଳା ସୃଷ୍ଟି ପାଇଁ ଆମେ ଅନେକ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛୁଛ ଆମେ ଔଷଧ, କୃଷି, ସୂଚନା ପ୍ରଯୁକ୍ତି, ସ୍ୱଚ୍ଛ ପ୍ରଯୁକ୍ତି, ଡିଜିଟାଲ ପ୍ରଯୁକ୍ତି, ଅକ୍ଷୟ ଶକ୍ତି ଏବଂ ସେମିକଣ୍ଡକଟର ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗକୁ ପ୍ରୋତ୍ସାହନ ଦେବୁ ।ଜାହାଜ ନିର୍ମାଣ ଏବଂ ସାଇବର ସୁରକ୍ଷା କ୍ଷେତ୍ରରେ ଆମେ ସହଯୋଗକୁ ସୁଦୃଢ଼ କରିବୁ । ଭାରତର ସାଗରମାଳା ପ୍ରକଳ୍ପ ଅଧୀନରେ କ୍ରୋଏସିଆ କମ୍ପାନୀଗୁଡ଼ିକ ବନ୍ଦର ଆଧୁନିକୀକରଣ, ଉପକୂଳ-ଜୋନ୍ ବିକାଶ ଏବଂ ମଲଟି-ମଡେଲ ସଂଯୋଗ ପଦକ୍ଷେପରେ ଅଂଶଗ୍ରହଣ କରିବାର ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରହିଛି । ଆମେ ଆମର ଶିକ୍ଷାନୁଷ୍ଠାନ ଏବଂ ଗବେଷଣା କେନ୍ଦ୍ରଗୁଡ଼ିକ ମଧ୍ୟରେ ମିଳିତ ଗବେଷଣା ଏବଂ ସହଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦେଇଛୁ । ଏହାବ୍ୟତୀତ, କ୍ରୋଏସିଆ ସହିତ ନିଜର ମହାକାଶ ବିଶେଷଜ୍ଞତା ଏବଂ ଅଭିଜ୍ଞତା ବାଣ୍ଟିବା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ । ଆମର ଶହ ଶହ ବର୍ଷ ପୁରୁଣା ସାଂସ୍କୃତିକ ସମ୍ପର୍କ ଆମର ପାରସ୍ପରିକ ସ୍ନେହ ଏବଂ ସଦ୍ଭାବନାର ମୂଳଦୁଆ ଗଠନ କରେଛ ଅଷ୍ଟାଦଶ ଶତାବ୍ଦୀରେ, ଇଭାନ ଫିଲିପ ଭେଜଦିନୟୁରୋପରେ ସଂସ୍କୃତ ବ୍ୟାକରଣ



ପ୍ରକାଶ କରିଥିବା ପ୍ରଥମ ବ୍ୟକ୍ତି ଥିଲେ । ଗତ ୫୦ ବର୍ଷ ଧରି ଜାଗ୍ରେବ୍ ବିଶ୍ୱବିଦ୍ୟାଳୟରେ ଇଣ୍ଡୋଲୋଜି ବିଭାଗ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛି । ଆଜି ଆମେ ଆମର ସାଂସ୍କୃତିକ ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଲାଗି ସଂକଳ୍ପ ନେଇଛୁଛ ଜାଗ୍ରେବ୍ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଚେୟାର ପାଇଁ ବୁଝାମଣାର ଅବଧି ୨୦୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ଏବଂ ଆଗାମୀ ପାଞ୍ଚ ବର୍ଷ ପାଇଁ ଏକ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି । ଲୋକମାନଙ୍କ ଗତିବିଧିକୁ ସୁଗମ କରିବା ପାଇଁ, ମୋବିଲିଟି ରାଜିନାମାକୁ ଖୁବ୍ ଶୀଘ୍ର ଚୂଡ଼ାନ୍ତ କରାଯିବଛ ଭାରତର କୁଶଳୀ ଆଇଟି ଶ୍ରମଶକ୍ତିରୁ କ୍ରୋଏସିଆ କମ୍ପାନୀମାନେ ଲାଭବାନ ହୋଇପାରିବେଛ ଆମେ ଦୁଇ ଦେଶ ମଧ୍ୟରେ ପର୍ଯ୍ୟଟନ ବୃଦ୍ଧି କରିବାର ଉପାୟ ଉପରେ ମଧ୍ୟ ଆଲୋଚନା କରିଥିଲୁ ।ଏଠାରେ ଯୋଗର ଲୋକପ୍ରିୟତା ମୁଁ ସ୍ପଷ୍ଟ ଭାବେ ଅନୁଭବ କରିଛି । ଜୁନ୍ ୨୧ ରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବା ସହିତ, ମୋର ବିଶ୍ୱାସ ଯେ, ସର୍ବଦା ପରି, କ୍ରୋଏସିଆର ଲୋକମାନେ ଏହି ଅବସରକୁ ବହୁତ ଉତ୍ସାହର ସହିତ ପାଳନ କରିବେ । ଆମେ ସହମତ ଯେ ଆତଙ୍କବାଦ ମାନବତାର ଶତ୍ରୁ, ଏବଂ ଗଣତାନ୍ତ୍ରିକ ଶକ୍ତିରେ ବିଶ୍ୱାସ କରୁଥିବା ପ୍ରତ୍ୟେକଙ୍କୁ ବିରୋଧ କରେ । ଏପ୍ରିଲ ୨୨ ରେ ଭାରତରେ ଆତଙ୍କବାଦୀ ଆକ୍ରମଣ ପରେ ଏକତା ପ୍ରକାଶ କରିଥିବାରୁ ଆମେ ପ୍ରଧାନମନ୍ତ୍ରୀ ଏବଂ କ୍ରୋଏସିଆ ସରକାରଙ୍କ ନିକଟରେ ଗଭୀର କୃତଜ୍ଞ ।

# ଆସିଲା ଏଚଆଇଭି ପ୍ରତିଷେଧକ ଟୀକା

ନ୍ୟୁୟର୍କ: ଏଚଆଇଭି ଏକ ବିପଦପୂର୍ଣ୍ଣ ଭାଇରସ । ଆଜି ପର୍ଯ୍ୟନ୍ତ ଏଚଆଇଭି ସଂକ୍ରମଣକୁ ସମ୍ପୂର୍ଣ୍ଣ ଭାବରେ ଆରୋଗ୍ୟ କରିବା ପାଇଁ କୌଣସି ଔଷଧ କିମ୍ବା ଟୀକା ତିଆରି ହୋଇନାହିଁ । ତେବେ ଆଶ୍ୱସ୍ତିର କଥା ହେଉଛି ଚିକିତ୍ସା ବିଜ୍ଞାନ ଏହି ଭାଇରସକୁ ରୋକିବାରେ ଏକ ବଡ଼ ସଫଳତା ହାସଲ କରିଛି । ଆମେରିକାର ଔଷଧ ନିୟାମକୟୁଏସଏଫଡିଏ ଲେନାକାପାଭିରକୁ ପ୍ରି-ଏକ୍ସପୋଜର ପ୍ରୋଫାଇଲାକ୍ସିସ୍ ଭାବରେ ଅନୁମୋଦନ କରିଛ । ଏହା ପ୍ରଥମ ଟୀକା ଯାହା ପ୍ରତି ଛଅ ମାସରେ କେବଳ ଦୁଇଟି ଡୋଜ୍ ନେଇ ଏଚଆଇଭି ସଂକ୍ରମଣକୁ ରୋକିପାରିବ । ଉଲ୍ଲେଖଯୋଗ୍ୟ ଯେ ଏହି ଟୀକା ଏଚଆଇଭିର ଉପଚାର ନୁହେଁ । ଏହାକୁ କେବଳ ନେବା ଦ୍ୱାରା ଏଚଆଇଭି ସଂକ୍ରମଣକୁ ରୋକାଯାଇପାରିବ । ଏହି ଟୀକା ସେହି ଲୋକମାନଙ୍କ ମଧ୍ୟରେ




ସଂକ୍ରମଣର ପ୍ରସାରକୁ ରୋକିବ ଯେଉଁମାନେ ଏପର୍ଯ୍ୟନ୍ତ କୌଣସି ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ନାହାଁନ୍ତି । ଉଲ୍ଲେଖଯୋଗ୍ୟ ଯେ ଏହି ଟୀକା ଏଚଆଇଭିର ଉପଚାର ନୁହେଁ । ଏହାକୁ କେବଳ ନେବା ଦ୍ୱାରା ଏଚଆଇଭି ସଂକ୍ରମଣକୁ ରୋକାଯାଇପାରିବ । ଏହି ଟୀକା ସେହି ଲୋକମାନଙ୍କ ମଧ୍ୟରେ ସଂକ୍ରମଣର ପ୍ରସାରକୁ ରୋକିବ ଯେଉଁମାନେ ଏପର୍ଯ୍ୟନ୍ତ କୌଣସି ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ନାହାଁନ୍ତି ।ଆମେରିକାର ବାୟୋ ଫାର୍ମା ଏକ ପ୍ରତିରୋଧକ ଔଷଧ ଭାବରେ ଲେନାକାପାଭିର ପ୍ରସ୍ତୁତ କରିଛି । ଏହି ଟୀକାର ପ୍ରଭାବ ଉପରେ ତିନିଟି ଗବେଷଣା କରାଯାଇଥିଲା । ତିନୋଟି ପ୍ରମୁଖ ପରୀକ୍ଷଣର ଫଳାଫଳରୁ ଜଣାପଡିଛି ଯେ ଏହି ଇଞ୍ଜେକ୍ସନ ନେବା ପରେ, ମହିଳାଙ୍କଠାରେ ଶୂନ୍ୟ (୧୦୦%) ସଂକ୍ରମଣ ହୋଇଥିଲା, ଏବଂ ପୁରୁଷମାନଙ୍କଠାରେ କେବଳ ୦.୧% ସଂକ୍ରମଣ ଦେଖାଯାଇଥିଲା । ଏହି ଗବେଷଣା ନ୍ୟୁ ଇଂଲଣ୍ଡ ଜର୍ଣ୍ଣାଲ ଅଫ୍ ମେଡିସିନରେ ପ୍ରକାଶିତ ହୋଇଥିଲା ।

# ସୋନମର ବାପାମାଆ ଓ ଭାଇଙ୍କୁ ଜେରା

ସିଲଂ: ମେଘାଳୟର ରାଜା ରଘୁବଂଶୀ ହତ୍ୟା ମାମଲାକୁ ନେଇ ପ୍ରତିଦିନ ନୂଆ ଏବଂ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସୁଛି । ଏହି ମାମଲାରେ କ୍ରାଇମ ସିନ୍ ରିକ୍ରିଏସନ୍ ହତ୍ୟା ମାମଲାର ସତ୍ୟକୁ ଉନ୍ମୋଚନ କରିଛି । ସୋନମଙ୍କୁ ନେଇ ସିଲଂ ପୁଲିସ୍ ଗୋଟାଏ ପରେ ଗୋଟାଏ ରାଜ୍ ଉପରୁ ପରଦା ହଟାଇବାରେ ଲାଗିଛି । ସୋନମଙ୍କ ପରିବାର ଲୋକଙ୍କ ସହ କଥା ହେବକୁ ପୁଲିସ୍ ତାଙ୍କ ଘରେ ପହଞ୍ଚିଛି । ପୁଲିସ୍ ସେଠାରେ ପହଞ୍ଚି ଏକ ବନ୍ଧ ଘରେ ସୋନମଙ୍କ ମାଆ, ବାପା ଓ ଭାଇ ଗୋବିନ୍ଦଙ୍କୁ ଜେରା କରିଛି । ଜାଣିବାକୁ ମିଳିଛି ଯେ ପୁଲିସ୍ ସେଠାରେ ଏକ ସୁଟେPସ୍ର ଯାଞ୍ଚ୍ କରିଛିଛ ସିଲଂ ପୁଲିସ୍ ଇନ୍ଦୋର୍‌ରେ



ହିଁ ସେହି କଳା ବ୍ୟାଗ୍ର ଯାଞ୍ଚ୍ କରିଛି । ଯାହାକୁ ଧରି ସୋନମ ହତ୍ୟାକାଣ୍ଡ ପରେ ସୋନମ ଇନ୍ଦୋର ଫେରି ଆସିଥିଲେ । ତେବେ ସେହି କଳା ବ୍ୟାଗ୍ ଭିତରୁ ପୁଲିସ୍କୁ ସେପରି କେଣସି ସୁରାଗ୍ ପାଇପାରିନାହିଁଛ ମେଘାଳୟ ପୁଲିସ ଏହି ହତ୍ୟାକାଣ୍ଡକୁ 'ଅପରେସନ୍ ହନିମୁନ୍' ନାମରେ ନାମିତ ତଦନ୍ତରୁ ଜଣାପଡିଛି ଯେ ରାଜା ରଘୁବଂଶୀଙ୍କ ପତ୍ନୀ ସୋନମ୍ ରଘୁବଂଶୀ ଏହି ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲେ, ଯିଏ ତାଙ୍କ ପ୍ରେମିକ ରାଜ କୁଶଓ୍ୱାହା ଏବଂ ତିନି ଜଣ କଣ୍ଟ୍ରାକ୍ଟ କିଲର୍ ବିଶାଲ ସିଂହ ଚୌହାନ, ଆନନ୍ଦ କୁର୍ମି ଏବଂ ଆକାଶ ରାଜପୁତଙ୍କ ସହିତ ମିଶି ଏହି ହତ୍ୟାକାଣ୍ଡ ଘଟାଇଥିଲେ ।ଏହି ହତ୍ୟାକାଣ୍ଡ ୨୦୨୫ ମଇ ୨୩ ତାରିଖରେ ସିଲଂର ସୋହରା ଅଞ୍ଚଳରେ ଥିବା ଜଳପ୍ରପାତ ନିକଟରେ ଘଟିଥିଲାଛ କ୍ରାଇମ ସିନ୍ ରିକ୍ରିଏସନ୍ ଅନୁସାରେ, ବିଶାଳ ରାଜାଙ୍କ ମୁଣ୍ଡକୁ ପଛରୁ ପ୍ରଥମେ ଘାତକ ଆକ୍ରମଣ କରିଥିଲେ, ଯାହା ପରେ ରାଜା ରକ୍ତରେ ଜୁଡୁବୁଡୁ ହୋଇ ତଳେ ପଡ଼ି ଯନ୍ତ୍ରଣାରେ ଚିତ୍କାର କରିବାକୁ ଲାଗିଥିଲେଛ ଘଟଣାସ୍ଥଳରୁ ଉଠିବାକୁ ଚେଷ୍ଟା କରିଥିଲେ । ଚାରିଆଡକୁ ଅନାଇଥିଲେ । ବଞ୍ଚିବା ପାଇଁ ରାହା ଖୋଜିଥିଲେ । ଏହି ସମୟରେ ସ୍ତ୍ରୀ ସୋନମ୍ ବି ଘଟଣାସ୍ଥଳରେ ଉପସ୍ଥିତ ଥିଲେ, କିନ୍ତୁ ସ୍ୱାମୀଙ୍କ ଉପରେ ପ୍ରଥମ ଆକ୍ରମଣ ପରେ ସେ ପଛକୁ ହଟିଯାଇଥିଲେ । ଏହା ପରେ, ଆନନ୍ଦ ଏବଂ ଆକାଶ ରାଜାଙ୍କ ଉପରେ ଆଉ ଦୁଇଥର ଆକ୍ରମଣ କରିଥିଲେ । ଯାହା ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲାଛ ତିନିଜଣ ଅଭିଯୁକ୍ତ ମିଶି ରାଜାଙ୍କ ମୃତଦେହକୁ ଘଟଣାସ୍ଥଳରୁ କିଛିଦୂରରେ ଥିବା ଏକ ନାଳରେ ଫିଙ୍ଗି ଦେଇ ଚମ୍ପଟ ମାରିଥିଲେ ।

# ଆଜିଠୁ ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟ



ନୂଆଦିଲ୍ଲୀ, ୧୯।୬(ଏଜେନ୍ସି) : ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି । ଏହି ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରୁ ଭାରତ ଓ ଇଂଲଣ୍ଡ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଚକ୍ର ଆରମ୍ଭ କରିବାକୁ ଯାଉଛନ୍ତି । ବେଶ୍ କିଛି ମାସ ହେବ ଏହି ଶୃଙ୍ଖଳାକୁ ନେଇ ଆଲୋଚନା ସମାଲୋଚନା ତଥା ଚ୍ୟାଲେଞ୍ଜ୍ ଉପରେ ତର୍ଜମା ଚାଲିଛି । କାରଣ ଭାରତୀୟ ଦଳରେ ୩ ଅଭିଜ୍ଞ ଖେଳାଳି ନାହାଁନ୍ତି । ରୋହିତ ଶର୍ମା ଓ ବିରାଟ କୋହଲି ଆଇପିଏଲ୍ ସମୟରେ ଟେଷ୍ଟ ଓ୍ୱିକେଟରୁ ଅବସର ଘୋଷଣା କରିଥିଲେ । ଗତ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ର ଅଶ୍ୱିନ୍ ଅବସର ନେଇଥିଲେ । ତେଣୁ ଏହି ୩ ପୁରୁଖା ଖେଳାଳିଙ୍କ ବିନା ଯୁବ ଭାରତୀୟ ଦଳ ପାଇଁ ଇଂଲଣ୍ଡ ଗସ୍ତ ସମ୍ପୂର୍ଣ୍ଣ ଭାବେ ଚ୍ୟାଲେଞ୍ଜ୍ ପୂର୍ଣ୍ଣ ରହିବ । ଦଳର ଅଭିଜ୍ଞ ରବିନ୍ଦ୍ର ଜାଡେଜାଙ୍କ ସହ ଯଶପ୍ରୀତ ବୁମରା ଅଛନ୍ତି । ତେଣୁ ବୋଲିଂ ବର୍ଗ ଅପେକ୍ଷା ଭାରତ ପାଇଁ ବ୍ୟାଟିଂ ମଙ୍ଗ କିଏ ଧରିବ ସେ ନେଇ ଅନିଶ୍ଚିତତା ଜାରି ରହିଛି । ନବାଗତ ଅଧିନାୟକ ଭାବେ ଶୁଭମନ୍ ଗିଲ୍ ଦଳର ନେତୃତ୍ୱ ନେବେ । ତାଙ୍କ ପାଇଁ ଏହି ଶୃଙ୍ଖଳା ଅଗ୍ନିପରୀକ୍ଷା ଭଳି ହେବ ।

ଶୃଙ୍ଖଳା ଆରମ୍ଭ ପୂର୍ବରୁ ଭାରତ ପାଇଁ ନିରାଶଜନକ ଖବର ଆସିଛି । ଦୀର୍ଘ ୮ ବର୍ଷ ତଳେ ଦଳକୁ ଫେରିଥିବା କରୁଣ ନାଏର ଅଭ୍ୟାସ ସମୟରେ ଆହତ ହୋଇଛନ୍ତି । ପ୍ରସିଦ୍ଧ କ୍ରୀଷ୍ଣାଙ୍କ ବଲ ତାଙ୍କ ପେଟରେ ବାଜିଥିଲା । କିଛି ସମୟରେ ସେ ବ୍ୟାଟିଂ ଜାରି ରଖିଥିଲେ ହେଁ ଅସୁସ୍ଥ ଅନୁଭବ କରିଥିଲେ । ଏହା ପରେ ସେ ଅଭ୍ୟାସ ବନ୍ଦ କରି ଫିଜିଓଙ୍କ ସହ କଥା ହୋଇଥିଲେ । କରୁଣ ନାଏରଙ୍କ ଏହି ଆଘାତ କେତେ ଗୁରୁତର ତାହା ଜଣା ପଡିନାହିଁ ।

ଇଂଲଣ୍ଡ ଗସ୍ତରେ ଏହି ବ୍ୟାଟ୍ସର ଦମ୍ଦାର ଫର୍ମରେ ଅଛନ୍ତି । ଅଭ୍ୟାସ ମ୍ୟାଚ୍‌ରେ ୨୫୯ ରନ୍ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି । କରୁଣ ନାଏର ଭାରତ ପାଇଁ ୨୦୧୭ ରେ ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ୮ ବର୍ଷ ପରେ ସେ ଜାତୀୟ ଦଳକୁ ଫେରିଛନ୍ତି । ଚୂଡାନ୍ତ ଏକାଦଶରେ ସେ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି । ହେଲେ ମ୍ୟାଚ୍ ପୂର୍ବରୁ ଏହି ଆଘାତ ସମସ୍ୟା ଦଳ ପାଇଁ ଚିନ୍ତାର କାରଣ ପାଲଟିଛି । ଯଦି ନାଏର ଫିଟ୍ ନହୁଅନ୍ତି ତେବେ ଚୂଡାନ୍ତ ଏକାଦଶରେ ତାଙ୍କ ସ୍ଥାନ ଅନ୍ୟ କୌଣସି ଖେଳାଳିଙ୍କୁ ଦିଆଯାଇପାରେ । ଏହିଭଳି ପରିସ୍ଥିତିରେ ଅଭିମନ୍ୟୁ ଇଶ୍ୱରନ୍‌ଙ୍କ ଉପରେ ଅଧିକ ଭରସା ଦେଖାଇବ ।

ଇଶ୍ୱରନ୍ ଦୀର୍ଘ ସମୟ ଧରି ଭାରତୀୟ ଏ ଦଳ ଓ ଘରୋଇ କ୍ରିକେଟ୍‌ରେ ପ୍ରଭାବଶାଳୀ ପ୍ରଦର୍ଶନ କରିଆସିଛନ୍ତି । ତେବେ ମ୍ୟାଚ୍ ଦିନ ଟସ୍ ପୂର୍ବରୁ ହିଁ ଚିତ୍ର ସ୍ପଷ୍ଟ ହୋଇଯିବ । ଅନ୍ୟପଟେ ଇଂଲଣ୍ଡ ପ୍ରଥମ ଟେଷ୍ଟ ମୁକାବିଲା ପାଇଁ ଦଳ ଘୋଷଣା କରିସାରିଛି ।

ଏହି ଶୃଙ୍ଖଳାରେ ବ୍ୟାଟ୍ସର ଓ ବୋଲରଙ୍କ ବ୍ୟତିତ୍ ଅଲରାଉଣ୍ଡରଙ୍କ ଭୂମିକା ମଧ୍ୟ ନିର୍ଣ୍ଣାୟକ ସାବ୍ୟସ୍ତ ହେବ । ଭାରତ ପାଖରେ ଅଭିଜ୍ଞ ଓ ଦକ୍ଷ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଅଛନ୍ତି । ସେ ଇଂଲଣ୍ଡରେ ୭୦ ଓ୍ୱିକେଟ୍ ନେବା



ସହ ଦୁଇଟି ଶତକ ଓ ଦୁଇଟି ଅର୍ଦ୍ଧଶତକ ମାରିଛନ୍ତି । ସେ ଇଂଲଣ୍ଡ ମାଟିରେ ୧୦୩୧ ରନ୍ କରିଛନ୍ତି । ଇଂଲଣ୍ଡ ପାଇଁ ଅଧିନାୟକ ବେନ୍ ଷ୍ଟୋକ୍ ସବୁଠୁ ବଡ ଅସ୍ତ୍ର ହେବ । ବେନ୍ ଷ୍ଟୋକ୍‌ଙ୍କ ପ୍ରଦର୍ଶନ ମଧ୍ୟ ଉଚ୍ଚ କୋଟିର ରହିଛି । ଯଶପ୍ରୀତ ବୁମରା, ପ୍ରସିଦ୍ଧ କ୍ରୀଷ୍ଣା ଓ ମହମ୍ମଦ ସିରାଜ ଭାରତୀୟ ବୋଲିଂଙ୍କୁ ସୁଦୃଢ କରିବେ । ଶେଷ ମୁହୂର୍ତ୍ତରେ ଯଦି ହର୍ସିତ୍ ରାଣାଙ୍କୁ ସାମିଲ କରାଯାଏ ତେବେ ଭାରତ ମଧ୍ୟ ଆଉ ଏକ ମାଷ୍ଟର ଷ୍ଟ୍ରୋକ୍ ଖେଳିବ । ବ୍ୟାଟିଂ ଅର୍ଡରରେ କରୁଣ ନାଏରଙ୍କ ବ୍ୟତୀତ ଯଶସ୍ୱୀ ଜୟସ୍ୱାଲ୍ ଶୁଭମନ୍ ଗିଲ୍ ଓ ଉପଅଧିନାୟକ ରିଷଭ ପନ୍ତ୍‌ଙ୍କ ସଫଳତା ଉପରେ ମ୍ୟାଚ୍‌ର ଫଳାଫଳ ନିର୍ଭର କରିବ ।

ଘରୋଇ ସମସ୍ୟା ପାଇଁ ସ୍ୱଦେଶ ଫେରିଆସିଥିବା କୋଚ୍ ଗୌତମ ଗମ୍ଭୀର ପୁଣି ଦଳ ସହ ଯୋଗ ଦେଇଥିବାରୁ ଖେଳାଳିଙ୍କ ମନୋବଳ ବଢିଛି । ଗମ୍ଭୀରଙ୍କ ମା ସୀମା ଗମ୍ଭୀରଙ୍କ ହୃଦଘାତ ପରେ ସେ ସ୍ୱଦେଶ ଫେରିବାକୁ ବାଧ ହୋଇଥିଲେ । ବୁଧବାର ପୁଣି ଦଳ ସହ ଯୋଗ ଦେଇ ଗମ୍ଭୀର ଖେଳାଳିଙ୍କ ଅଭ୍ୟାସ ଅଧିବେଶନର ତଦାରଖ କରିଥିଲେ । ଗମ୍ଭୀରଙ୍କ ଅନୁପସ୍ଥିତିରେ ସହକାରୀ ପ୍ରଶିକ୍ଷକ ସୀତାଂଶୁ କୋଟାକ, ରିୟାନ୍ ଟେନ୍ ଡୋଶ୍ଚେଟ୍, ମର୍ଣ୍ଣ ମୋରକେଲ୍ ଭାରତୀୟ ଖେଳାଳିଙ୍କ ଅଭ୍ୟାସ ତଦାରଖ କରିଥିଲେ । ଏହାଛଡା ଭାରତୀୟ ଏ ଦଳର ପ୍ରଶିକ୍ଷକ ହୃଷିକେଶ କାନିତ୍‌କର ଓ ଜାତୀୟ କ୍ରିକେଟ୍ ଏକାଡେମୀର ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ ଇଂଲଣ୍ଡରେ ଅଛନ୍ତି ।

ସମ୍ଭାବ୍ୟ ଭାରତୀୟ ଦଳ : ଶୁଭମନ୍ ଗିଲ୍, ରିଷଭ ପନ୍ତ, ଆକାଶ ଦିପ୍, ଅର୍ଶଦୀପ୍ ସିଂ, ଯଶପ୍ରୀତ ବୁମରା, ଅଭିମନ୍ୟୁ ଇଶ୍ୱରନ୍, ହର୍ସିତ ରାଣା, ରବିନ୍ଦ୍ର ଜାଡେଜା, ଯଶସ୍ୱି ଜୟସ୍ୱାଲ୍, ଧ୍ରୁବ୍ ଜୁରେଲ୍, କୁଲଦିପ୍ ଯାଦବ, ମହମ୍ମଦ ସିରାଜ, କରୁଣ ନାଏର, ନିତୀଶ କୁମାର ରେଡ୍ଡି, ପ୍ରସିଦ୍ଧ କ୍ରୀଷ୍ଣା, ଲୋକେଶ ରାହୁଲ, ସାଇ ସୁଦର୍ଶନ, ସାର୍ଦ୍ଦୁଲ୍ ଠାକୁର ଓ୍ୱାସିଂଙ୍ଗଟନ୍ ସୁନ୍ଦର ।

ସମ୍ଭାବ୍ୟ ଇଂଲଣ୍ଡ ଏକାଦଶ : ଜ୍ୟାକ୍ କ୍ରାଓଲି, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ହ୍ୟାରି ବ୍ରୁକ୍, ବେଲ୍ ଷ୍ଟୋକ୍‌ସ, ଜାମି ସ୍ମିଥ୍, କ୍ରିସ୍ ଓକ୍‌ସ, ବ୍ରେଡନ୍ କାରସେ, ଜୋସ୍ ଟଙ୍ଗଓ୍ୱି ଓ ଶୋଏବ୍ ବସିର୍ ।

**ଆଜିର ମ୍ୟାଚ୍**

ସ୍ଥାନ- ଲିଡସ୍

ସମୟ- ଅପରାହ୍ନ ୩.୩୦

ପ୍ରସାରଣ- ଷ୍ଟାର୍

## ଟେଷ୍ଟ ଡେବ୍ୟୁରେ ଭାରତୀୟ ଅଧିନାୟକଙ୍କ ସଫଳତା

ନୂଆଦିଲ୍ଲୀ,୧୯।୬(ଏଜେନ୍ସି): ମାତ୍ର ୨୫ ବର୍ଷ ବୟସରେ ଶୁଭମନ ଗିଲ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ମଙ୍ଗ ଧରିଛନ୍ତି । ସେ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ଏହି ଗୁରୁଦାୟିତ୍ୱ ବହନ କରିବାକୁ ଯାଉଛନ୍ତି । ଅଧିନାୟକ ହେବା ଅଲଗା ଚାପ । ଗିଲ ମଧ ଏହି ଶୃଙ୍ଖଳା ଆରମ୍ଭରୁ ଚାପରେ ରହିବେ । ତେବେ ଭାରତ ବହୁ ଅଧିନାୟକ ଅଛନ୍ତି, ଯେଉଁମାନେ ଡେବ୍ୟୁ ମ୍ୟାଚରେ ପ୍ରଭାବିତ କରିଛନ୍ତି । ସେମାନଙ୍କ ସମ୍ପର୍କରେ ।

ଯଶପ୍ରୀତ ବୁମରା: ଦୀର୍ଘ ସମୟ ବ୍ୟବଧାନ ପରେ ଦ୍ରୁତ ବୋଲର ଯଶପ୍ରୀତ ବୁମରା ଭାରତୀୟ ଟେଷ୍ଟ ଦଳର ମଙ୍ଗ ଧରିଥିଲେ । ଇଂଲଣ୍ଡ ବିପକ୍ଷରେ ସେ ଦଳର ନେତୃତ୍ୱ ନେଇଥିଲେ । ଏହି ମ୍ୟାଚରେ ଇଂଲଣ୍ଡ ୩୭୮ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୭ ଓ୍ୱିକେଟରେ ବିଜୟ ଲାଭ କରିଥିଲା ।

ରୋହିତ ଶର୍ମା: ରୋହିତ ଶର୍ମାଙ୍କ ଟେଷ୍ଟ ଅଧିନାୟକ ଡେବ୍ୟୁ ଧମାକାଦାର ଥିଲା । ମୋହାଲିରେ ଶ୍ରୀଲଙ୍କା ବିପକ୍ଷ(୨୦୨୨)ମ୍ୟାଚରେ ସେ ଦଳର ନେତୃତ୍ୱ ନେଇଥିଲେ । ସେ ମାତ୍ର ୨୯ରନ୍ କରିଥିଲେ । କିନ୍ତୁ ଭାରତ ଇନିଂସ୍ ଓ ୨୨୨ରନ୍ ବ୍ୟବଧାନରେ ବିଜୟ ହାସଲ କରିଥିଲା ।

ଆଜିଙ୍କ୍ୟ ରାହାଣେ: ଅଷ୍ଟ୍ରେଲିଆ ବିପକ୍ଷ ଧର୍ମଶାଳା ଟେଷ୍ଟ(୨୦୧୭)ରେ ଆଜିଙ୍କ୍ୟ ରାହାଣେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ । ଅଧିନାୟକ ଭାବେ ଏହା ରାହାଣେଙ୍କ ଡେବ୍ୟୁ ଟେଷ୍ଟ ଥିଲା । ଏହି ମ୍ୟାଚରେ ଭାରତ ୮ ଓ୍ୱିକେଟରେ ଅଷ୍ଟ୍ରେଲିଆକୁ ଧରାଶାୟୀ କରିବା ସହ ରାହାଣେ ସ୍ୱତନ୍ତ୍ର ଅନୁଭୂତି ସାଉଁଟିଥିଲେ । ଏହି ମ୍ୟାଚରେ ରାହାଣେ ଦୁଇଟି ଇନିଂସରେ ୪୬ ଓ ୩୮ରନ୍ କରିଥିଲେ ।

ବିରାଟ କୋହଲି(୨୦୧୪): ବିରାଟ କୋହଲିଙ୍କ ଟେଷ୍ଟ ଅଧିନାୟକ ଭାବେ ଡେବ୍ୟୁ ସ୍ମରଣୀୟ । ସେ ଅଷ୍ଟ୍ରେଲିଆ ବିପକ୍ଷ ଆଡିଲେଡ୍ ଟେଷ୍ଟର ଦୁଇଟି ଇନିଂସରେ ଶତକ (୧୧୫ ଓ ୧୪୧ରନ୍) ହାସଲ କରିଥିଲେ । କିନ୍ତୁ ଭାରତ ୪୮ରନ୍ ବ୍ୟବଧାନରେ ହାରିଥିଲା ।

ଏମଏସ୍ ଧୋନି(୨୦୦୮): ୨୦୦୮ରେ କାନପୁରରେ ଦ.ଆଫ୍ରିକା ବିପକ୍ଷରେ ଧୋନି ଅଧିନାୟକ ଭାବେ ଡେବ୍ୟୁ କରିଥିଲେ । ଏହି ମ୍ୟାଚରେ ଭାରତ ବିଜୟ ଲାଭ କରିଥିଲା । ସେ ଗୋଟିଏ ଇନିଂସରେ କେବଳ ୩୨ରନ୍ କରିଥିଲେ । ଚତୁର୍ଥ ଇନିଂସ୍ ଭାରତ ଏକ ଛୋଟିଆ ଟାର୍ଗେଟ୍‌କୁ ସହଜରେ ହାସଲ କରିନେଇଥିଲା । ଅନିଲ କୁମ୍ବଲେ(୨୦୦୭): ଦିଲ୍ଲୀରେ ଅନିଲ କୁମ୍ବଲେ ୨୦୦୭ରେ ପାକିସ୍ତାନ ବିପକ୍ଷ ମ୍ୟାଚରେ ଦଳର ନେତୃତ୍ୱ ନେଇଥିଲେ । ଏହି ମ୍ୟାଚରେ କୁମ୍ବଲେ ୭ ଓ୍ୱିକେଟ ଦଖଲ କରିଥିଲେ । ତେଣୁ ଭାରତ ଏହି ମ୍ୟାଚରେ ପାକିସ୍ତାନକୁ ୬ ଓ୍ୱିକେଟରେ ହରାଇ ସ୍ମରଣୀୟ ବିଜୟ ହାସଲ କରିଥିଲା ।

ବୀରେନ୍ଦ୍ର ସେହ୍ୱାଗ(୨୦୦୫): ଅହମ୍ମଦାବାଦ(୨୦୦୫)ରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ଖେଳିଥିଲା ଭାରତ । ବୀରେନ୍ଦ୍ର ସେହ୍ୱାଗ ଦଳର ନେତୃତ୍ୱ ନେଇଥିଲେ । ସେ ଦୁଇଟି ଇନିଂସରେ ଯଥା ୨୦ ଓ ଶୂନ୍ୟ କରିଥିଲେ । ତଥାପି ଭାରତ ଏହି ମ୍ୟାଚରେ ୨୫୯ରନ୍ ବ୍ୟବଧାନରେ ବିଜୟ ଲାଭକରିଥିଲା । ରାହୁଲ ଦ୍ରାବିଡ୍(୨୦୦୩): ନ୍ୟୁଜିଲାଣ୍ଡ ବିପକ୍ଷ ମୋହାଲି ଟେଷ୍ଟ(୨୦୦୩)ରେ ରାହୁଲ ଦ୍ରାବିଡ ଅଧିନାୟକ ଭାବେ ଟେଷ୍ଟ ଡେବ୍ୟୁ କରିଥିଲେ । ଏହି ମ୍ୟାଚ ଡ୍ର ରହିଥିଲା ।

ସୌରଭ ଗାଙ୍ଗୁଲି(୨୦୦୦): ଢ଼ାକାରେ ବାଂଲାଦେଶ ବିପକ୍ଷ ମ୍ୟାଚରେ ଗାଙ୍ଗୁଲୀ ଅଧିନାୟକ ଭାବେ ଡେବ୍ୟୁ କରିଥିଲେ । ସେ ପ୍ରଥମ ଇନିଂସରେ ୮୪ରନ୍ ସଂଗ୍ରହ କରିଥିଲେ । ଏହି ମ୍ୟାଚରେ ଭାରତ ଜମାଣିଆ ବିଜୟ ହାସଲ କରିଥିଲା ।

ଏବେ ଶୁଭମନ ଗିଲଙ୍କ ପାଳି । ସେ ଅଧିନାୟକ ଭାବେ ଡେବ୍ୟୁ ମ୍ୟାଚ କିଭଳି ଦଳର ନେତୃତ୍ୱ ନେବେ ତାହା ଉପରେ ସମସ୍ତଙ୍କ ନଜର ରହିବ ।

## ରଗ୍‌ବୀ ପ୍ରିମିୟର ଲିଗ୍

## ଚେନ୍ନାଇ ବୁଲ୍ସ ସହ ଡ୍ର ରଖିଲା କଳିଙ୍ଗ



ମୁମ୍ବାଇ, ୧୯।୬ (ଏଜେନ୍ସି) : ମୁମ୍ବାଇର ସାହାଜି କ୍ରୀଡା କମ୍ପ୍ଲେକ୍ସରେ ଜାରି ରହିଥିବା ରଗ୍‌ବୀ ପ୍ରିମିୟର୍ ଲିଗ୍‌ର ଏକ ରୋମାଞ୍ଚକର ମ୍ୟାଚ୍‌ରେ ଚେନ୍ନାଇ ବୁଲ୍ସ ସହ ୨୬-୨୬ରେ ମ୍ୟାଚ୍ ଡ୍ର ରଖିଛି କଳିଙ୍ଗ ବ୍ଲାକ୍ ଟାଇଗର୍ସ ।

ଚଳିତ ପ୍ରିମିୟର ଲିଗ୍‌ର ଅଷ୍ଟମ ମ୍ୟାଚ୍‌ରେ ଏହି ରୋମାଞ୍ଚକର ମ୍ୟାଚ୍ ଦେଖିବାକୁ ମିଳିଥିଲା । ସିଜନ୍‌ର ପ୍ରଥମ ତିନୋଟି ମ୍ୟାଚ୍ ଜିତିଥିବା ଚେନ୍ନାଇ ବୁଲ୍ସ ଆରମ୍ଭରୁ ଗତିଶୀଳତା ସହ ଆରମ୍ଭ କରିଥିଲେ । କିନ୍ତୁ କଳିଙ୍ଗ ବ୍ଲାକ୍ ଟାଇଗର୍ସ ମଧ୍ୟ ଅନୁରୂପ ପ୍ରଦର୍ଶନ ଦେଖାଇଥିଲା । ଏହି ମ୍ୟାଚ୍‌ର ଫଳାଫଳ କଳିଙ୍ଗ ଟିମ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ହଞ୍ଜ୍ ଭେଞ୍ଚର୍ସ ସମର୍ଥିତ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଆରପିଏଲ୍ ମଞ୍ଚରେ ଓଡିଶାର ପ୍ରତିନିଧିତ୍ୱ କରୁଛି । ମ୍ୟାଚ୍ ଆରମ୍ଭରୁ ତୀବ୍ର ଲଢେଇ ହୋଇଥିଲା । ଖେଳ ଏପରି ଥିଲା ଯେ, ଫଳାଫଳ କେଉଁ ଦଳ ସପକ୍ଷରେ ଯିବ ତାହା ଶେଷ ଯାଏ ସ୍ଥିର ହୋଇପାରିନଥିଲା । ଏହି ଡ୍ର କଳିଙ୍ଗକୁ ପ୍ଲେ ଅଫ୍ ଯୋଗ୍ୟତା ହାସଲ କରିବାକୁ ସୁଯୋଗ ଆଣି ଦେଇଛି । ଲିଗ୍ ଅନ୍ୟ ପକ୍ଷମାନଙ୍କୁ ଏକ ଦୃଢ ବାର୍ତ୍ତା ଦେଇଛି । ଟିମ୍‌ର ସନ୍ତୁଳିତ ପ୍ରଦର୍ଶନ, କଡା ରକ୍ଷଣାତ୍ମକ ସଂରଞ୍ଚନା ଏବଂ ସ୍କୋର କରିବାର ଏକ ନିଷ୍ଠ ଐକିକତା ସେମାନଙ୍କୁ ଆଗାମୀ ମ୍ୟାଚ୍‌ଗୁଡିକରେ ଏକ ଦଳ କରି ଗଢି ତୋଳିଛି । ଏହି ଫଳାଫଳକୁ ନେଇ କଳିଙ୍ଗ ଟାଇଗର୍ସ ଅଧିନାୟକ ହରି ମ୍ୟାକନ୍‌ଲିଟ୍

## ୧ ବିଲିଅନ ଦର୍ଶକ ଦେଖିଲେ ଆଇପିଏଲ୍



ନୂଆଦିଲ୍ଲୀ,୧୯।୬(ଏଜେନ୍ସି): ଆଇପିଏଲ ୧୮ତମ ଟାଇଟଲ ହାସଲ କରିଥିଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ଟୁର୍ଣ୍ଣାମେଣ୍ଟରେ ନୂଆ ଚାମ୍ପିଅନ ମିଳିଲା । ଆଇପିଏଲ ୨୦୨୫ ଭ୍ୟୁଅରସିପ ମାମଲାରେ ଗତ ସମସ୍ତ ରେକର୍ଡ ଭାଙ୍ଗିଛି ଏଥର ଫାଇନାଲ ମ୍ୟାଚ । ଚଳିତବର୍ଷ ଆଇପିଏଲ ସିଜନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୫ ଓ୍ୱିକେଟରେ ପଞ୍ଜାବ କିଙ୍ଗସକୁ ହରାଇ ଜିତିଥିଲା ଟ୍ରଫି ।

ଅଫିସିଆଲ ବ୍ରଡକାଷ୍ଟର ଜିଓଷ୍ଟାର ମୁତାବକ, ଆଇପିଏଲ ୨୦୨୫ ଟିଭି ଏବଂ ଡିଜିଟାଲ ପ୍ଲାଟଫର୍ମରେ ମୋଟ ୮୪୦ ବିଲିଅନ ମିନିଟରୁ ଅଧିକ ଦେଖାଯାଇଛି । ଏକ ବିଲିଅନରୁ ଅଧିକ ଲୋକ ଟୁର୍ଣ୍ଣାମେଣ୍ଟକୁ ଦେଖିଛନ୍ତି । ଆଇପିଏଲ ଆରମ୍ଭ ମ୍ୟାଚରେ ଭ୍ୟୁଅରସିପ ଅଧିକ ରହିଥିଲା । ଜିଓ ହଟଷ୍ଟାରରେ ପ୍ରଥମ ୩ଟି ମ୍ୟାଚ ପୂର୍ବ ବର୍ଷ ତୁଳନାରେ ୪୦ ପ୍ରତିଶତ ଅଧିକ ରହିଥିଲା । ଯାହାକୁ ମୋଟ ୧୩୭ କୋଟି ଲୋକ ଦେଖିଥିଲେ ।

ଆଇପିଏଲ ୨୦୨୫ ଫାଇନାଲ ମ୍ୟାଚ ଟି୨୦ ଇତିହାସରେ ସବୁଠାରୁ ଅଧିକ ଦେଖାଯାଇଥିବା ମ୍ୟାଚ ହୋଇଥିଲା । ଏହି ମ୍ୟାଚକୁ ଅଲଗା ଅଲଗା ପ୍ଲାଟଫର୍ମରେ ୩୧.୭ ବିଲିଅନ ମିନିଟ ଓ୍ୱାଚଟାଇମ ମିଳିଥିଲା, ଯାହା ଏପର୍ଯ୍ୟନ୍ତ ରେକର୍ଡ । ଟିଭିରେ ଏହି ଟାଇଟଲକୁ ୧୬୯ ମିଲିଅନ ଲୋକ ଦେଖିଛନ୍ତି । ଡିଜିଟାଲ ପ୍ଲାଟଫର୍ମରେ ୮୯୨ ମିଲିଅନ ଭିଡିଓ ଭ୍ୟୁ ଏବଂ ୫୫ ମିଲିଅନ ଦର୍ଶକ ଦେଖିଛନ୍ତି । ଷ୍ଟାର ସ୍ପୋର୍ଟ୍ସରେ ୪୫୬ ବିଲିଅନ ମିନିଟ ଲାଇଭ କଭରେଜ ଦେଇଥିଲା, ଯାହା ଟୁର୍ଣ୍ଣାମେଣ୍ଟର ପାଇଁ ସବୁଠାରୁ ଅଧିକ ।

## ଜାତୀୟ ଜୁନିୟର କରାଟେ ରୋହନଙ୍କୁ ବ୍ରୋଞ୍ଜ

ବାଲୁଁଗା,୧୯।୬(ସବ୍ୟୁ): ଗତ ୧୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଡେରାଡୁନ୍ ଠାରେ ଚାଲିଥିବା ୪ର୍ଥ (କିଓ) ଜାତୀୟ ଜୁନିୟର କରାଟେ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ବାଲୁଁଗା ଉତ୍କଳ କରାଟେ ସ୍କୁଲର କରାଟେକା ରୋହନ ସ୍ୱାଇଁ ୧୩ ବର୍ଷ ୬୫ କେଜି ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହା ଥିଲା ତାଙ୍କର ପ୍ରଥମ ଜାତୀୟ ପ୍ରତିଯୋଗିତା । କୋଚ୍ ଦୀପକ କୁମାର ସାମନ୍ତରା କହିଛନ୍ତି, ଏବେଠାରୁ ଆହୁରି ନୂତନ ପ୍ରକାରର ପ୍ରଣାଳୀରେ ଟ୍ରେନିଂ କରାଇ ଆସନ୍ତା ଦିନ ମାନଙ୍କରେ ହେବାକୁ ଥିବା ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ । ରୋହନଙ୍କ ଏହି ସଫଳତା ପାଇଁ ରାଜ୍ୟ କରାଟେ ସଂଘ ଅଧକ୍ଷ ହାନସି ଡ.ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ. ଗୌରୀ ମହାନ୍ତି, ପରିବାର ବର୍ଗ, ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ, ଅଞ୍ଚଳର କ୍ରୀଡ଼ାପ୍ରେମୀ ଓ ଜିଲ୍ଲା କରାଟେ ସଂଘର ସମ୍ପାଦକ ଦୀପକ କୁମାର ସାମନ୍ତରା ଶୁଭେଚ୍ଛା ଜଣାଇଛନ୍ତି । ସୂଚନା ଯୋଗ୍ୟ ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲ୍ଲାରୁ ୫ ଜଣ ପ୍ରତିଯୋଗୀ ଓଡ଼ିଶା ରାଜ୍ୟରୁ ପ୍ରତିନିଧି କରିଥିଲେ ।

## ଗାଲେ ଟେଷ୍ଟ

# ଶ୍ରୀଲଙ୍କାର ଲଢୁଆ ଜବାବ



ଗାଲେ, ୧୯।୬(ଏଜେନ୍ସି) : ଶ୍ରୀଲଙ୍କା-ବାଂଲାଦେଶ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ରୋମାଞ୍ଚ ଜାରି ରହିଛି । ଉଭୟ ଦଳର ବ୍ୟାଟର ଖୁବ୍ ଚମକାର ପ୍ରଦର୍ଶନ ଦେଖାଇଛନ୍ତି । ବାଂଲାଦେଶ ପ୍ରଥମ ପାଳିରେ ୪୯୫ ରନ୍ କରି ଅଲ୍‌ଆଉଟ୍ ହୋଇଥିବାବେଳେ ଶ୍ରୀଲଙ୍କା ପ୍ରଥମ ଇନିଂସ୍ ବ୍ୟାଟିଙ୍ଗ୍ ଆରମ୍ଭ କରି ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୯୩ ଓଭରରେ ୪ ଓ୍ୱିକେଟ୍‌ରେ ହରାଇ ୩୬୮ ରନ୍ କରିଛି । ଓପନ୍‌ର ପାଥୁମନିଶାଙ୍କ ୧୮୭ ରନ୍‌ର ଜମାଣିଆ ଇନିଂସ୍ ଖେଳିଥିଲେ ।

ତୃତୀୟ ଦିନ ବାଂଲାଦେଶ ଅସମାପ୍ତ ପ୍ରଥମ ଇନିଂସ୍ ୪୮୪/୯ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଥିଲା । ଦଳୀୟ ସ୍କୋରରେ ଆଉ ୧୧ ରନ୍ ଯୋଡିବା ପରେ ନାହିଦ୍ ରାଣା ଶେଷ ଓ୍ୱିକେଟ୍ ଭାବେ ପାଭିଲିୟନ୍ ଖେଳିଥିଲେ । ହସନ୍ ମହମ୍ମୁଦ୍ ୭ ରନ୍ କରି ଅପରାଜିତ ଥିଲେ । ପୂର୍ବରୁ ଅଧିନାୟକ ନାଜମୁଲ୍ ହୁସେନ୍ ସାଣ୍ଟୋ ୧୪୮, ମୁସଫିକର୍ ରହିମ୍ ୧୬୩ ରନ୍, ଲିଟନ୍ ଦାସ ୯୦ରନ୍ କରିଥିଲେ । ତେରୁ ତୃତୀୟ ଦିନ ପ୍ରଥମ ଅଧିବେଶନରେ ବାଂଲାଦେଶ ୧୫୩.୪ ଓଭରରେ ୪୯୫ ରନ୍‌ରେ ଅଲଆଉଟ୍ ହୋଇଥିଲା । ଶ୍ରୀଲଙ୍କାର ଅସିଥ୍ ଫର୍ଣ୍ଣାଣ୍ଡୋ ୪ ଟି, ମିଲନ୍ ରନାୟକେ ଓ ଫାରିନ୍ଦୁ ରନାୟକେ ୩ ଲେଖାଏଁ ଓ୍ୱିକେଟ୍ ହାସଲ କରିଥିଲେ ।

ବାଂଲାଦେଶ ଇନିଂସ୍ ଶେଷ ହେବା ପରେ ପ୍ରଥମ ପାଳି ବ୍ୟାଟିଙ୍ଗ୍ ଆରମ୍ଭ କରିଥିଲା ଘରୋଇ ଶ୍ରୀଲଙ୍କା । ଓପନ୍‌ର ପାଥୁମ ନିଶାଙ୍କ ସହ ଲାହିରୁ ଉଡାରା ପାଳି ଆରମ୍ଭ କରିଥିଲେ । ପ୍ରଥମ ଓ୍ୱିକେଟ୍ ୪୭ ରନ୍ ପାର୍ଟନର ସିପ୍ ହୋଇଥିଲା । ବ୍ୟାଟିଙ୍ଗ୍ ଫ୍ରେଣ୍ଡଲି ଓ୍ୱିକେଟ୍‌ରେ ପାଥୁମ ଜମାଣିଆ ଖେଳିଥିବା ବେଳେ ଲାହିରୁ ଉଡାରା ପ୍ରଥମ ଓ୍ୱିକେଟ୍ ଭାବେ ପାଭିଲିୟମ୍ ଫେରିଥିଲେ । ଲାହିରୁ ୩୪ ବଲ୍ ସମ୍ମୁଖୀନ ହୋଇ ୨୯ ରନ୍ କରିଥିଲେ । ପ୍ରଥମ ଓ୍ୱିକେଟ୍ ଝଡିବା ପରେ ପଡିଆକୁ ଆସିଥିଲେ ଦିନେସ ସାଣ୍ଡିମଲ୍ । ଦ୍ୱିତୀୟ ଓ୍ୱିକେଟ୍ ପାଇଁ ନିଶାଙ୍କ ଓ ଚାଣ୍ଡିମନ୍‌ଙ୍କ ମଧ୍ୟରେ ୧୫୭ ରନ୍‌ର ପାର୍ଟନର ସିପ୍ ହୋଇଥିଲା । ଚାଣ୍ଡିମନ୍ ୫୪ ରନ୍‌ର ଅର୍ଦ୍ଧ ଶତକୀୟ ଇନିଂସ୍ ଖେଳିଥିଲେ । ସେ ପାଭିଲିୟନ୍ ଫେରିବା ବେଳକୁ ଶ୍ରୀଲଙ୍କାର ଦଳୀୟ ସ୍କୋର ୫୧.୫ ଓଭରରେ ୨୦୪/୨ରେ ପହଞ୍ଚିଥିଲା । ୪ ନମ୍ବର ସ୍ଥାନରେ ବ୍ୟାଟିଙ୍ଗ୍ କରିବାକୁ ଆଞ୍ଜେଲୋ ମାଥ୍ୟୁସ୍ ଆସିଥିଲେ । ସେ ୬୯ ବଲ୍‌ର ସମ୍ମୁଖୀନ ହୋଇ ଗୋଟିଏ ଛକା ଓ ୩ ଟି ଚଉକା ସହାୟତାରେ ୩୯ ରନ୍ କରିଥିଲେ । ମୋମିନୁଲ୍ ହକ୍ ଏହି ସେଟ୍ ବ୍ୟାଟର ଆଞ୍ଜେଲ୍ ମାଥ୍ୟୁସ୍‌ଙ୍କୁ ଆଉଟ୍ କରିବାରୁ ରନ୍ ସଂଗ୍ରହରେ ସାମାନ୍ୟ ଅଙ୍କୁଶ ଲାଗିଥିଲା । କିନ୍ତୁ ପାଥୁମ୍ ନିଶାଙ୍କ ବ୍ୟାଟ୍ ଥମି ନଥିଲା । ସେ ୮୮ ବଲ୍‌ରୁ ଅର୍ଦ୍ଧ ଶତକ, ୧୩୬ ବଲ୍‌ରୁ ଶତକ ପୂରଣ କରିଥିଲେ । ସେ ୨୦୧ ବଲ୍‌ରୁ ୧୫୦ ରନ୍ ପୂରଣ କରିଥିଲେ । ନିଶାଙ୍କ ୨୫୬ ବଲ୍ ସମ୍ମୁଖୀନ ହୋଇ ୨୩ ଟି ଚଉକା ଓ ଗୋଟିଏ ଛକା ସହାୟତାରେ ୧୮୭ ରନ୍ କରି ମହମ୍ମୁଦଙ୍କ ଶିକାର ହୋଇଥିଲେ । ନିଶାଙ୍କ ଆଉଟ୍ ହେବା ବେଳକୁ ଶ୍ରୀଲଙ୍କା ୮୫.୩ ଓଭରରେ ୩୩୧ ରନ୍ ସଂଗ୍ରହ କରିଥିଲା । ଏହା ପରେ କାମିନ୍ଦୁ ମେଣ୍ଡିସ୍ ୫୬ ବଲରୁ ୩୭ ଓ ଅଧିନାୟକ ଧନଞ୍ଜୟ ଡିସିଲଭା ୨୬ ବଲରୁ ୧୭ ରନ୍ କରି ଅପରାଜିତ ଅଛନ୍ତି । ତେଣୁ ଶ୍ରୀଲଙ୍କା ୯୩ ଓଭରରେ ୪ ଓ୍ୱିକେଟ୍ ହରାଇ ୩୬୮ ରନ୍ କରିଛି । ଏବେବି ଘରୋଇ ଦଳ ବାଂଲାଦେଶ ଇନିଂସ୍‌ଠାରୁ ୧୨୭ ରନ୍‌ଠାରୁ ପଛରେ ଅଛି । ବାଂଲାଦେଶର ହାସନ୍ ମହମ୍ମୁଦ୍, ତାଇଜୁଲ୍ ଇସଲାମ୍, ନଇମ ହାସନ୍ ଓ ମୋମିନୁଲ୍ ହକ୍ ଗୋଟିଏ କରି ଓ୍ୱିକେଟ୍ ସଫଳତା ହାସଲ କରିଥିଲେ । ମ୍ୟାଚ୍‌ର ଆଉ ଦୁଇଦିନ ବାକି ଥିବାରୁ ଘରୋଇ ଦଳ ଫଳାଫଳ ଆଶାରେ ସଂଘର୍ଷ କରିବ ।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି